ଅମୀର ଖାନ୍‌ଙ୍କୁ ବିଷ୍ଫୋଇ ଗ୍ୟାଙ୍ଗର ଧମକ

ପୃଷ୍ଠା ୫

ସଞ୍ଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 213 ଭାଗ ୩୪ | ସଂଖ୍ୟା ୨୧୩ | Tuesday 27 October 2026 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର, ୨୭ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

Ministry of Home Affairs
Government of India

ଭାରତକୁ ନକ୍ସଲମୁକ୍ତ କରିବାରେ
ଯୋଗଦାନ ଦେଇଥିବା ସେହି ବୀରମାନଙ୍କ ପାଇଁ
ଏକ ବାର୍ତ୍ତା ଲେଖନ୍ତୁ ଏବଂ
ଏହାକୁ ଅନଲାଇନରେ ଶେୟାର କରନ୍ତୁ।

ଆଭ୍ୟନ୍ତରୀଣ ସୁରକ୍ଷା ବାହିନୀକୁ ସଲାମ

ଜାତୀୟ ଏକତା ଦିବସ
୩୧ ଅକ୍ଟୋବର, ୨୦୨୬
ଏକତା ନଗର, ଗୁଜରାଟ

ଏକତାର ବିବିଧ ରଙ୍ଗ ଦେଖନ୍ତୁ, ଗୋଟିଏ ସ୍ଥାନରେ

ଭାରତ ପର୍ବ
୧ ରୁ ୧୫ ନଭେମ୍ବର, ୨୦୨୬
ଏକତା ନଗର, ଗୁଜରାଟ

Rashtriya Ekta Diwas
31st OCTOBER, 2026
Statue of Unity, Ekta Nagar, Gujarat

ସୂଚନା ଏବଂ ରହିବା ପାଇଁ ସ୍ଥାନ ବୁକ୍ କରିବାକୁ ସ୍କାନ କରନ୍ତୁ କିମ୍ବା ପରିଦର୍ଶନ କରନ୍ତୁ rashtriyaektadiwas.com

ଶ୍ରୀ ନରେନ୍ଦ୍ର ମୋଦୀ
ମାନ୍ୟବର ପ୍ରଧାନମନ୍ତ୍ରୀ

CBC 19101/13/0020/2627

କୋଟିଆ ସୀମାରେ ପୁଲିସର କଡ଼ା ପହରା

- ୬ ସମ୍ବେଦନଶୀଳ ଗାଁରେ ନାକାବନ୍ଦୀ
- କୋଟିଆକୁ ନେଇ ସାଲିସ୍ ହେବନିଃ ମନମୋହନ
- ଆଜି କୋଟିଆ କମିଟି ବୈଠକ

ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): କୋଟିଆ ସୀମାରେ ପୁଲିସର କଡ଼ା ପହରା। ଆନ୍ଧ୍ର-ଓଡ଼ିଶା ସୀମାନ୍ତର ସମ୍ବେଦନଶୀଳ ଗାଁଗୁଡ଼ିକରେ ଆଲର୍ଟ ମୋଡ୍‌ରେ କୋରାପୁଟ ପୁଲିସ। ନେରଡ଼ିବାଲସା, ତାଡ଼ିବାଲସା, ଆରୁଜୁବାଲସା, ଉପର ସମ୍ବି, ଫଗୁନସୁନେରି ଓ ଫଟୁସୁନେରିରେ ପୁଲିସ ଟେଣ୍ଟ ସ୍ଥାପନ ସହ ନାକାବନ୍ଦୀ ଓ ଚେକ୍ ପୋଷ୍ଟ ବ୍ୟବସ୍ଥା କରାଯାଇଛି। ନିୟୋଜିତ ପୁଲିସ ଅଧିକାରୀ ଓ କର୍ମଚାରୀ ପ୍ରତିଟି ଗତିବିଧି ଉପରେ କଡ଼ା ନଜର ରଖିଛନ୍ତି। ସମ୍ଭାବ୍ୟ ଅନୁପ୍ରବେଶ ଓ ନିର୍ବାଚନୀ କାର୍ଯ୍ୟକଳାପ ଉପରେ ନଜର ରଖିବା ସହ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣରେ ରଖିବାକୁ ପୁଲିସର ଏହି ପଦକ୍ଷେପ। ଅନ୍ୟପଟେ ଦୁଇ ରାଜ୍ୟର ପୁଲିସ ମଧ୍ୟରେ ଉତ୍ତେଜନାମୂଳକ ସ୍ଥିତି ସୀମା ବିବାଦକୁ ପୁଣିଥରେ ସାମ୍ନାକୁ ଆଣିଛି। ଏପଟେ କୋଟିଆରେ ଜୋରଦାର ହୋଇଛି ଆନ୍ଧ୍ରର ନିର୍ବାଚନୀ ପ୍ରଚାର। ଆସନ୍ତା ୩ ତାରିଖରେ ଆନ୍ଧ୍ରର ପଞ୍ଚାୟତ ନିର୍ବାଚନ ଥିବାରୁ ଟିଡିପି, ୱାଇଏସଆର କଂଗ୍ରେସ ସମେତ ବିଭିନ୍ନ ଦଳର ପ୍ରାର୍ଥୀ ନିଜ ନିଜ ସପକ୍ଷରେ ଜନମତ ସୃଷ୍ଟି କରିବାକୁ ଲାଗିପଡ଼ିଛନ୍ତି। ଏଭିତରେ କୋଟିଆକୁ ନେଇ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ। ସରକାର ସୁପ୍ରିମକୋର୍ଟ ଯାଇଛନ୍ତି, କୋଟିଆକୁ ନେଇ ↳ପୃଷ୍ଠା-୬

ଦ୍ୱାଦଶ ବ୍ରିକ୍ସ ସଂସଦୀୟ ଫୋରମ୍ ସମ୍ମିଳନୀ

ବିଶ୍ୱ ପ୍ରଗତି ପାଇଁ ସଶକ୍ତ ସଂସଦକୁ ଗୁରୁତ୍ୱ

ନୂଆଦିଲ୍ଲୀ,୨୬।୧୦: ସୋମବାର ନୂଆଦିଲ୍ଲୀର ସଂସଦ ଭବନ ପରିସରସ୍ଥିତ ଐତିହାସିକ ସମ୍ବିଧାନ ସଦନରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଦୁଇଦିନିଆ ଦ୍ୱାଦଶ ବ୍ରିକ୍ସ ସଂସଦୀୟ ଫୋରମ୍-୨୦୨୬ ସମ୍ମିଳନୀର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଅଭିଭାଷଣରେ ସେ ଜନକଲ୍ୟାଣମୂଳକ ବିକାଶ, ବିଶ୍ୱଶାନ୍ତି, ସ୍ଥାୟୀ ପ୍ରଗତି ଓ ଅନ୍ତର୍ଜାତୀୟ ସହଯୋଗକୁ ଆଗକୁ ବଢ଼ାଇବା ପାଇଁ ବ୍ରିକ୍ସ ଦେଶଗୁଡ଼ିକର ସଂସଦକୁ ଅଧିକ ସଶକ୍ତ କରିବା ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଏହି ଦୁଇଦିନିଆ ଫୋରମ୍‌ରେ ବ୍ରିକ୍ସର ସଦସ୍ୟ ତଥା ସହଯୋଗୀ ରାଷ୍ଟ୍ରଗୁଡ଼ିକର ବହୁ ସଂସଦୀୟ ପ୍ରତିନିଧି ଯୋଗ ଦେଇଛନ୍ତି। ↳ପୃଷ୍ଠା-୬

ଗୋପାଳପୁରଠାରୁ ୪୯୦ କିମି ଦୂରରେ ବାତ୍ୟା 'ଅର୍ଣ୍ଣବ'

ଦୃଶ୍ୟମାନ ହେଲା ଆଖି; ୧୨ ଘଣ୍ଟାରେ ଭୀଷଣ ରୂପ



ଭୁବନେଶ୍ୱର,୨୬।୧୦ (ସଂଚାର ବ୍ୟୁରୋ): ମାଡ଼ିଆସୁଛି ବାତ୍ୟା 'ଅର୍ଣ୍ଣବ'। ବଙ୍ଗୋପସାଗରରେ ବାତ୍ୟାର ରୂପ ନେଇଛି ଗଭୀର ଅବପାତ। ଆଜି ମଧ୍ୟରାତି ସୁଦ୍ଧା ଭୀଷଣ ବାତ୍ୟାର ରୂପ ନେବ ଓ ଆସନ୍ତାକାଲି ଅତି ଭୀଷଣ ବାତ୍ୟାରେ ପରିଣତ ସମ୍ଭାବନା ରହିଛି। ୨୮ ତାରିଖ ପୂର୍ବାହ୍ନରେ ଆନ୍ଧ୍ର ଉପକୂଳ ଛୁଇଁବ ବୋଲି କହିଛନ୍ତି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର। ସୂଚନାନୁସାରେ, ଆଜି ଉକ୍ତ ବାତ୍ୟାର ଆଖି ଦେଖାଯାଇଛି। ଏଥିସହ ଏହି ବାତ୍ୟା ଗୋପାଳପୁରଠାରୁ ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରେ ୪୯୦ କିମି ଦୂରରେ ରହିଛି। ଏହା ଆସନ୍ତା ୧୨ ଘଣ୍ଟାରେ ଭୀଷଣ ରୂପ ନେବ। ବାତ୍ୟା ସ୍ଥଳଭାଗ ଛୁଇଁବା ବେଳକୁ ପବନର ବେଗ ଘଣ୍ଟା ପ୍ରତି ୧୨୦ରୁ ୧୨୫ କିମି ରହିବ। ଝଟ୍‌କା ପବନର ବେଗ ଘଣ୍ଟା ପ୍ରତି ୧୪୦ କିମି ପର୍ଯ୍ୟନ୍ତ ବହିପାରେ। ଓଡ଼ିଶା ପାଇଁ ଆସନ୍ତାକାଲି ରାତି ଓ ୨୮ ସକାଳ ଗୁରୁତ୍ୱପୂର୍ଣ୍ଣ। ଆସନ୍ତାକାଲି ସନ୍ଧ୍ୟାରୁ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବଢ଼ିବ ବର୍ଷାର ପରିମାଣ। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହିସବୁ ସ୍ଥାନରେ ପବନର ବେଗ ସର୍ବାଧିକ ଘଣ୍ଟା ପ୍ରତି ୯୦ କିମି ରହିପାରେ। ୨୯ ତାରିଖ ବେଳକୁ ଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ ଯେମିତି ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ହୋଇପାରେ। ସମୁଦ୍ରରେ ୧ରୁ ଦେଢ଼ ମିଟର ପର୍ଯ୍ୟନ୍ତ ଉଚ୍ଚ ଜୁଆର ଆସିବାର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ଲାଗି କଡ଼ା ଚେତାବନୀ ଜାରି ହୋଇଛି। ୨୮ରେ ରାଜ୍ୟରେ ଅଧିକ ବର୍ଷା ହେବା ନେଇ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି। ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି ଓ କୋରାପୁଟ ଅଞ୍ଚଳରେ ଅତି ↳ପୃଷ୍ଠା-୬

ଓଡ଼ିଶା ପାଇଁ ୨୭ ରାତି ଓ ୨୮ ସକାଳ ଗୁରୁତ୍ୱପୂର୍ଣ୍ଣ

ଦକ୍ଷିଣ ଓଡ଼ିଶା ଉପରେ ପୂରା ପ୍ରଶାସନର ଫୋକସ୍

ତାମିଲନାଡୁରୁ ଆସୁଥିବା ଆଉ ଏକ ସିଷ୍ଟମର ପ୍ରଭାବ ବି ରହିବ

ପ୍ରସ୍ତୁତିର ସମୀକ୍ଷା କଲେ କେନ୍ଦ୍ର କ୍ୟାବିନେଟ୍ ସଚିବ

ମିଛ ଖବର ପ୍ରଚାର କଲେ ଜେଲ୍!

ମିଛ ବାତ୍ୟା ପୂର୍ବାନୁମାନ ପ୍ରଚାର କରି ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ସୋସିଆଲ ମିଡିଆ ଓ କିଛି ଗଣମାଧ୍ୟମରେ ଯାଞ୍ଚ ହୋଇ ନ ଥିବା ମିଛ, ବିଭ୍ରାନ୍ତିକର ଓ କଳ୍ପିତ ବାତ୍ୟା ପୂର୍ବାନୁମାନ ପ୍ରଚାରକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ଏଭଳି ଖବର ପ୍ରଚାର କରି ଲୋକଙ୍କୁ ଭୟଭୀତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହୋଇପାରିବ। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)ଙ୍କ ପକ୍ଷରୁ ଏନେଇ ମାର୍ଗଦର୍ଶିକା ଜାରି କରାଯାଇଛି। କିଛି ବ୍ୟକ୍ତି ଓ ସ୍ୱଘୋଷିତ ପାଣିପାଗ ବିଶେଷଜ୍ଞଙ୍କ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ବୈଜ୍ଞାନିକ ତଥ୍ୟ ବିନା ବାତ୍ୟାର ଗତିପଥ, ସ୍ଥଳଭାଗ ଛୁଇଁବା ↳ପୃଷ୍ଠା-୬

୮ ଟ୍ରେନ୍ ବାତିଲ, ୨ଟିର ରୁଟ୍ ବଦଳିଲା

ବାତ୍ୟା ପାଇଁ ୮ଟି ଟ୍ରେନ ଚଳାଚଳ ବାତିଲ ହୋଇଥିବା ବେଳେ ଦୁଇଟିର ଗତିପଥ ପରିବର୍ତ୍ତନ କରାଯାଇଛି। ବିଶାଖାପାଟଣା-କିରଣ୍ଡୁଲ୍ ୨୯ରୁ ୪ ତାରିଖ ଯାଏଁ ଉଭୟ ପଟୁ ବାତିଲ୍ କରାଯାଇଛି। ବିଶାଖାପାଟଣା-କୋରାପୁଟ ପାସେଞ୍ଜର ଆସନ୍ତାକାଲିଠାରୁ ୩୦ ତାରିଖ ପର୍ଯ୍ୟନ୍ତ ବାତିଲ୍ ହୋଇଛି। କୋରାପୁଟ-ବିଶାଖାପାଟଣା ପାସେଞ୍ଜର ୨୮ରୁ ୩୧ ପର୍ଯ୍ୟନ୍ତ ବାତିଲ୍ ହୋଇଛି। ବିଶାଖାପାଟଣା-କୋରାପୁଟ ଇଣ୍ଟରସିଟି ୩୦ ଓ ୩୧ ଯିବା ଆସିବା ବାତିଲ୍ ହୋଇଥିବା ବେଳେ ବିଶାଖାପାଟଣା-କିରଣ୍ଡୁଲ୍ ପାସେଞ୍ଜର ୨୭ରୁ ୩୦ ଯାଏଁ ଉଭୟ ପଟୁ ବାତିଲ୍ ହୋଇଛି। ସେହିଭଳି ହୀରାଖଣ୍ଡ ଏକ୍ସପ୍ରେସ୍ ଆସନ୍ତାକାଲିଠାରୁ ୩୦ ତାରିଖ ଯାଏଁ ରାୟଗଡ଼ା ପର୍ଯ୍ୟନ୍ତ ଯିବ ଓ ହୀରାଖଣ୍ଡ ଏକ୍ସପ୍ରେସ୍ ୨୮ରୁ ୩୧ ତାରିଖ ରାୟଗଡ଼ା ପର୍ଯ୍ୟନ୍ତ ଆସିବ। ଦକ୍ଷିଣତଟ ରେଲୱେ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ପ୍ରତିଶ୍ରୁତି ପୂରଣ କରିବେ ତ ଛାତ୍ରନେତା ?

- ରାଜନୈତିକ ଦଳ ଭଳି ଦେଇଛନ୍ତି ପ୍ରତିଶ୍ରୁତି
- ଆଜିଠାରୁ ସରଗରମ ହେବ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ଦଶହରା ଛୁଟି ପରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ପୁଣିଥରେ ଛାତ୍ର ରାଜନୀତି ଜୋର୍ ଧରିବ। ନିର୍ବାଚନ ସମୟରେ ଛାତ୍ରନେତାମାନେ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲେ, ତାହାକୁ ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରିବେ। ଏହାକୁ ନେଇ ଶିକ୍ଷାନୁଷ୍ଠାନରେ ଛାତ୍ର ରାଜନୀତି ପୁଣିଥରେ ସରଗରମ ହେବ ବୋଲି କୁହାଗଲାଣି।

ଦୀର୍ଘ ଆଠ ବର୍ଷ ପରେ ହୋଇଥିବା ଛାତ୍ର ସଂସଦ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳର ସମର୍ଥିତ ଛାତ୍ର ସଂଗଠନଗୁଡ଼ିକ ସାଧାରଣ ନିର୍ବାଚନ ଷ୍ଟାଇଲ୍‌ରେ ନିର୍ବାଚନୀ ଇସ୍ତାହାର ଜାରି କରିଥିଲେ। ଶିକ୍ଷାନୁଷ୍ଠାନରେ ଖାଲି ପଡ଼ିଥିବା ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣଠାରୁ ଆରମ୍ଭ କରି ଭିତ୍ତିଭୂମି ବିକାଶ ପର୍ଯ୍ୟନ୍ତ ପ୍ରତିଶ୍ରୁତି ବର୍ଷା କରିଥିଲେ। ବର୍ତ୍ତମାନ ବିଜୟୀ ହୋଇଥିବା ଛାତ୍ରନେତାମାନେ କିଭଳି ସେମାନଙ୍କର ପ୍ରତିଶ୍ରୁତି ରକ୍ଷା କରିବେ, ତାହା ଉପରେ ସମସ୍ତଙ୍କ ନଜର। ତେଣୁ ଶିକ୍ଷାନୁଷ୍ଠାନ ଖୋଲିଲା ମାତ୍ରେ ବହୁ ସ୍ଥାନରେ ବିଜୟୀ ଛାତ୍ର ନେତାମାନେ ଦଳ ବଳ ଧରି ପ୍ରତିଶ୍ରୁତି ପୂରଣ ପାଇଁ ଅଣ୍ଟା ଭିଡ଼ିବେ। ଏଥିପାଇଁ ଘେରାଉଠାରୁ ଆରମ୍ଭ କରି ଶୋଭାଯାତ୍ରା ଆଦି ବାହାରିବାର ସମ୍ଭାବନା ରହିଛି।

ସେହିଭଳି ଛାତ୍ର ସଂସଦ ନିର୍ବାଚନର ଫଳାଫଳ ମଧ୍ୟ କେତେକ ସ୍ଥାନରେ ଅଧାରେ ରହିଛି। ଶିକ୍ଷାନୁଷ୍ଠାନ ଖୋଲିଲା ମାତ୍ରେ ଏହାର ଗଣତି ପାଇଁ ଛାତ୍ରନେତାମାନେ ଅଡ଼ି ବସିବେ। ଯେଉଁସବୁ ସ୍ଥାନରେ ଦୁଇ ପକ୍ଷର ଭୋଟ ମଧ୍ୟରେ କମ୍ ବ୍ୟବଧାନ ରହିବ, ସେଠାରେ ବାରମ୍ବାର ଗଣତି ସହ ପରିସ୍ଥିତି ↳ପୃଷ୍ଠା-୬

ରାଜ୍ୟର ଆଇନ ଶୃଙ୍ଖଳା ନେଇ କେନ୍ଦ୍ରର ଉଦ୍‌ବେଗ

ମୁଖ୍ୟ ସଚିବଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଚିଠି

ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ଓଡ଼ିଶାର ଆଇନଶୃଙ୍ଖଳା ସ୍ଥିତି ଓ ପୁଲିସର କାର୍ଯ୍ୟଶୈଳୀକୁ ନେଇ ଆସିଥିବା ଅଭିଯୋଗ ଉପରେ ହସ୍ତକ୍ଷେପ କରିଛି କେନ୍ଦ୍ର ଗୃହ ମନ୍ତ୍ରଣାଳୟ। ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଦୁର୍ବଳ ହେବା, ହାଜତରେ ହିଂସା ଓ କ୍ଷମତାର ଅପବ୍ୟବହାର ସମ୍ପର୍କିତ ୧୦ଟି ଅଭିଯୋଗପତ୍ର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିକଟରେ ପହଞ୍ଚିଛି। ଏହିସବୁ ଅଭିଯୋଗର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଓଡ଼ିଶା ସରକାରଙ୍କୁ କୁହାଯାଇଛି। ଏଥିସହ ରାଜ୍ୟ ସରକାର କି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି, ସେ ସମ୍ପର୍କରେ କେନ୍ଦ୍ରକୁ ଜଣାଇବାକୁ ମଧ୍ୟ କୁହାଯାଇଛି।

ହାଜତ ହିଂସା ଓ କ୍ଷମତାର ଅପବ୍ୟବହାର ନେଇ ୧୦ ଅଭିଯୋଗ

କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଲା ଗୃହ ମନ୍ତ୍ରଣାଳୟ

କେନ୍ଦ୍ର ଗୃହ ମନ୍ତ୍ରଣାଳୟର ସିଏସ୍ ଡିଭିଜନ୍ ପକ୍ଷରୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଲେଖାଯାଇଥିବା ଚିଠିରେ ଏହି ୧୦ଟି ଅଭିଯୋଗପତ୍ର ସଂଲଗ୍ନ କରାଯାଇଛି। ଅଭିଯୋଗଗୁଡ଼ିକର ଉପଯୁକ୍ତ ତଦନ୍ତ କରିବା ସହ ଅଭିଯୋଗକାରୀଙ୍କୁ ଜବାବ ଦେବା ଓ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ମନ୍ତ୍ରଣାଳୟକୁ ଅବଗତ କରାଇବାକୁ ↳ପୃଷ୍ଠା-୬

ସ୍ୱଦେଶୀ ଡ୍ରୋନ୍ ବୋଟ୍ ବିକଶିତ କଲା ଭାରତ

ନୂଆଦିଲ୍ଲୀ,୨୬।୧୦: ମହାରାଷ୍ଟ୍ରର ପୁଣେସ୍ଥିତ ଘରୋଇ ପ୍ରତିରକ୍ଷା ଷ୍ଟାର୍ଟଅପ୍ 'ସାଗର ଡିଫେନ୍ସ ଇଞ୍ଜିନିୟରିଂ' ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ମାନବ ବିହୀନ ସରଫେସ୍ ଭେସଲ (ୟୁଏସଭି) ବା ଜଳବାହୀ 'ଡ୍ରୋନ୍ ବୋଟ୍' ନିର୍ମାଣ କରିଛି। ଏହି ସଫଳତା ସହ ଭାରତ ଏବେ ଆମେରିକା, ଚୀନ୍, ଇସ୍ରାଏଲ୍ ଓ ବ୍ରିଟେନ୍ ଭଳି ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକର ଏଲିଟ୍ କ୍ଲବରେ ସାମିଲ ହୋଇଛି। ବିନା କୌଣସି କୁ'ରେ ଦୂରରୁ ସ୍ୱୟଂଚାଳିତ ଭାବେ ଚାଲୁଥିବା ଏହି ୟୁଏସଭି ସମୁଦ୍ରରେ କଡ଼ା ନିରୀକ୍ଷଣ, ଗୁଇନ୍ଦା ତଥ୍ୟ ସଂଗ୍ରହ ଓ ଅତ୍ୟନ୍ତ ବିପଜ୍ଜନକ ମିଶନ ପାଇଁ ଡିଜାଇନ୍ କରାଯାଇଛି। ଏହାଦ୍ୱାରା ନୌସେନା ଯବାନମାନଙ୍କ ଜୀବନ ବିପନ୍ନ ନକରି ଅତ୍ୟାଧୁନିକ ଯୁଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ।

କାନ ଡେରିଥା

ପୂଜା ଧର୍ମ ମାସ
କାର୍ତ୍ତିକେ ଭକତେ
ନିଷ୍ଠାପର ଭକ୍ତି ଭାବେ
ପ୍ରାତଃ ସ୍ନାନ ସାରି
ପୂଜିବେ ଚଉଁରା
ଇଷ୍ଟଙ୍କୁ ପୂଜା କରିବେ
ଅପେକ୍ଷାରେ ସବୁ ଥିବେ...
ଛାଡ଼ଖାଇ ଦିନ ଆଗୁଆ ବହଣା
ଦୋକାନୀକୁ ଦେଇଦେବେ ।

■ ଦେବାଶିଷ

ଅଦୂରଦର୍ଶିତାର ଚରମ ନିଦର୍ଶନ

ପୋଡୁଥିଲା ରାବଣ, ମୁଣ୍ଡ ଉପରେ ଉଡୁଥିଲା ବିମାନ

- ରନୱେର ଆପ୍ରୋଚ ୱେରେ ଫୁଟୁଥିଲା ରକେଟ୍ ବାଣ
- ହଡ଼ବଡ଼େଇ ଯାଇଥିଲେ ପାଇଲଟ୍
- ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ
- କେହି ମାନୁନାହାଁନ୍ତି ଲେଜର ଲାଇଟ ଓ ଆତସବାଜି କଟକଣା

ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ଦୁର୍ଗାପୂଜା ଅବସରରେ ରାବଣ ପୋଡ଼ି ଆମ ପରମ୍ପରା ଓ ଧାର୍ମିକ ବିଶ୍ୱାସ ସହ ଯୋଡ଼ି ହୋଇଛି। ହେଲେ ବିମାନ ବନ୍ଦର ନିକଟରେ ରାବଣ ପୋଡ଼ି ପାଇଁ ଜିଲ୍ଲା ପ୍ରଶାସନ ଅନୁମତି ଦେବା ପୂର୍ବରୁ ବିମାନ ସୁରକ୍ଷାକୁ ଦୃଷ୍ଟି ଦେଉଛନ୍ତି କି? ଗତ ୨୧ ତାରିଖରେ ବରମୁଣ୍ଡା ରାବଣ ପୋଡ଼ି ଉତ୍ସବ ସମୟରେ ଏମିତି ଏକ ଘଟଣାକୁ ନେଇ ଏବେ ତନାଘନା ଆରମ୍ଭ ହୋଇଛି। ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ପୁଲିସ ଓ ବିଏମସି କର୍ତ୍ତୃପକ୍ଷ କିଏ ହେବ ଉତ୍ତରଦାୟୀ?

ରାବଣ ପୋଡ଼ି ପାଇଁ ଚାଲିଥିଲା ଆତସବାଜି, ଆଉ ଠିକ ସେ ସମୟରେ ଏକ ଫ୍ଲାଇଟ୍ ଭୁବନେଶ୍ୱର ବିମାନ ବନ୍ଦରରେ ଲ୍ୟାଣ୍ଡିଂ ପାଇଁ ଓହ୍ଲାଉଥିଲା। ମଝି ଆକାଶରେ ବାଣ ଫୁଟୁଥିବା ଦେଖି ଘାବରେଇଗଲେ ପାଇଲଟ୍। ଆଉ ଫ୍ଲାଇଟ୍‌କୁ ସୁରକ୍ଷିତ ଭାବେ ଲ୍ୟାଣ୍ଡିଂ କରିସାରିବା ପରେ ଏୟାରପୋର୍ଟ ଅଥରିଟିଙ୍କ ନିକଟରେ ଫେରାଦ୍ ହୋଇଥିଲେ। ରାବଣ ଷ୍ଟାଚ୍ୟୁରେ ଲଗାଯାଇଥିବା ବାଣଗୁଡ଼ିକ ଫୁଟୁଥିଲା ବେଳେ ରାବଣର ମୁଣ୍ଡ ଉପର ଦେଇ ଭୁବନେଶ୍ୱର ଏୟାରପୋର୍ଟରେ ଲ୍ୟାଣ୍ଡିଂ ପାଇଁ ଆସୁଥିଲା ଏକ ବିମାନ, ଯାହାର ଭିଜୁଆଲ୍ କେତେକ ବୈଦ୍ୟୁତିକ ଗଣମାଧ୍ୟମର କ୍ୟାମେରାରେ କଏଦ୍ ହୋଇଥିଲା।

ଲ୍ୟାଣ୍ଡିଂ ବେଳେ ଆଖି ସାମ୍ନାରେ ବାଣ ଫୁଟୁଥିବା ଦେଖି ପ୍ରଥମେ ଘାବରେଇଯାଇଥିଲେ ବିମାନର ପାଇଲଟ୍ । କିଛି ସମୟ ପାଇଁ ତାଙ୍କର ମୁଣ୍ଡ କାମ କରି ନ ଥିଲା। ତାଙ୍କୁ ଲାଗୁଥିଲା ଯେମିତି ବାଣର ନିଆଁଗୁଡ଼ିକ ତାଙ୍କ ବିମାନ ଆଡ଼କୁ ମାଡ଼ି ଆସୁଛି । ଗୋଟିଏ ପଟେ ବିମାନରେ ଥିବା ଶତାଧିକ ଯାତ୍ରୀଙ୍କ ସୁରକ୍ଷା ଆଉ ଅନ୍ୟପଟେ ବିମାନର ସୁରକ୍ଷିତ ଲ୍ୟାଣ୍ଡିଂ ଟେନସନ୍ । ଦଶହରାରେ ଦେବୀ ଦୁର୍ଗାଙ୍କ କୃପାରୁ ପାଇଲଟ୍ ଜଣଙ୍କ ନିଜକୁ ନିୟନ୍ତ୍ରଣରେ ରଖି ଭୁବନେଶ୍ୱର ଏୟାରପୋର୍ଟରେ ବିମାନକୁ ସୁରକ୍ଷିତ ଲ୍ୟାଣ୍ଡିଂ କରାଇଥିଲେ। ହେଲେ ↳ପୃଷ୍ଠା-୬

ସାଧାରଣ ପାଠ୍ୟକ୍ରମ ପ୍ରତି ନାହିଁ ଆଗ୍ରହ

ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ବୈଷୟିକ ଶିକ୍ଷା ଦ୍ୱାରା ନିଯୁକ୍ତି ସୁନିଶ୍ଚିତ, ଏହି ଧାରଣା ପାଇଁ ଏବେ ସାଧାରଣ ପାଠ୍ୟକ୍ରମରୁ ମୁହଁ ମୋଡୁଛନ୍ତି ଛାତ୍ରଛାତ୍ରୀ। ଯୁକ୍ତ ୩ କଲ

ଚୋରା ମଦ କାରବାର ଉପରେ ଅବକାରୀ ବିଭାଗର ଚଢ଼ାଉ, ୭ ଗିରଫ

କେନ୍ଦ୍ରାପଡ଼ା,୨୬।୧୦(ସଂଚାର ବ୍ୟୁରୋ): ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଚୋରା ମଦ କାରବାର ଉପରେ ଅଙ୍କୁଶ ଲଗାଇବାକୁ କେନ୍ଦ୍ରାପଡ଼ା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ମୋଟ ୧୭୯ ଲିଟର ଚୋରା ମଦ ଓ ଦୁଇଟି ମୋଟରସାଇକେଲ ଜବତ ହୋଇଥିବା ବେଳେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଳି, ପାଟକୁରା, ପଙ୍କାମୁଣ୍ଡାଇ ଗ୍ରାମାଞ୍ଚଳ, କନିକା, ମାର୍ଶାଘାଇ, ଡେରାବିଶ ଓ ତାଳଚୁଆ ମେରାଇନ୍ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଏହି ଚଢ଼ାଉ ହୋଇଥିଲା।

ଚଢ଼ାଉ ସମୟରେ ଅଚ୍ୟୁତପୁର ଗ୍ରାମର ପ୍ରଭାତ କୁମାର ମଲ୍ଲିକଙ୍କଠାରୁ ୩୧ ଲିଟର ବିଦେଶୀ ମଦ, ଭୂଇଁପୁର ଗ୍ରାମର ରମେଶ ଚନ୍ଦ୍ର ସିଂହଙ୍କଠାରୁ ୩୬ ଲିଟର ବିଦେଶୀ ମଦ, ମାଟିଆ ଗ୍ରାମର ପ୍ରକାଶ ମଲ୍ଲିକଙ୍କଠାରୁ ୨୪ ଲିଟର ଦେଶୀ ମଦ ଏବଂ ସୂର୍ଯ୍ୟକାନ୍ତ ମଲ୍ଲିକଙ୍କଠାରୁ ୨୩ ଲିଟର ବିଦେଶୀ ମଦ ସହ ଗୋଟିଏ ମୋଟରସାଇକେଲ ଜବତ ହୋଇଛି।

ସେହିପରି ତାଳସଙ୍ଗା ଗ୍ରାମର ନରେନ୍ଦ୍ର ମଲ୍ଲିକଙ୍କଠାରୁ ୨୭ ଲିଟର ବିଦେଶୀ ମଦ ସହ ଗୋଟିଏ ମୋଟରସାଇକେଲ, ନିମପୁର ଗ୍ରାମର ସୂର୍ଯ୍ୟନାରାୟଣ ରାଉତଙ୍କଠାରୁ ୧୭ ଲିଟର ବିଦେଶୀ ମଦ ଏବଂ ଲୋକନାଥପୁର ଗ୍ରାମର ହୃଷୀ ମଲ୍ଲିକଙ୍କଠାରୁ ୨୧ ଲିଟର ବିଦେଶୀ ମଦ ଜବତ କରାଯାଇଛି।

ଏହି ଘଟଣାରେ ବିଭିନ୍ନ ଅବକାରୀ ମାମଲା ରୁଜୁ ହୋଇଥିବା ବେଳେ ଗିରଫ ୭ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ପାର୍ବଣ ସମୟରେ ବେଆଇନ ମଦ କାରବାର ରୋକିବା ପାଇଁ ଅବକାରୀ ବିଭାଗର ଏହି ଅଭିଯାନକୁ ଜୋରଦାର କରାଯାଇଛି।

ଲକ୍ଷ୍ମୀପୂଜାରେ ମହତ୍ କାର୍ଯ୍ୟ

କାଙ୍କଦିଆରେ ମେଗା ରକ୍ତଦାନ ଶିବିର, ୭୦ ୟୁନିଟ୍ ରକ୍ତ ସଂଗ୍ରହ

କେନ୍ଦ୍ରାପଡ଼ା, ୨୬।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ାର ଗଣପର୍ବ ପବିତ୍ର ଲକ୍ଷ୍ମୀପୂଜା ଅବସରରେ ମା' କୃପାମୟୀ ଲକ୍ଷ୍ମୀପୂଜା କମିଟି, କାଙ୍କଦିଆ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ମହତ୍ କାର୍ଯ୍ୟ ମାଧ୍ୟମରେ ମାନବସେବା ଓ ରକ୍ତଦାନର ମହତ୍ତ୍ୱକୁ ଗୁରୁତ୍ୱ ଦିଆଯାଇଛି।

ପୂଜା କମିଟିର ସଭାପତି ଅଚ୍ୟୁତାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ କେନ୍ଦ୍ରାପଡ଼ାର ଉପଖଣ୍ଡ ପୁଲିସ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାନ ଭଳି ମହତ୍ କାର୍ଯ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କମିଟିର ସମ୍ପାଦକ ରାକେଶ ସ୍ୱାଇଁ, କୋଷାଧ୍ୟକ୍ଷ ସୋମନାଥ ସ୍ୱାଇଁ, ଉପଦେଷ୍ଟା ଯୁବଜ୍ୟୋତି ସ୍ୱାଇଁ, ବିଶ୍ୱଜିତ ସ୍ୱାଇଁ, ଆକାଶ ବିଶ୍ୱାଳ, ମିଥୁନ ସାମଲ, ସୂର୍ଯ୍ୟକାନ୍ତ ପରିଡ଼ା ଓ ଗୌତମ ସାହୁଙ୍କ ସହଯୋଗରେ ଶିବିରରୁ ମୋଟ ୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପବିତ୍ର ଲକ୍ଷ୍ମୀପୂଜାରେ ଏଭଳି ଜନହିତକର କାର୍ଯ୍ୟ ଆୟୋଜନ କରି କମିଟି ମାନବସେବାର ଏକ ଉତ୍ତମ ଉଦାହରଣ ସୃଷ୍ଟି କରିଛି।

ବରିଷ୍ଠ କଂଗ୍ରେସ ନେତା ଗୋପାଳ ମାହାଳିକଙ୍କ ପରଲୋକ

କେନ୍ଦ୍ରାପଡ଼ା, ୨୬।୧୦(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସହରର ବରିଷ୍ଠ କଂଗ୍ରେସ ନେତା ଗୋପାଳ ଚନ୍ଦ୍ର ମାହାଳିକଙ୍କ ୯୩ ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ାର ରାଜନୈତିକ ଓ ସାମାଜିକ ମହଲରେ ଶୋକର ଛାୟା ଖେଳିଯାଇଛି। ସେ ଶେଷ ପର୍ଯ୍ୟନ୍ତ କଂଗ୍ରେସ ଦଳର ଜଣେ ଦୃଢ଼ ସମର୍ଥକ ଭାବେ ପରିଚିତ ଥିଲେ।

ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଜ୍ୟେଷ୍ଠ ପୁତ୍ର ନିର୍ମଳ, କନିଷ୍ଠ ପୁତ୍ର ବିକାଶଙ୍କ ସମେତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପାଇବା ପରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ସମେତ ବହୁ ରାଜନୈତିକ ଓ ସାମାଜିକ ବ୍ୟକ୍ତିତ୍ୱ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସେମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦିବଂଗତ ନେତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ଶ୍ରଦ୍ଧାଞ୍ଜଳି ଜଣାଇଥିବା ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ପୂର୍ବତନ କାଉନସିଲର ଶରତ ବେହୁରା, ଜିଲ୍ଲା ପ୍ରତିଭାପୂଜା ସଂସଦର ସଭାପତି ପ୍ରଦୀପ କୁମାର ମହାନ୍ତି, ସୁଶୀଳ ସାମଲ, ଗୁଣନିଧି ଜଗତି, ସଞ୍ଜୟ ସାହୁ, ଉମାକାନ୍ତ ସିଂହ, ସୁରେଶ ମର୍ଦ୍ଦରାଜ, ମନୋଜ ସାହୁ, ରମେଶ ଦାସ, ରାଜକିଶୋର ରାଉତରାୟ, ପ୍ରଣବ କିଶୋର ସାମଲ, ଶକ୍ତିକାନ୍ତ ପାତ୍ର, ସମ୍ବିତ ଶ୍ରୀଚନ୍ଦନ, ସ୍ୱରୂପ ରାଉତରାୟ, ନୃସିଂହ ପାତ୍ର, ବ୍ରହ୍ମାନନ୍ଦ ପାତ୍ର ଓ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ପରେ କଜଳା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ନିର୍ମଳ ମୁଖାଗ୍ନି ଦେଇଥିଲେ। ଗୋପାଳ ଚନ୍ଦ୍ର ମାହାଳିକଙ୍କ ବିୟୋଗରେ ତାଙ୍କ ପରିବାରବର୍ଗ, ଶୁଭେଚ୍ଛୁ ଓ ଦଳୀୟ ସମର୍ଥକଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି।

ସମ୍ଭାବ୍ୟ ବାତ୍ୟାକୁ ନେଇ ଚିନ୍ତାରେ ଚାଷୀ

ବର୍ଷା ବନ୍ୟା ପରେ ପୁଣି ଫସଲହାନି ଆଶଙ୍କା

ପଙ୍କାମୁଣ୍ଡାଇ,୨୬।୧୦ (ସଂଚାର ବ୍ୟୁରୋ): ଓଡିଶାରେ ଅକ୍ଟୋବର ମାସକୁ ସାଧାରଣତଃ ବାତ୍ୟା ମାସ ବୋଲି କୁହାଯାଇଥାଏ । ଏପଟେ ଅକ୍ଟୋବର ମାସରେ ଦୁର୍ଗା ପୂଜା ଠାରୁ ଗଜଲକ୍ଷ୍ମୀ ପୂଜା ଆଦି ପୂଜା ପର୍ବ ପାଳନ କରାଯାଇଥାଏ । ତେବେ ୧୯୯୯ ମସିହା ମହାବାତ୍ୟା ପର ଠାରୁ ଅକ୍ଟୋବର ମାସକୁ ବାତ୍ୟା ମାସ ବୋଲି ଧରି ନିଆଯାଉଛି । ଚଳିତ ବର୍ଷ ପ୍ରାକୃତିକ ବିପର୍ଯ୍ୟୟର ବର୍ଷ କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ଚଳିତ ବର୍ଷ ବର୍ଷା ପ୍ରାୟ ଦୂର୍ଗା ପୂଜା ପର୍ଯ୍ୟନ୍ତ ଲାଗି ରହିଥିଲା । ବାରମ୍ବାର ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ୪ /୫ଥର ବ୍ରାହ୍ମଣୀ ଓ କାଣୀ ନଦୀରେ ବନ୍ୟା ଆସି ତାଣ୍ଡବ ସୃଷ୍ଟି କରିଥିଲା। ଲଗାଣ ବର୍ଷାରେ ଉଭୟ ଭେଡ଼ା ଅଂଚଳରେ ବ୍ୟାପକ ଫସଲହାନି ଘଟିଥିବାବେଳେ ବାରମ୍ବାର ବନ୍ୟା ଆସିବା ଫଳରେ ଧୋୟାଞ୍ଚଳରେ ବ୍ୟାପକ ଫସଲ ହାନି ଘଟିଥିଲା।

ବର୍ଷା ବନ୍ୟା ପରେ ବାତ୍ୟା ଆସିବା ଖବର ଯୋଗୁଁ ଉଭୟ ଭେଡ଼ା ଓ ଧୋୟାଞ୍ଚଳର ଚାଷୀମାନେ ଆତଙ୍କିତ

ହୋଇପଡିଛନ୍ତି। ଯଦିଓ ବାତ୍ୟା ଅର୍ଣ୍ଣବର ବିଶେଷ ପ୍ରଭାବ ପଡିବ ନାହିଁ । ତେବେ ଉପକୂଳ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଯାହାଫଳରେ ବ୍ୟାପକ ଫସଲ ହାନି ସହିତ କଚା ଘର କ୍ଷତିଗସ୍ତ ହେବା ଆଶଙ୍କା ରହିଛି।

ବାରମ୍ବାର ବର୍ଷା ଓ ବନ୍ୟାରେ ସର୍ବସ୍ୱାନ୍ତ ହୋଇଥିବା ଚାଷୀମାନେ ବର୍ଷା ଓ ବନ୍ୟା କବଳରୁ ମୁକୁଳିବା ପରେ ଅଣ୍ଟା ସଳଖି ବିଅଳି କିଶମ ଧାନ ଚାଷ କରିବା ସହିତ ବିରି ଫସଲ କରିଥିଲେ । ପଙ୍କାମୁଣ୍ଡାଇ ବ୍ଲକର ଅଣ୍ଟରା ଅମୃତମଣୋହି ବଲୁରିଆ ପେଣ୍ଠପାଳ ତରଡ଼ିପାଳ ଅଳପୁଆ ସିଂହଗାଁ ବାଛରା ବାଲିପାଟଣା ନୀଳକଣ୍ଠପୁର ଶାସନ ଡାମରପୁର ଶ୍ରୀରାମପୁର ବଳଭଦ୍ରପୁର ସଂସାରଫଳ ଖଣତା ଚନ୍ଦନନଗର ଦୋଷିଆ ବିଲିକଣା ଓଉପଦା ବଡ଼ପଡା ବଡ଼ମୋହନପୁର ଦିହୁଡିପୁର ସାନଜରିଆ ଅରଡ଼ପଲ୍ଲୀ, ଗଙ୍ଗାରାମପୁର ଖଡ଼ିଅଣ୍ଟା କଖାରୁଣୀ ବଡ଼ମୂଳବସନ୍ତ ଡିହାପଡା ନରସିଂହପୁର ଆଦି ୩୧ଟି ପଂଚାୟତ ମଧ୍ୟରୁ ୧୪ଟି ବନ୍ୟା ବିପନ୍ନ ଧୋୟାଞ୍ଚଳ ଓ ୧୭ଟି ପଂଚାୟତ ଭେଡ଼ା ଅଂଚଳରେ ରହିଛି । ଏହି ସବୁ ପଂଚାୟତରେ ବାରମ୍ବାର ବର୍ଷା ଓ ବନ୍ୟା ତାଣ୍ଡବ ପରେ ଚାଷୀମାନେ ବିଅଳି କିଶମ ଧାନ ଚାଷ କରିବା ସହିତ ବିଭିନ୍ନ ଅଂଚଳରେ ଅର୍ଥକରି ବିରି ଚାଷ ମଧ୍ୟ କରିଥିଲେ। କାଳିମୁଣ୍ଡି ପୋକ ଆକ୍ରମଣରେ ଅର୍ଥକରି ବିରି ଫସଲ ସମୂଳେ ନଷ୍ଟ ହେବାକୁ ବସିଛି । କୃଷି ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ।

ଏସବୁ ଦୁସ୍ଥିତି ମଧ୍ୟରେ ବାତ୍ୟା ଅର୍ଣ୍ଣବ ଖବର ଚାଷୀ ଓ ଗରିବ ଲୋକର ଚିନ୍ତା ବଢ଼ାଇ ଦେଇଛି । ଯଦିଓ ବାତ୍ୟା ଅର୍ଣ୍ଣବର ସିଧା ପ୍ରଭାବ ନାହିଁ । ତେବେ ବାତ୍ୟା ଯୋଗୁଁ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଚାଷୀମାନେ ପୁଣି ଫସଲ ହରାଇବା ଭୟରେ ଚିନ୍ତିତ ହୋଇ ପଡିଛନ୍ତି। ବାତ୍ୟା ଅର୍ଣ୍ଣବର ସିଧା ସଳଖ କୌଣସି ପ୍ରଭାବ ନଥିବାରୁ ଲୋକମାନେ ଭୟଭିତ ନହେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

ବାତ୍ୟା ମୁକାବିଲା ପ୍ରସ୍ତୁତି ତଦାରଖ କଲେ ଜିଲ୍ଲାପାଳ

ଆଶ୍ରୟସ୍ଥଳ ପରିଦର୍ଶନ କରି ସୁରକ୍ଷା ଓ ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା,୨୬।୧୦(ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟାର ମୁକାବିଲା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର ରାଜନଗର ବ୍ଲକର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି।

ଜିଲ୍ଲାପାଳ ଡାଙ୍ଗମାଳସ୍ଥିତ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କେନ୍ଦ୍ର, ଡାଙ୍ଗମାଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅଙ୍ଗନବାଡ଼ି କେନ୍ଦ୍ର ନିକଟସ୍ଥ ପ୍ରସ୍ତୁତି ବ୍ୟବସ୍ଥା ଏବଂ ଖମାରସାହି ଗ୍ରାମପଞ୍ଚାୟତ ଅନ୍ତର୍ଗତ ନାଗନାରାୟଣ ବାତ୍ୟା ଆଶ୍ରୟସ୍ଥଳ ବୁଲି ଦେଖିଥିଲେ। ଆଶ୍ରୟସ୍ଥଳଗୁଡ଼ିକରେ ଲୋକଙ୍କ ରହିବା, ପାନୀୟ ଜଳ, ବିଦ୍ୟୁତ୍, ଆଲୋକ, ଶୌଚାଳୟ ଓ ପରିମଳ ବ୍ୟବସ୍ଥା କିପରି ରହିଛି, ସେ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ବାତ୍ୟା ସମୟରେ

ଆଶ୍ରୟସ୍ଥଳଗୁଡ଼ିକ ଯେପରି ସୁରକ୍ଷିତ ଓ ବ୍ୟବହାର ଉପଯୋଗୀ ରହିବ, ସେଥିପାଇଁ ଆବଶ୍ୟକ ସମସ୍ତ ବ୍ୟବସ୍ଥା ଆଗୁଆ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ କହିଥିଲେ। ବିପଦସଙ୍କୁଳ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସମୟୋଚିତ ଭାବେ ସୁରକ୍ଷିତ ସ୍ଥାନକୁ ନେବା ସହ ଆଶ୍ରୟସ୍ଥଳରେ ଆବଶ୍ୟକ ସୁବିଧା ଯୋଗାଇଦେବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

ବିଶେଷକରି ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ, ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ପ୍ରାଥମିକତା ଭିତ୍ତିରେ ସୁରକ୍ଷିତ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସ୍ଥାନୀୟ ପ୍ରଶାସନ, ଗ୍ରାମପଞ୍ଚାୟତ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖି ଜରୁରୀ ପରିସ୍ଥିତିରେ ତ୍ୱରିତ ପଦକ୍ଷେପ ନେବାକୁ କୁହାଯାଇଛି।

ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ସତର୍କ ରହିଥିବାବେଳେ ଜନସାଧାରଣଙ୍କୁ ପାଣିପାଗ ବିଭାଗର ସୂଚନା ଓ ପ୍ରଶାସନର ପରାମର୍ଶ ପାଳନ କରିବାକୁ ଅନୁରୋଧ କରାଯାଇଛି। ଜରୁରୀ ପରିସ୍ଥିତିରେ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳକୁ ଯାଇ ସୁରକ୍ଷିତ ରହିବା ସହ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ସଫଳ କରିବା ପାଇଁ ସମସ୍ତ ବିଭାଗକୁ ପ୍ରସ୍ତୁତ ରଖାଯାଇଛି।

ଗଣକବି ବୈଷ୍ଣବ ପାଣିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ମାହାଙ୍ଗା ବିଧାୟକ

ମାହାଙ୍ଗା,୨୬।୧୦(ସଂଚାର ବ୍ୟୁରୋ): ମହାନ ସାରସ୍ୱତ ସାଧକ ତଥା ଓଡ଼ିଆ ଯାତ୍ରା ଜଗତର ଅନନ୍ୟ ପ୍ରତିଭା ଗଣକବି ବୈଷ୍ଣବ ପାଣିଙ୍କ ଜନ୍ମଜୟନ୍ତୀ ଅବସରରେ ତାଙ୍କ ଜନ୍ମଭୂମିରେ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ କୋଠପଦା ସ୍ଥିତ ଗଣକବିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ମାହାଙ୍ଗା ବିଧାୟକ ଶ୍ରୀ ସାରଦା ପ୍ରଧାନ ତାଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଛନ୍ତି। ଏହି ଅବସରରେ ଗଣକବି ବୈଷ୍ଣବ ପାଣିଙ୍କ ଅତୁଳନୀୟ ସାରସ୍ୱତ ସାଧନା ଏବଂ ଓଡ଼ିଆ ସାହିତ୍ୟ, ନାଟକ ଓ ଯାତ୍ରା ଜଗତ ପ୍ରତି ତାଙ୍କର ଅବଦାନକୁ ସ୍ମରଣ କରାଯାଇଥିଲା। ନିଜର ଅସାଧାରଣ ସୃଜନଶୀଳତା ଓ ସାହିତ୍ୟ ପ୍ରତି ଅଗାଧ ସମର୍ପଣ ମାଧ୍ୟମରେ ସେ ଓଡ଼ିଆ ଲୋକକଳା ଓ ସଂସ୍କୃତିକୁ ଏକ ନୂତନ ପରିଚୟ ଦେଇଥିଲେ। ଗଣକବିଙ୍କ ଅମର ସୃଷ୍ଟି ଆଜି ମଧ୍ୟ ଓଡ଼ିଆ ଜନମାନସରେ ଅମ୍ଲାନ ହୋଇ ରହିଛି।

ଜିଲ୍ଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ଓ କାର୍ତ୍ତିକେଶ୍ୱର ପୂଜା ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୨୬।୧୦(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କଳପଡ଼ା ଗ୍ରାମପଞ୍ଚାୟତର ପାୟତର ଲୁଣା ନଦୀ ପୋଲ ନିକଟସ୍ଥ କଳପଡ଼ା ଛକରେ ଥିବା କେନ୍ଦ୍ରାପଡ଼ା ଜିଲ୍ଲା ବୋଇତ ବନ୍ଦାଣ ସମିତି ପକ୍ଷରୁ ୨୦୨୬ ମସିହାର ବୋଇତ ବନ୍ଦାଣ ଉତ୍ସବ ଓ କାର୍ତ୍ତିକେଶ୍ୱର ପୂଜାକୁ ଶୃଙ୍ଖଳିତ ଭାବେ ପାଳନ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।

ସମିତିର ନବନିର୍ବାଚିତ ସଭାପତି କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କଳପଡ଼ା ଅଞ୍ଚଳର ବହୁ ଗ୍ରାମବାସୀ, ୧୦ଟି ପାୟତର ସରପଞ୍ଚ ଏବଂ ସମିତିର ସଦସ୍ୟସଦସ୍ୟାଙ୍କ ସହ ୮ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟା ରଶ୍ମିରଞ୍ଜନ ରାଉତ ଯୋଗ ଦେଇଥିଲେ। ସଭାପତି ଶ୍ରୀ ସ୍ୱାଇଁ ଉପସ୍ଥିତ ଅତିଥି ଓ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ।

ସମିତିର ସମ୍ପାଦକ ନିହାରରଞ୍ଜନ ନାୟକ ପୂର୍ବ ବୈଠକର ବିବରଣୀ ପାଠ

କରିଥିବା ବେଳେ କୋଷାଧ୍ୟକ୍ଷ ଶିବପ୍ରସାଦ ସାହାଣୀ ସମିତିର ବିଭିନ୍ନ ସମସ୍ୟା ସମ୍ପର୍କରେ ମତ ରଖିଥିଲେ। ଉପସଭାପତି ଜଗନ୍ନାଥ ସ୍ୱାଇଁ କାର୍ତ୍ତିକେଶ୍ୱର ପୂଜା ମଣ୍ଡପର ଜମିଜମା ରେକର୍ଡ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟା ରଶ୍ମିରଞ୍ଜନ ରାଉତ ମଣ୍ଡପରେ ପାଣି ଟାଙ୍କି ଓ ଦୁଇଟି ଶୌଚାଳୟ ନିର୍ମାଣ ପାଇଁ ଅନୁଦାନ ମିଳିଥିବା ସୂଚନା ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ତଥା ବରିଷ୍ଠ ସାମ୍ବାଦିକ ମାଧବାନନ୍ଦ ନାୟକ ଜିଲ୍ଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବରେ ସମସ୍ତ ବ୍ଲକ ଅଧ୍ୟକ୍ଷଙ୍କ ସହଯୋଗ ଓ ଯୋଗଦାନ ଉପରେ ଗୁରୁତ୍ୱ ଦେଇଥିଲେ।

ବ୍ଲକ ଉପାଧ୍ୟକ୍ଷ ଭୂମିହୀନ ଦର୍ଶାଇ ହାତେଇଲେ ସରକାରୀ ଜାଗା

ଜନ ଶୁଣାଣିରେ ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଲୋକେ

ରାଜନଗର,୨୬।୧୦(ସଂଚାର ବ୍ୟୁରୋ): ସରକାରୀ ଅନାବାଦୀ ଜାଗାକୁ ପ୍ରଭାବଶାଳୀ ମାଡି ବସିବା ଘଟଣା ସବୁଆଡେ ଦେଖିବାକୁ ମିଳେ କିନ୍ତୁ ଜନ ପ୍ରତିନିଧି ଯଦି ନିଜ କ୍ଷମତାକୁ ଅପବ୍ୟବହାର କରି ସରକାରୀ ଜମିକୁ ହରିଲୁଟ କରିବେ ଓ ଗରିବଙ୍କ ସହିତ ଖେଳ ଖେଳିବେ ଏହା ଗଣତନ୍ତ୍ର ପାଇଁ ବଡ଼ ବିପଦ। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଉପାନ୍ତ ଅଂଚଳ ତାଳଚୁଆ ବଜାର ଉପରେ ଥିବା ଖାତା ନମ୍ବର ୧୨୭/୧୯୭ ଅନାବାଦୀ ପ୍ଲଟ ଉପରେ।

ରାଜନଗର ବ୍ଲକ ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ ନିଜର ୫ ଏକରରୁ ଉର୍ଦ୍ଧ୍ୱ ଜମିବାଡ଼ି ଥାଇ ନିଜ କ୍ଷମତାର ଅପବ୍ୟବହାର କରି ଏବଂ ପୂର୍ବ ବିଜେଡି ସରକାରର ସହାୟତାରେ ନିଜକୁ ଭୂମିହୀନ ଦର୍ଶାଇ ଚଞ୍ଚକତା କରି ତାଳଚୁଆ ବଜାର ଉପରେ

ଥିବା ଖାତା ନମ୍ବର ୧୨୭/୧୯୭ ରେ ମୋଟ ୮ ଏକର ସରକାରୀ ଅନାବାଦୀ ଜାଗାରୁ ୧୦୧୫ ମସିହାରେ ୪ ଡିସମିଲ ଜାଗା ନିଜ ନାମରେ ପଟ୍ଟା କରି ନେଇଛନ୍ତି। ଯେଉଁ ଅନାବାଦୀ ଜାଗା ଉପରେ ଗରିବ ଖଟିଖିଆ ପରିବା ଓ ମାଛ ଦୋକାନ ସହିତ ଅନ୍ୟାନ୍ୟ ଯାବତୀୟ ଦୋକାନ ପକାଇ ନିଜ ପରିବାର ପତିପୋଷଣ କରୁଥିଲେ। ବର୍ତ୍ତମାନ ସେହି ୪ ଡିସମିଲ ସରକାରୀ ଅନାବାଦୀ ଜାଗା ଉପରେ ଦୁଇତାଲା ବିଶିଷ୍ଟ ବିଶାଳ କୋଠା ଘର ନିର୍ମାଣ କରି ତାହାକୁ ଦୋକାନ ପାଇଁ ଭଡା ଦେଇଛନ୍ତି ବ୍ଲକ ଉପା

■ ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟ ସୂଚନା କମିଶନର

୧୮ ମାସରେ ବିଚାରାଧୀନ ମାମଲା ସଂଖ୍ୟା ୫୫୦୦କୁ ହ୍ରାସ



ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ଆଜି ରାଜ୍ୟପାଳ ବ୍ରଜମୋହନ ରାମାଙ୍କୁ ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ାଙ୍କ ନେତୃତ୍ୱରେ ଓଡ଼ିଶା ସୂଚନା ଆୟୋଗର ଏକ ପ୍ରତିନିଧି ଦଳ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ଅନ୍ୟ ରାଜ୍ୟ ସୂଚନା କମିଶନର ଜଗନ୍ନାଥ ରଥ, ପ୍ରାଣବିନ୍ଦୁ ଆଚାର୍ଯ୍ୟ, ପବିତ୍ର ମଣ୍ଡଳ ଓ କଲ୍ପନା ପଟ୍ଟନାୟକ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟପାଳଙ୍କୁ ଆୟୋଗର ଉପଲବ୍ଧି ବାବଦରେ ଅବଗତ କରାଯାଇଥିଲା। ଏକ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ୧୮ ମାସ ମଧ୍ୟରେ ବିଚାରାଧୀନ ମାମଲା ସଂଖ୍ୟା ୨୨ ହଜାରରୁ ୫,୫୦୦କୁ ହ୍ରାସ କରାଯାଇପାରିଛି। ଆୟୋଗ ଦେଶର ସର୍ବୋତ୍ତମ କାର୍ଯ୍ୟପଦ୍ଧତି ଅନୁସରଣ କରି ଶୁଣାଣି ଦିନ ହିଁ ସଂକ୍ଷିପ୍ତ ଆଦେଶନାମା ଜାରି କରିବାର ବ୍ୟବସ୍ଥା ଗ୍ରହଣ କରିଛି। ଏହାବ୍ୟତୀତ ଆବେଦନକାରୀଙ୍କ ସୁବିଧା ପାଇଁ ସମସ୍ତ ଶୁଣାଣି ଓଡ଼ିଆ ଭାଷାରେ କରାଯାଇଛି ବୋଲି କମିଶନର ଶ୍ରୀ ପରିଡ଼ା କହିଛନ୍ତି।

ରାଜ୍ୟପାଳଙ୍କୁ ଶ୍ରୀ ପରିଡ଼ା ଜଣାଇଛନ୍ତି ଯେ ଦୂର-ଦୂରାନ୍ତ ଅଞ୍ଚଳର ଆବେଦନକାରୀଙ୍କୁ ନିଜ ମାମଲାର ବିଚାର ପାଇଁ ଭୁବନେଶ୍ୱର ଆସିବାକୁ ନ ପଡୁ, ସେଥିପାଇଁ ଆୟୋଗ ଭିଡିଓ କନଫରେନ୍ସିଂ ବ୍ୟବସ୍ଥା ଉପଲବ୍ଧ କରାଇଛି। ଏଥିସହ ଅନଲାଇନ୍ ମାଧ୍ୟମରେ ଆବେଦନ ଦାଖଲ କରିବା ଓ ଚୂଡ଼ାନ୍ତ ଆଦେଶନାମାଗୁଡ଼ିକୁ ଡିଜିଟାଲ୍ ପଦ୍ଧତିରେ ଅପଲୋଡ୍ କରିବାର ସୁବିଧା ମଧ୍ୟ କରାଯାଇଛି। ପ୍ରାୟ ୩୦୦ ଆଇନ ଛାତ୍ରଛାତ୍ରୀଙ୍କୁ ଆରଟିଆଇ ବା ସୂଚନା ଅଧିକାର ସମ୍ବନ୍ଧୀୟ ବିଷୟରେ ପ୍ରଶିକ୍ଷଣ ଓ ବ୍ୟାବହାରିକ ଅନୁଭୂତି ପ୍ରଦାନ କରାଯାଇଛି। ଆୟୋଗଙ୍କ ଆଦେଶ କାର୍ଯ୍ୟକାରୀ ହୋଇ ନ ଥିବା ମାମଲାଗୁଡ଼ିକ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ସ୍ୱଚ୍ଛ ଓ ଡିଜିଟାଲ୍ ପଞ୍ଜୀକରଣ ବ୍ୟବସ୍ଥା ନେଇ ପ୍ରତିବଦ୍ଧତା

■ ସରଳ, ସୁଦୃଢ଼ ଓ ସୁବ୍ୟବସ୍ଥିତ ହେବ ପଞ୍ଜୀକରଣ ବ୍ୟବସ୍ଥା

■ ନାଗରିକ ସେବାଠାରୁ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟର ଡିଜିଟାଲ୍ ରୂପାନ୍ତରଣ

ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟରେ ଜମି ଓ ସମ୍ପତ୍ତି ପଞ୍ଜୀକରଣ ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ, ଦକ୍ଷ ଓ ନାଗରିକ ଅନୁକୂଳ କରିବା ଲକ୍ଷ୍ୟରେ ଜାତୀୟ ଜେନେରିକ୍ ଡକ୍ୟୁମେଣ୍ଟ ପଞ୍ଜୀକରଣ (ଏନଜିଡିଆରଏସ) ବ୍ୟବସ୍ଥାର କାର୍ଯ୍ୟକାରିତା ଓ ଆଧୁନିକୀକରଣ ସମ୍ପର୍କରେ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନଆଇସି), ପୁଣେର ସଫ୍ଟୱେର୍ ଡେଭଲପମେଣ୍ଟ ୟୁନିଟ୍ (ଏସଡିୟୁ) ସହ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟର ଜମିଜମା ପଞ୍ଜୀକରଣ ବ୍ୟବସ୍ଥାକୁ ଆହୁରି ସ୍ୱଚ୍ଛ, ସୁଦୃଢ଼ ଓ ପ୍ରଯୁକ୍ତିସମ୍ପନ୍ନ କରିବା ଦିଗରେ ରାଜସ୍ୱ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଆଲୋଚନାରେ ଡିଜିଟାଲ୍ ପ୍ରଯୁକ୍ତିର ଉପଯୋଗ ମାଧ୍ୟମରେ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ କରିବା, ନାଗରିକଙ୍କୁ ଉନ୍ନତ ସେବା ପ୍ରଦାନ, ପଞ୍ଜୀକରଣ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ସୂଚନାଯୋଗ୍ୟ ଯେ ଏନ୍‌ଜିଡିଆରଏସ୍ ହେଉଛି ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଅଧୀନସ୍ଥ ଭୂମି ସଂସାଧନ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଜାତୀୟସ୍ତରୀୟ ପଦକ୍ଷେପ। 'ଏକ ଦେଶ, ଏକ ପଞ୍ଜୀକରଣ'ର ଧାରଣା ଉପରେ ଆଧାରିତ ଏହି ବ୍ୟବସ୍ଥା ରାଜ୍ୟର ଆବଶ୍ୟକତା ଓ ନିୟମ ଅନୁଯାୟୀ ଏକ ବ୍ୟାପକ ଡିଜିଟାଲ୍ ପ୍ଲାଟଫର୍ମ ଯୋଗାଇଥାଏ। ଏହି ବ୍ୟବସ୍ଥା ମାଧ୍ୟମରେ ନାଗରିକମାନେ ଅନଲାଇନ୍‌ରେ ଦଲିଲ୍ ପ୍ରସ୍ତୁତି, ସମ୍ପତ୍ତିର ମୂଲ୍ୟାୟନ, ଷ୍ଟାମ୍ପ ଡ୍ୟୁଟି ଓ ପଞ୍ଜୀକରଣ ଶୁଳ୍କ ନିର୍ଦ୍ଧାରଣ, ଦେୟ ପ୍ରଦାନ, ନିର୍ଦ୍ଧାରିତ ସମୟ ପାଇଁ ନିଯୁକ୍ତି ଗ୍ରହଣ ଓ ଆବେଦନର ସ୍ଥିତି ଯାଞ୍ଚ ଭଳି ସେବା ପାଇପାରିବେ। ଏହାଦ୍ୱାରା ପଞ୍ଜୀକରଣ କାର୍ଯ୍ୟାଳୟକୁ ବାରମ୍ବାର ଯିବାର ଆବଶ୍ୟକତା କମ୍ ହେବା ସହ ପ୍ରକ୍ରିୟାରେ ତ୍ରୁଟି ହ୍ରାସ ସହ ଅନାବଶ୍ୟକ ବିଳମ୍ବ ହେବାର ସମ୍ଭାବନା ମଧ୍ୟ ହ୍ରାସ ପାଇବ। ଭବିଷ୍ୟତରେ ଏହି ବ୍ୟବସ୍ଥାର ଅଧିକ ଆଧୁନିକୀକରଣ, ଉନ୍ନତ ପ୍ରଯୁକ୍ତିଭିତ୍ତିକ ସଫ୍ଟୱେର୍ ଢାଞ୍ଚା, ତଥ୍ୟ ବିଶ୍ଳେଷଣ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଭୌଗୋଳିକ ସୂଚନା ପ୍ରଣାଳୀ (ଜିଆଇଏସ) ଓ ଜମି ରେକର୍ଡ ସହ ସମନ୍ୱୟର ସମ୍ଭାବନା ସମ୍ପର୍କରେ ବୈଠକରେ ଉପସ୍ଥାପିତ ହୋଇଥିଲା।

ବାତ୍ୟା ସତ୍ତ୍ୱେ ଚାଲିବ ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେସନ ଖାତା ଦେଖା

■ ୫ ଜିଲ୍ଲାରେ ଖାତା ଦେଖା ସ୍ଥଗିତ

କଟକ,୨୬।୧୦(ସଂଚାର ବ୍ୟୁରୋ): ବାତ୍ୟା 'ଅର୍ଣ୍ଣବ' ସତ୍ତ୍ୱେ ଚାଲିବ ମାଧ୍ୟମିକ ଶିକ୍ଷା ପରିଷଦର ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେସନ ଖାତା ଦେଖା। କିନ୍ତୁ ୫ଟି ଜିଲ୍ଲାରେ ବୋର୍ଡ ପକ୍ଷରୁ ଖାତା ଦେଖା ସ୍ଥଗିତ ରଖାଯିବ ବୋଲି ନିଷ୍ପତ୍ତି ହୋଇଛି। ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେସନ ଖାତା ଦେଖା ଦକ୍ଷିଣ ଓଡ଼ିଶାର ୫ଟି ରେଡ୍ ଆଲର୍ଟ ଜିଲ୍ଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମରେ ସ୍ଥଗିତ ରହିବ। ସେହିପରି ଅନ୍ୟ ୨୫ଟି ଜିଲ୍ଲାରେ ୨୯ରୁ ହେବ ଖାତା ଦେଖା ଡିଜିଟାଲ ମାଧ୍ୟମରେ କରିବାକୁ ନିଷ୍ପତ୍ତି ହୋଇଛି। ଗତ ୩ ତାରିଖରୁ ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୩୦ଟିଯାକ ଜିଲ୍ଲାର ୬୪ଟି କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା। ରାଜ୍ୟର ୧୨ ହଜାର ୪୨୫ ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷାରେ ଅବତୀର୍ଣ୍ଣ ଦେଇଛନ୍ତି। ସେହିପରି ପ୍ରାୟ ୭୦ ହଜାର ୭୧ଟି ଖାତା ଡିଜିଟାଲ ମାଧ୍ୟମରେ ଦେଖାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ମୂଲ୍ୟାୟନ କେନ୍ଦ୍ର ବୋର୍ଡ ପକ୍ଷରୁ କରାଯାଇଛି। ମୂଲ୍ୟାୟନ କେନ୍ଦ୍ରଗୁଡ଼ିକରେ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀ ଆନୁଷଙ୍ଗିକ ସୁବିଧା ସୁଯୋଗ କରିବାକୁ ବୋର୍ଡ ପକ୍ଷରୁ ଅନୁରୋଧ କରାଯାଇଛି।

୧୫ରୁ ରାଜଧାନୀ ପୁସ୍ତକ ମେଳା, ଖୋଲିବ ୪୦୦ରୁ ଅଧିକ ଷ୍ଟଲ୍

ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ୨୬ତମ ରାଜଧାନୀ ପୁସ୍ତକ ମେଳା ଆସନ୍ତା ନଭେମ୍ବର ୧୫ ତାରିଖରୁ ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହେବ। ଏହି ମେଳା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ପୁସ୍ତକ ମେଳା କମିଟିର ସଭାପତି ଡକ୍ଟର ଉପେନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆୟୋଜନ କମିଟି ବୈଠକରେ ଆବାହକ ରମେଶ ଚନ୍ଦ୍ର ସ୍ୱାଇଁ, ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ସଭ୍ୟ ବୀରକିଶୋର ପ୍ରଧାନ, କମଳିନୀ ମଲ୍ଲିକ ଓ ଏକାମ୍ର ପୁସ୍ତକ ମହୋତ୍ସବ କମିଟିର ସଭାପତି ଡ. ପୀତବାସ ରାଉତରାୟ, ଉପସଭାପତି ଡ. ଅଭୟ ନାୟକ, ସମ୍ପାଦକ ଭାସ୍କର ଜେନା ଯୋଗଦେଇ ମେଳାର ସଫଳତା ଉପରେ ଆଲୋଚନା କରିଥିଲେ। ଚଳିତ ବର୍ଷ ମେଳାରେ ୪୦୦ରୁ ଅଧିକ ଷ୍ଟଲ ଖୋଲାଯିବ। ଏହି ଅବସରରେ ଓଡ଼ିଆ ସାହିତ୍ୟର ୧୨ଟି ବିଭାଗରେ ପୁସ୍ତକ ମେଳା ପୁରସ୍କାର ପ୍ରଦାନ କରାଯିବ।

ପୁଲିସ ମୁଖ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

କଟକ, ୨୬।୧୦ (ସଂଚାର ବ୍ୟୁରୋ): ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ପାଳନ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବରିଷ୍ଠ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଦୁର୍ନୀତି ନିବାରଣ, ସାଧୁତା ଓ ସଚ୍ଚୋଟତା ବଜାୟ ରଖିବା ପାଇଁ ଶପଥ ଗ୍ରହଣ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନୀକିକରଣ) ଏସ. କେ. ପ୍ରିୟଦର୍ଶୀ ଉପସ୍ଥିତ ରହି ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଶପଥ ଗ୍ରହଣ ସମୟରେ ସାଧାରଣ ଜୀବନ ଓ ସରକାରୀ ସେବାରେ ସ୍ୱଚ୍ଛତା, ସଚ୍ଚୋଟତା, ସାଧୁତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ସହିତ ଦୁର୍ନୀତି ବିରୋଧରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ସଂକଳ୍ପ ନିଆଯାଇଥିଲା। ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ନିଷ୍ଠାର ସହ ଦାୟିତ୍ୱ ସମ୍ପାଦନ କରି ଏକ ଦୁର୍ନୀତିମୁକ୍ତ ପ୍ରଶାସନ ଗଠନ ପାଇଁ ପ୍ରତ୍ୟେକ କର୍ମଚାରୀ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଏହି ସଚେତନତା ସପ୍ତାହ ମାଧ୍ୟମରେ ଆହ୍ୱାନ ଦିଆଯାଇଛି।

ସମ୍ଭାବ୍ୟ ବାତ୍ୟାକୁ ନେଇ ଆକ୍ସନ ମୋଡ୍‌ରେ ବିଏମ୍‌ସି

■ ମହାନଗର ନିଗମ କର୍ମଚାରୀଙ୍କ ଛୁଟି ବାତିଲ୍

■ କାର୍ଯ୍ୟରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ

■ ଜଳବନ୍ଦୀ ସମସ୍ୟା ଓ ରାସ୍ତାକୁ ଅବରୋଧମୁକ୍ତ କରିବାକୁ ଗୁରୁତ୍ୱ

ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟାକୁ ନେଇ ଆକ୍ସନ ମୋଡ୍‌ରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପ୍ରଶାସନ। ବାତ୍ୟାର ମୁକାବିଲା ପାଇଁ ଜରୁରୀ ବୈଠକ ଡାକି ବିଭିନ୍ନ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ବିଏମ୍‌ସି ଅଧିକାରୀଙ୍କ ଛୁଟି ବାତିଲ୍ କରାଯାଇଥିବା ବେଳେ କାର୍ଯ୍ୟରେ ଅବହେଳା କଲେ ଯନ୍ତ୍ରୀଙ୍କ ବିରୋଧରେ ନିଲମ୍ବନ ଭଳି କଠୋର କାର୍ଯ୍ୟାନୁଷ୍ଠାନ ନେଇ ଚେତାବନୀ ଦିଆଯାଇଛି।

ବାତ୍ୟା ସମୟରେ ଜଳବନ୍ଦୀ ସମସ୍ୟା ଓ ରାସ୍ତା ଅବରୋଧ ରୋକିବା ଉପରେ ଦିଆଯାଇଛି ସର୍ବାଧିକ ଗୁରୁତ୍ୱ। ତୋରଣ, ରାସ୍ତା ମଝିରେ ଥିବା ବାଉଁଶ ଓ ଅସ୍ଥାୟୀ ହୋର୍ଡିଂ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଳବନ୍ଦୀ ପ୍ରବଣ ଅଞ୍ଚଳରେ ପମ୍ପ ଓ ଅପରେଟର ମୁତୟନ ସହ ରାତିରେ ମଧ୍ୟ ପମ୍ପ ଚାଲୁ ରଖିବାକୁ କୁହାଯାଇଛି। ପ୍ରତି ୱାର୍ଡରେ ଜଣେ ଇଞ୍ଜିନିୟରଙ୍କୁ ଦାୟିତ୍ୱ ଦିଆଯିବ। ଏଥିସହ ମୁଖ୍ୟ ରାସ୍ତାର ଷ୍ଟ୍ରିଟ୍ ଲାଇଟ୍ ତୁରନ୍ତ ମରାମତି କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି।

ବାତ୍ୟାରେ ଗଛ ଉପୁଡ଼ି ରାସ୍ତା ଅବରୋଧ ହେଲେ ତୁରନ୍ତ ହଟାଇବା ପାଇଁ ୯ରୁ ୧୦ଟି ଟିମ୍ ପ୍ରସ୍ତୁତ ରହିବେ। ଆବଶ୍ୟକ ପଡ଼ିଲେ ବସ୍ତି ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ। ଅନ୍ୟପଟେ ବିଦ୍ୟୁତ୍ କାଟ୍ ସମ୍ପର୍କରେ ଆଗୁଆ ସୂଚନା ଦେବ ଟିପିସିଓଡିଏଲ୍। ଅବହେଳା ଯୋଗୁଁ କୌଣସି ଅଘଟଣ ଘଟିଲେ ଅଧିକାରୀଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ହୋଇପାରେ ବୋଲି ଚେତାବନୀ ଦିଆଯାଇଛି।

ସେପଟେ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ଅଗ୍ନିଶମ ବିଭାଗ ମଧ୍ୟ ପୂରା ପ୍ରସ୍ତୁତ। ୧୩୦୦ ଅଗ୍ନିଯୋଦ୍ଧାଙ୍କୁ ନିଯୋଜିତ କରାଯିବା ସହ ୨୨୫ଟି ଟିମ୍ ପ୍ରସ୍ତୁତ ରଖାଯାଇଛି। ପ୍ରଭାବିତ ଅଞ୍ଚଳ ଉପରେ ନଜର ରଖିବା ପାଇଁ ଭୁବନେଶ୍ୱରରେ କମାଣ୍ଡ ସେଣ୍ଟର ରହିଛି। ଗଛ ଉପୁଡ଼ିବା, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ଓ ରାସ୍ତା ଅବରୋଧ ଭଳି ସମସ୍ୟାର ମୁକାବିଲା ପାଇଁ ଟ୍ରି କଟର୍, ଜେସିବି ଓ ଅନ୍ୟାନ୍ୟ ଉଦ୍ଧାରକାରୀ ଉପକରଣ ପ୍ରସ୍ତୁତ ରଖାଯାଇଛି।

ଜଳବନ୍ଦୀ ଅଞ୍ଚଳରୁ ଲୋକଙ୍କୁ ଉଦ୍ଧାର ପାଇଁ ୧୦୦ରୁ ଅଧିକ ବୋଟ୍ ରଖାଯାଇଥିବା ବେଳେ ଜଳ ନିଷ୍କାସନ ପାଇଁ ବିଭିନ୍ନ ସ୍ଥାନରେ ପମ୍ପ ମୁତୟନ କରାଯାଇଛି। ଦୁର୍ଘଟଣା କିମ୍ବା ଘର ଭୁଶୁଡ଼ିବା ଭଳି ଘଟଣାରେ ଫସିଥିବା ଲୋକଙ୍କୁ ଉଦ୍ଧାର ପାଇଁ ଏମର୍ଜେନ୍ସି ରେସ୍ପୁ ଭେହିକିଲ୍ ଓ ଆଧୁନିକ ଉପକରଣ ମଧ୍ୟ ପ୍ରସ୍ତୁତ ରହିଛି। ସାମଗ୍ରିକ ଭାବେ ବାତ୍ୟା ସମୟରେ ଜଳବନ୍ଦୀ ସମସ୍ୟାର ସମାଧାନ, ରାସ୍ତାରୁ ଗଛ ହଟାଇବା ଓ ଜରୁରୀ ସେବା ପୁନରୁଦ୍ଧାରକୁ ପ୍ରାଥମିକତା ଦେଇଛି ପ୍ରଶାସନ। ବିଦ୍ୟୁତ୍ ସେବା ପୁନରୁଦ୍ଧାର ପାଇଁ ମଧ୍ୟ ଆଗୁଆ ବ୍ୟବସ୍ଥା କରାଯାଉଛି। ସମ୍ଭାବ୍ୟ ବିପଦକୁ ଆଖି ଆଗରେ ରଖି ସମସ୍ତ ବିଭାଗକୁ ସତର୍କ ଓ ପ୍ରସ୍ତୁତ ରହିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

ପୁରୀରେ ହବିଷ୍ୟାଳୀଙ୍କ ଭକ୍ତିଭାବନାକୁ କୁଠାରାଘାତ

ପଞ୍ଜୀକରଣ ବାହାନାରେ ହବିଷ୍ୟାଳୀଙ୍କୁ କଷ୍ଟ ନ ଦିଅନ୍ତୁ ସରକାର: ବିଜେଡି

ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ପବିତ୍ର କାର୍ତ୍ତିକ ମାସ ଅବସରରେ ଶ୍ରୀକ୍ଷେତ୍ର ପୁରୀକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ରାଧାଦାମୋଦର ବ୍ରତ ପାଳନ ପାଇଁ ଆସିଥିବା ହଜାର ହଜାର ହବିଷ୍ୟାଳୀ ମା'ମାନଙ୍କ ଦୁର୍ଦ୍ଦଶା ରାଜ୍ୟ ସରକାରଙ୍କ ଅବ୍ୟବସ୍ଥାକୁ ପଦାରେ ପକାଇଛି। ହବିଷ୍ୟାଳୀ ମା'ମାନଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାରେ ବିଜେପି ବିଫଳ ହୋଇଥିବା ଅଭିଯୋଗ କରିଛି ବିଜେଡି। ଏକ ପ୍ରେସ୍ ବିବୃତି ମାଧ୍ୟମରେ ଦଳର ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି କହିଥିଲେ ଯେ ଗତ ୩ ବର୍ଷ ଧରି ହବିଷ୍ୟାଳୀଙ୍କ ପାଇଁ ସୁବ୍ୟବସ୍ଥା ଯୋଗାଇ ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହା କେବଳ ଏକ ପ୍ରଶାସନିକ ଅବ୍ୟବସ୍ଥା ନୁହେଁ, ବରଂ ଓଡ଼ିଆଙ୍କ ଧାର୍ମିକ ଭାବନା, ପରମ୍ପରା ଓ ମହାନ ଜଗନ୍ନାଥ ସଂସ୍କୃତି ପ୍ରତି ଅବମାନନା। ହବିଷ୍ୟାଳୀଙ୍କ ଆସ୍ଥା ଓ ଭାବାବେଗକୁ ସମ୍ମାନ ଦେବା ପରିବର୍ତ୍ତେ ସେମାନଙ୍କୁ ଅସୁବିଧାରେ ପକାଇବା ଅତ୍ୟନ୍ତ ଦୁଃଖଦାୟକ। ନବୀନ ସରକାର ସମୟରେ ହବିଷ୍ୟାଳୀଙ୍କ ରହଣି, ଖାଦ୍ୟ, ଯାତାୟାତ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ସୁବ୍ୟବସ୍ଥିତ ଆୟୋଜନ କରାଯାଉଥିଲା।

ମହିଳା ପରିଚାଳିତ କମ୍ପାନୀକୁ ସଶକ୍ତ କରିବା ପାଇଁ ଉଦ୍ୟମ

୬୪ କମ୍ପାନୀର ୩୨୦ ନିର୍ଦ୍ଦେଶକଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ରାଜ୍ୟରେ ମହିଳାଙ୍କ ନେତୃତ୍ୱରେ ପରିଚାଳିତ ଉତ୍ପାଦକ କମ୍ପାନୀଗୁଡ଼ିକୁ ଅଧିକ ସୁଦୃଢ଼ ଓ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ଦୁଇଦିନିଆ ରାଜ୍ୟସ୍ତରୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମହିଳା ସଶକ୍ତୀକରଣ ଓ ଆର୍ଥିକ ସ୍ୱାବଲମ୍ବନ ଉପରେ ଗୁରୁତ୍ୱାରୋପ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସଂଗଠିତ ମହିଳା ଆଜି ସଫଳତାର ସୋପାନ ପରେ ସୋପାନ ଅତିକ୍ରମ କରିଚାଲିଛନ୍ତି। ନିରନ୍ତର ପ୍ରୟାସ, ସକାରତ୍ମକ ପ୍ରଚେଷ୍ଟା, ଅଦମ୍ୟ ସାହସ ଓ ଉଦ୍ୟୋଗୀ ମନୋବୃତ୍ତି ଆମ୍ଭ ମହିଳାଙ୍କୁ ଆଜି ସଫଳ କରାଇପାରିଛି। ମହିଳାଙ୍କୁ ପ୍ରେରିତ, ଉତ୍ସାହିତ ଓ ଦିଗଦର୍ଶନ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ ବଜେଟରୁ ଓ ବ୍ୟାଙ୍କମାନଙ୍କ ମାଧ୍ୟମରେ ରାଜ୍ୟ ସରକାର ଆମ ମହିଳାଙ୍କୁ ସୁଧରହିତ ଋଣ ପୁଞ୍ଜି ଯୋଗାଇ ଦେଉଛନ୍ତି ଓ ତତ୍‌ସହିତ ମହିଳାମାନଙ୍କୁ ଉତ୍ପାଦନ ଓ ବ୍ୟାପାର ସମ୍ବନ୍ଧୀୟ ପ୍ରଶିକ୍ଷଣ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଇତ୍ୟାଦି ମାଧ୍ୟମରେ ବ୍ୟାପକ ସହଯୋଗ କରୁଥିଛନ୍ତି।

ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କାଡ଼ାମ

■ ଆନ୍ଧ୍ର ନିର୍ବାଚନ ବିରୋଧରେ ଆଇନଗତ ପ୍ରକ୍ରିୟା

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଞ୍ଚାର

୪ ମଙ ଳବାର ୨୭ ଅକ୍ଟୋବର ୨୦୨୬, ଭୁବନେଶ୍ୱର

Tuesday 27 October 2026, Bhubaneswar

ରାଜନୀତିରେ ଗଣତାନ୍ତ୍ରିକ ମୂଲ୍ୟବୋଧ

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ପଟନା ଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୁଦ୍ଧରେ କହିଥିବା ମନ୍ତବ୍ୟ ବର୍ତ୍ତମାନ ଭାରତୀୟ ରାଜନୀତିର ଏକ ବଡ଼ ବିବାଦର କେନ୍ଦ୍ରବିନ୍ଦୁ ହୋଇଛି। ୨୫ ଅକ୍ଟୋବର ୨୦୨୬ରେ ବିହାରର ପ୍ରଥମ ମୁଖ୍ୟମନ୍ତ୍ରୀ ଶ୍ରୀକୃଷ୍ଣ ସିଂହଙ୍କ ୧୩୯ତମ ଜୟନ୍ତୀ ଉତ୍ସବରେ ଖଡଗେ ଭୋଟର ତାଲିକାର ବିଶେଷ ନିବିଡ଼ ସଂଶୋଧନ (ଏସଆଇଆର) ପ୍ରକ୍ରିୟାକୁ ନେଇ ସରକାର ଓ ନିର୍ବାଚନ ଆୟୋଗ ଉପରେ ଆକ୍ରମଣ କରୁଥିବା ବେଳେ ଶ୍ରୋତାମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି 'ମୋଦୀ କେଉଁଠି ଯିବେ ନାହିଁ' ବୋଲି କହିବା ପରେ ଖଡଗେ ପ୍ରତିଉତ୍ତରରେ 'ମୋଦୀର ବାପା ବି ଯିବେ ବୋଲି କହିଥିଲେ। ଏହି ଏକ ବାକ୍ୟ ସାରା ଦେଶରେ ରାଜନୈତିକ ତୁମ୍ବି ତୋଫାନ ସୃଷ୍ଟି କରିଛି।

ବିଜେପି ଏହି ମନ୍ତବ୍ୟକୁ ପ୍ରଧାନମନ୍ତ୍ରୀଙ୍କ ସ୍ୱର୍ଗତ ପିତାଙ୍କ ପ୍ରତି ଅପମାନ ବୋଲି ବ୍ୟାଖ୍ୟା କରିଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ରକ୍ଷାମନ୍ତ୍ରୀ ରାଜନାଥ ସିଂହ ଓ ଅନ୍ୟ ନେତାମାନେ ଏହାକୁ 'ଅଶିଷ୍ଟ, ଅସଂସଦୀୟ ଓ ବିଷାକ୍ତ' ଭାଷା ବୋଲି ଆଖ୍ୟା ଦେଇଛନ୍ତି। ସେମାନେ କହିଛନ୍ତି ଯେ କଂଗ୍ରେସ ପାର୍ଟି ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ବ୍ୟକ୍ତିଗତ ଆକ୍ରମଣକୁ ରାଜନୀତିର ମୁଖ୍ୟ ହତିଆର କରିଛି। ଅତୀତରେ ମୋଦୀଙ୍କ ମାତାଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ, 'ମୃତ୍ୟୁ ବ୍ୟବସାୟୀ ଓ 'ଚାୟବାଲା' ଭଳି ଶବ୍ଦ ବ୍ୟବହାର କରାଯାଇଥିବା ଉଦାହରଣ ଦେଇ ବିଜେପି ଦାବି କରୁଛି ଯେ ବିରୋଧୀ ଦଳ ସଜ୍ଞାନଜନକ ବିରୋଧର ସୀମା ଅତିକ୍ରମ କରିଛି। ଦେଶବ୍ୟାପୀ ପ୍ରଦର୍ଶନ ଓ କ୍ଷମା ମାଗିବାର ଦାବି ଉଠିଛି।

ଅନ୍ୟପଟେ କାଂଗ୍ରେସ ଏହାକୁ ଏକ ତାତ୍ତ୍ୱାଳିକ ପ୍ରତିକ୍ରିୟା ବୋଲି ବ୍ୟାଖ୍ୟା କରୁଛି। ସେମାନେ କହୁଛନ୍ତି ଯେ ଶ୍ରୋତାମଣ୍ଡଳୀରୁ ଆସିଥିବା ବାଧା ଓ ଅପମାନଜନକ କଥାକୁ ଖଡଗେ ଉତ୍ତର ଦେଇଥିଲେ। କିଛି ନେତା ଯୁକ୍ତି ଦେଉଛନ୍ତି ଯେ

"ବାପ" ଶବ୍ଦ ଏଠାରେ ଆଦର୍ଶ ବା ଆରଏସଏସକୁ ବୁଝାଉଛି, ବ୍ୟକ୍ତିଗତ ପିତାଙ୍କୁ ନୁହେଁ। ଖଡଗେଙ୍କ ପୁତ୍ର ପ୍ରିୟାଙ୍କ ଖଡଗେ ଭାଜପାର ଅତୀତ ମନ୍ତବ୍ୟକୁ ମନେ ପକାଇ ଦ୍ୱୈତ ମାନଦଣ୍ଡର ଅଭିଯୋଗ କରିଛନ୍ତି। ରାଜନୀତିରେ ଉଭୟ ପକ୍ଷ ପରସ୍ପର ପରିବାରକୁ ଲକ୍ଷ୍ୟ କରିଥିବା ଉଦାହରଣ ବହୁତ।

ଏହି ବିବାଦ କେବଳ ଏକ ବାକ୍ୟର ବ୍ୟାଖ୍ୟା ନୁହେଁ। ଏହା ଆମ ରାଜନୈତିକ ସଂସ୍କୃତିର ଗଭୀର ସଙ୍କଟକୁ ଉଜାଗର କରେ। ଗଣତନ୍ତ୍ରରେ ବିରୋଧ ରହିବା ଉଚିତ। ନୀତି, ଶାସନ, ଭ୍ରଷ୍ଟାଚାର ଓ ନିର୍ବାଚନୀ ପ୍ରକ୍ରିୟା ଉପରେ ତୀବ୍ର ସମାଲୋଚନା ହେବା ଉଚିତ। କିନ୍ତୁ ଯେତେବେଳେ ବିରୋଧ ବ୍ୟକ୍ତିଗତ ପରିବାର, ସ୍ୱର୍ଗତ ଆତ୍ମୀୟ ଓ ଅସଭ୍ୟ ଭାଷାକୁ ଆଶ୍ରୟ କରେ, ସେତେବେଳେ ଏହା ଗଣତାନ୍ତ୍ରିକ ମୂଲ୍ୟବୋଧକୁ କ୍ଷତି ପହଞ୍ଚାଏ। ଉଭୟ ପକ୍ଷ ଏହି ରୋଗରେ ଆକ୍ରାନ୍ତ। କ୍ଷମତାରେ ଥିବା ବେଳେ ଗୋଟିଏ ଭାଷା ଓ ବିରୋଧରେ ଥିବା ବେଳେ ଅନ୍ୟ ଭାଷା ବ୍ୟବହାର କରିବା ଦ୍ୱୈତ ମାନଦଣ୍ଡକୁ ଦର୍ଶାଏ।

ଜନସାଧାରଣ ଏହି ନାଟକ ଦେଖି କ୍ଲାନ୍ତ। ସେମାନେ ଚାହାନ୍ତି ଯେ ନେତାମାନେ ସମସ୍ୟା ଉପରେ କଥା ହୁଅନ୍ତୁ - ମୂଲ୍ୟବୃଦ୍ଧି, ବେକାରୀ, କୃଷି ସଙ୍କଟ, ଶିକ୍ଷା ଓ ସ୍ୱାସ୍ଥ୍ୟ। ବ୍ୟକ୍ତିଗତ ଆକ୍ରମଣ ଓ ଭାଷାର ନିମ୍ନତା କେବଳ ରାଜନୈତିକ ଦଳଗୁଡ଼ିକର ହତାଶାକୁ ପ୍ରକାଶ କରେ। ଖଡଗେ ଭଳି ବରିଷ୍ଠ ନେତାଙ୍କ ଠାରୁ ଅଧିକ ସଂଯମ ଆଶା କରାଯାଏ। ସେହିପରି ଶାସକ ଦଳ ମଧ୍ୟ ନିଜର ଅତୀତ ଭୁଲ ଭୁଲିବା ଉଚିତ ନୁହେଁ।

ରାଜନୀତିରେ ଉତ୍ତେଜନା ଓ ଆବେଗ ରହିବା କିନ୍ତୁ ସୀମା ରହିବା ଦରକାର। ସ୍ୱର୍ଗତ ବ୍ୟକ୍ତିଙ୍କୁ ରାଜନୈତିକ ଯୁଦ୍ଧର ହତିଆର କରିବା ନାଗରିକ ସମାଜକୁ ଆଘାତ ଦିଏ। ଉଭୟ କଂଗ୍ରେସ ଓ ବିଜେପି ଏହି ଘଟଣାରୁ ଶିକ୍ଷା ନେବା ଉଚିତ। ବିରୋଧ ତୀବ୍ର ହେଉ, କିନ୍ତୁ ମର୍ଯ୍ୟାଦା ରଖାଯାଉ। ନଚେତ୍ ଜନତା ଏହି ନାଟକରୁ ଦୂରେଇ ଯିବେ ଓ ଗଣତନ୍ତ୍ର ଦୁର୍ବଳ ହେବ। ଆମ ରାଜନୀତି ଆବେଗ ନୁହେଁ, ଯୁକ୍ତି ଓ ସଜ୍ଞାନ ଉପରେ ଭିତ୍ତି କରିବା ଆବଶ୍ୟକ।

କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳବେଣୀ...

ଡକ୍ଟର ତପନ କୁମାର ପାଳ

କୁମାରୋତ୍ସବ ବା କୁମାର ପୂର୍ଣ୍ଣିମା ଆଶ୍ୱିନ ମାସ ପୂର୍ଣ୍ଣିମୀ ତିଥିରେ ପାଳିତ ହୁଏ। କୁମାରୀଙ୍କ ଏହା ଏକ ବଡ଼ ଉତ୍ସବ ଦିନ। ସେମାନେ ନୂତନ ବସ୍ତ୍ର ପରିଧାନ କରନ୍ତି। ସନ୍ଧ୍ୟା ସମୟରେ ନବୋଦିତ ଚନ୍ଦ୍ରଙ୍କର ଉପାସନା କରିବା ପୂର୍ବରୁ ପ୍ରତ୍ୟୁଷରୁ ଲିଆ, ନଡ଼ିଆ ଓ ବିଭିନ୍ନ ଫଳ ଅଞ୍ଜଳି ଟେକି ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରନ୍ତି। ଏହି ସମୟରେ ଆକାଶରେ ପ୍ରାତଃ ସୂର୍ଯ୍ୟଙ୍କର ଅରୁଣ ଦୀପ୍ତି ଓ ମଲାଜହ୍ନର ନିଷ୍ପ୍ରଭ ଜ୍ୟୋତି ଉଭୟ ସମାବେଶ ଘଟିଥାଏ। ସନ୍ଧ୍ୟା ସମୟରେ ଆକାଶରୁ ଗୋଧୂଳିର ରକ୍ତିମା ଲିଭିନଥାଏ କିମ୍ବା ପୂର୍ଣ୍ଣିମୀ ଜହ୍ନ ତାର ସମୁଦାୟ କାନ୍ତି ପ୍ରକାଶ କରିନଥାଏ। ଏହିପରି ମଧୁର ସନ୍ଧିବେଳାରେ ଚନ୍ଦ୍ର ପୂଜାର ଆୟୋଜନ ହୁଏ। ଏକକାଳୀନ ଚନ୍ଦ୍ର ଓ ସୂର୍ଯ୍ୟଙ୍କର ପୂଜା କରି ଶକ୍ତି ଓ ସାମର୍ଥ୍ୟ ଲାଭ ଏବଂ ସୌଭାଗ୍ୟ କାମନା କରାଯାଏ। 'କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳବେଣୀ...' ଗୀତ ଗାଇ ଗାଇ କୁମାରୀ କନ୍ୟାମାନେ ପୁଚି ଖେଳ ଓ ତାସ ଖେଳରେ ରାତି କଟାଇ ଦିଅନ୍ତି।

କୁମାର ପୂର୍ଣ୍ଣିମୀ ରାତ୍ରିରେ ଚୁଡ଼ା ଓ ନଡ଼ିଆରେ ଶ୍ରୀଲକ୍ଷ୍ମୀଙ୍କର ଅର୍ଚ୍ଚନା କରାଯାଏ। ଏହା ମଧ୍ୟ ପୁରାଣରେ ବର୍ଣ୍ଣିତ ଅଛି - 'ନାରିକେଳେଷ୍ଟି ପିଟକେଃ ପିତମ୍ ଦେବାନ୍ ସମର୍ଚ୍ଚୟେତ୍, ବନ୍ଧୁଂଶ୍ଚ ପ୍ରୀନୟେତ୍ତେନ ସ୍ୱୟଂ ତଦଶନୋ ଭବେତ୍'। ଚୁଡ଼ା ନଡ଼ିଆରେ ଲକ୍ଷ୍ମୀ ଦେବୀଙ୍କ ନୈବେଦ୍ୟ ପ୍ରସ୍ତୁତ କରିବାର ତାତ୍ପର୍ଯ୍ୟ ହେଉଛି - ଅନ୍ନହିଁ ଲକ୍ଷ୍ମୀଙ୍କର ରୂପମନ୍ତ ପ୍ରକାଶ। ସେହି ହେତୁରୁ ଧାନ ମଧ୍ୟ ଲକ୍ଷ୍ମୀ ନ୍ୟାୟରେ ପୂଜ୍ୟ। ଏହି ଦିନରେ ପୁଣି ଚନ୍ଦ୍ର ଓ କାର୍ତ୍ତିକଙ୍କର ପୂଜା କରାଯାଏ।

କୁମାରୀମାନଙ୍କର ଏହା ଏକ ବଡ଼ ଉତ୍ସବ ଦିନ। ଏଥିପାଇଁ ମାସକ ପୂର୍ବରୁ ଏମାନଙ୍କର ପ୍ରସ୍ତୁତି ଚାଲିଥାଏ। ଭାଦ୍ରବ ପୂର୍ଣ୍ଣିମୀ ବା ଇନ୍ଦୁ ପୂର୍ଣ୍ଣିମୀ ଠାରୁ କୁମାର ପୂର୍ଣ୍ଣିମୀ ପର୍ଯ୍ୟନ୍ତ କୁମାରୀ କନ୍ୟାମାନେ ଏକାଠି ହୋଇ ଜହ୍ନି ଓଷା କରନ୍ତି। ଜହ୍ନି ଫୁଲରେ କୋଠି ତିଆରି କରି, କଳସ ସ୍ଥାପନ କରି, ତୁଳସୀ ଚଉରା ମୂଳେ ପୂଜା କରିଥାନ୍ତି। ସେହି ପୂଜାର ଉଦ୍‌ଯାପନ ହୁଏ କୁମାର ପୂର୍ଣ୍ଣିମୀରେ।

ଏହି ଦିନରେ ଲକ୍ଷ୍ମୀଦେବୀଙ୍କର ଆରାଧନା କରାଯାଉଥିବାରୁ ଏହାକୁ ଗଜଲକ୍ଷ୍ମୀ ପୂଜା କୁହାଯାଏ। ସୌଭାଗ୍ୟ, ସୌନ୍ଦର୍ଯ୍ୟ ଓ ସମ୍ପଦର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ଶ୍ରୀଲକ୍ଷ୍ମୀ। ଏହି ସମୟରେ ଗଜପୃଷ୍ଠରେ ଲକ୍ଷ୍ମୀଦେବୀଙ୍କର ଆବିର୍ଭାବ ହୋଇଥାଏ। ସୁଖ, ସୌଭାଗ୍ୟ, ଯଶ, ଧନ କାମନା କରି ପୂଜା କରାଯାଏ ଚନ୍ଦ୍ର, ସୂର୍ଯ୍ୟ, ଲକ୍ଷ୍ମୀ ଓ କାର୍ତ୍ତିକେୟଙ୍କୁ। ଓଡ଼ିଶାର କେତେକ ସ୍ଥାନରେ କୁମାର ପୂର୍ଣ୍ଣିମାରେ ଏବେ ବି କୁମାରୀ ବାହାଘର ଆୟୋଜିତ ହୋଇଥାଏ। ସନ୍ଧ୍ୟାର ପୂଜା ଉତ୍ସବ ବେଳେ ମଧ୍ୟ ଆକାଶରୁ ଗୋଧୂଳିର ରକ୍ତିମା ଲିଭି ନଥାଏ କିମ୍ବା ପୂର୍ଣ୍ଣିମୀ ଜହ୍ନ ତାର ସମୁଦାୟ କାନ୍ତି ପ୍ରକାଶ କରିନଥାଏ। ଏହିପରି ମଧୁର ସନ୍ଧିବେଳାରେ ଚନ୍ଦ୍ର ପୂଜାର ଆୟୋଜନ ହୁଏ। ତେଣୁ ଏମାନେ ଏକକାଳୀନ ଚନ୍ଦ୍ର ଓ ସୂର୍ଯ୍ୟ ଉଭୟର ପୂଜା କରି ନିଜର ସୌଭାଗ୍ୟ କାମନା କରିଥାନ୍ତି। କୁମାରୀମାନେ କୌତୁକ କ୍ରୀଡ଼ାକରି କୁମାର ପୂର୍ଣ୍ଣିମୀ ରାତ୍ରିଟି ଉଜାଗରରେ କଟାଇ ଦିଅନ୍ତି। ଏହି ପର୍ବ ଓଡ଼ିଶାର ଘରେ ଘରେ ପାଳିତ ହୁଏ ଏବଂ ଏ ଦିନ ଓଡ଼ିଶାବାସୀ ଗଜଲକ୍ଷ୍ମୀ, ଚନ୍ଦ୍ର, ସୂର୍ଯ୍ୟ ଓ କାର୍ତ୍ତିକଙ୍କର ପୂଜା ଆରାଧନା କରି ନିଜର ସୁଖ, ସୌଭାଗ୍ୟ, ଯଶ, ଧନ ଓ ପୌରୁଷ କାମନା କରିଥାନ୍ତି।

ଭୁବନେଶ୍ୱର, ମୋବାଇଲ୍:୯୯୩୭୬୫୮୩୬୨

ଜର୍ଜ ସୋରୋସ: ଦାତବ୍ୟ ଓ ରାଜନୀତିର ବିତର୍କିତ ବ୍ୟକ୍ତି

ବିଜନ କୁମାର ମହାପାତ୍ର

ଭାରତୀୟ ରାଜନୀତିରେ ପୁଣି ଥରେ ଧନାଢ୍ୟ ଶିଳ୍ପପତି ଜର୍ଜ ସୋରୋସଙ୍କୁ ନେଇ ସରଗରମ ଚର୍ଚ୍ଚା। ଏସଆଇଆରରେ ବ୍ୟାପକ ଅନିୟମିତତା ଅଭିଯୋଗ ବିରୋଧରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଏବଂ ଏ ପ୍ରସଙ୍ଗରେ ଏନଡିଏ ସରକାରକୁ ଟାର୍ଗେଟ କରି ହେଉଥିବା ପ୍ରତିବାଦ, ବିକ୍ଷୋଭ ପରିପ୍ରେକ୍ଷୀରେ ଜର୍ଜ ସୋରୋସଙ୍କ ନାଁ ଉଠିଛି। ବିଜେପିର ଅଭିଯୋଗ ଜର୍ଜ ସୋରୋସଙ୍କ ଅନୁଦାନ ପ୍ରାପ୍ତ ବିଭିନ୍ନ ସଂସ୍ଥା ସହାୟତାରେ ବିରୋଧୀ କଂଗ୍ରେସ ଦେଶରେ ଅଶାନ୍ତି ସୃଷ୍ଟି କରି କ୍ଷମତା ପରିବର୍ତ୍ତନ ପାଇଁ ଉଦ୍ୟମ କରୁଛି। ଦେଶରେ ରାଜନୈତିକ ପରିବର୍ତ୍ତନ କୌଣସି ବିଦେଶୀ ଷଡଯନ୍ତ୍ର ଦ୍ୱାରା ନୁହେଁ, ବରଂ ନିର୍ବାଚନ ଜରିଆରେ ହୁଏ ବୋଲି ଏନଡିଏ ସରକାରର ବିଭିନ୍ନ କେନ୍ଦ୍ର ମନ୍ତ୍ରୀ ଟିପ୍ପଣୀ ଦେଇଛନ୍ତି। ଏସଆଇଆର ଅନିୟମିତତା ଓ କ୍ଷମତା ପରିବର୍ତ୍ତନ ପ୍ରସଙ୍ଗରେ ବାକ୍‌ଯୁଦ୍ଧ ତୀବ୍ର ହୋଇଥିବା ବେଳେ ଭାରତୀୟ ରାଜନୀତିରେ ପୁଣି ଥରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ଜର୍ଜ ସୋରୋସ।

ସୋରୋସ ମୋଦି ସରକାରଙ୍କ ଜଣେ କଠୋର ସମାଲୋଚକ ଭାବେ ଜଣାଶୁଣା। ୨୦୨୦ ମସିହାରୁ ସୋରୋସ ଓ ବିଜେପି ମଧ୍ୟରେ ତିକ୍ତତା ରହିଆସିଛି। ୨୦୨୩ ମସିହା ଫେବ୍ରୁଆରୀରେ ମ୍ୟୁନିକରେ ଆୟୋଜିତ ଏକ ସୁରକ୍ଷା ସମ୍ମିଳନୀରେ ଜର୍ଜ ସୋରୋସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାରତୀୟ ଗଣତନ୍ତ୍ର ବାବଦରେ କିଛି ନକାରାତ୍ମକ ଟିପ୍ପଣୀ ଦେଇଥିଲେ। ସୋରୋସ କହିଥିଲେ ଯେ, ଭାରତ ଏକ ଗଣତାନ୍ତ୍ରିକ ଦେଶ। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଣତାନ୍ତ୍ରିକ ନୁହଁନ୍ତି। ଏହାଛଡା ଅଦାନୀ ଗ୍ରୁପ୍ ଓ ଭାରତର ସଂଖ୍ୟାଲଘୁଙ୍କ ସ୍ଥିତି ବାବଦରେ ମଧ୍ୟ କିଛି ଟିପ୍ପଣୀ ଦେଇଥିଲେ ସୋରୋସ। ସୋରୋସଙ୍କ ଟିପ୍ପଣୀକୁ ଭର୍ତ୍ସନା କରିଥିଲେ ଭାରତ ସରକାର ଓ ବିଜେପି। ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର ସୋରୋସଙ୍କ ମନ୍ତବ୍ୟକୁ ଖାରଜ କରି ତାଙ୍କୁ ଜଣେ ବୃଦ୍ଧ, ଧନୀ ଜିଦ୍‌ଖୋର ଏବଂ ବିପଜ୍ଜନକ ବ୍ୟକ୍ତି ବୋଲି ବର୍ଣ୍ଣନା କରିଥିଲେ। ବିଜେପି ଏ ପ୍ରସଙ୍ଗରେ କଂଗ୍ରେସ ପ୍ରତି କଡା ଆଭିମୁଖ୍ୟ ଗ୍ରହଣ କରି ସୋରୋସଙ୍କ ସହ ସଂପର୍କ ଥିବା ଅଭିଯୋଗ ଆଣିଥିଲା। ପୂର୍ବରୁ ୨୦୨୦ ମସିହାରେ ଡାଭୋସ୍ ବିଶ୍ୱ ଅର୍ଥନୈତିକ ଫୋରମ ବୈଠକରେ ମଧ୍ୟ ସୋରୋସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ମନ୍ତବ୍ୟ ଦେଇଥିଲେ। ଭାରତକୁ ଏକ 'ହିନ୍ଦୁ ରାଷ୍ଟ୍ରବାଦୀ' ଦେଶରେ ପରିଣତ ହେଉଛି ବୋଲି ଟିପ୍ପଣୀ କରିଥିଲେ ସୋରୋସ। ଏପରିକି କାଶ୍ମୀରରୁ ଧାରା ୩୭୦ର ଉଚ୍ଛେଦ ଓ ନାଗରିକତା ସଂଶୋଧନ ଆଇନ (ସିଏଏ) ବିରୋଧରେ ମଧ୍ୟ ଟିପ୍ପଣୀ କରିଥିଲେ ସୋରୋସ। କେନ୍ଦ୍ର ସରକାରଙ୍କ ପକ୍ଷରୁ ସୋରୋସଙ୍କୁ କଡା ଭର୍ତ୍ସନା କରାଯାଇଥିଲା। ସୋରୋସଙ୍କ ଟିପ୍ପଣୀକୁ କଂଗ୍ରେସ ବି ବିରୋଧ କରିଥିଲା। କିନ୍ତୁ ବିଜେପି ଦାବି କରିଥିଲା ଯେ, ସୋରୋସ ଜଡିତ ଥିବା ବିଭିନ୍ନ ସଂସ୍ଥା ସହ କଂଗ୍ରେସର ଶୀର୍ଷ ନେତୃବୃନ୍ଦଙ୍କ ସଂପର୍କ ରହିଛି। ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧିଙ୍କ ସଂପର୍କ ଜର୍ଜ ସୋରୋସଙ୍କ ସଂଗଠନ ରହିଛି ବୋଲି ସଂସଦରେ ଓ ସାମ୍ବାଦିକ ସମ୍ମିଳନୀ କରି ବିଜେପି ନେତାମାନେ ଅଭିଯୋଗ କରିଥିଲେ। ବିଦେଶୀ ଶକ୍ତି ଦ୍ୱାରା ଭାରତର ଗଣତାନ୍ତ୍ରିକ ଓ ଅର୍ଥ ବ୍ୟବସ୍ଥାକୁ ଅସ୍ଥିର କରିବାକୁ ଷଡଯନ୍ତ୍ର ହେଉଛି ଓ ଏଥିରେ ବିରୋଧୀ ଦଳ 'ମୋହରା' ପାଲଟିଛି ବୋଲି ଅଭିଯୋଗ କରିଥିଲା ବିଜେପି। କଂଗ୍ରେସ ପକ୍ଷରୁ ଏହି ଅଭିଯୋଗକୁ ଜୋରଦାର



ଖଣ୍ଡନ କରାଯାଇଥିଲେ ମଧ୍ୟ ଏବେ ପୁଣି ବିଜେପି ଗ୍ରାଣ୍ଡ ଓଲ୍ଡ ପାର୍ଟି ବିରୋଧରେ ପ୍ରାୟ ସମାନ ଅଭିଯୋଗ ଆଣିଛି। ତେବେ ଜର୍ଜ ସୋରୋସ କେବଳ ଭାରତ ନୁହଁନ୍ତି, ବିଶ୍ୱର ବିଭିନ୍ନ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୁରାଇବା ସହ ଖୋଲାଖୋଲି ଟିକାଟିପ୍ପଣୀ କରି ବିବାଦୀୟ ହୋଇପଡ଼ିଛନ୍ତି। ତେବେ କିଏ ଏହି ଜର୍ଜ ସୋରୋସ ? କାହିଁକି ସେ ଅନ୍ୟଦେଶର ବ୍ୟାପାରରେ ହସ୍ତକ୍ଷେପ କରନ୍ତି ?

ଦକ୍ଷିଣପନ୍ଥୀ ରାଜନୀତିର ଘୋର ବିରୋଧୀ ଭାବେ ଜଣାଶୁଣା ୯୬ ବର୍ଷିୟ ଜର୍ଜ ସୋରୋସ ହେଉଛନ୍ତି ଜଣେ ହଙ୍ଗେରୀୟ-ଆମେରିକୀୟ ଶିଳ୍ପପତି। ସେ ବିଶ୍ୱର ଅଗ୍ରଣୀ ଧନାଢ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଅନ୍ୟତମ। ହଙ୍ଗେରୀ ରାଜଧାନୀ ବୁଦାପେଷ୍ଟରେ ଏକ ଇହୁଦୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ସୋରୋସ। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ୧୯୪୪ ମସିହାରେ ହଙ୍ଗେରୀ ଜର୍ମାନୀ ଦ୍ୱାରା ଅଧିକୃତ ହେବା ପରେ ନାଜିଙ୍କ ନିର୍ଯ୍ୟାତନାରୁ ବଂଚିବା ପାଇଁ ତାଙ୍କ ବାପା ପରିବାରର ଇହୁଦୀ ସାଙ୍ଗିଆ ବଦଳାଇ ସୋରୋସ ରଖିଥିଲେ। ତେଣୁ ନାଜିଙ୍କ ଇହୁଦୀ ନରସଂହାରରୁ ବର୍ତ୍ତି ଯାଇଥିଲା ସୋରୋସଙ୍କ ପରିବାର। ୧୯୪୭ରେ ସୋରୋସଙ୍କ ପରିବାର ଇଂଲଣ୍ଡ ଚାଲିଯାଇଥିଲେ। ଲଣ୍ଡନ ସ୍କୁଲ୍ ଅଫ ଇକୋନୋମିକ୍ସରେ ଦର୍ଶନ ଶାସ୍ତ୍ର ଅଧ୍ୟୟନ କରିଥିଲେ ସୋରୋସ। ଏଥିପାଇଁ ତାଙ୍କୁ ଏକାଧିକ ଛୋଟମୋଟ କାମ କରିବାକୁ ପଡ଼ିଥିଲା। ୧୯୫୬ରେ ଆମେରିକା ଚାଲିଯାଇଥିଲେ ସୋରୋସ। ୧୯୬୧ରେ ସେ ଆମେରିକାର ନାଗରିକତା ହାସଲ କରିଥିଲେ। ସେଠାରେ ବିତ୍ତୀୟ ବଜାରରେ ପାଦ ଥାପି ଅଜସ୍ର ଅର୍ଥ ଉପାର୍ଜନ କରିବା ସହିତ ୧୯୭୦ରେ ଗଠନ କରିଥିଲେ 'ସୋରୋସ୍ ଫଣ୍ଡ୍ ମ୍ୟାନେଜମେଂଟ୍'। ଏହାଥିଲା ଏକ 'ହେଜ୍ ଫଣ୍ଡ୍'। 'ହେଜ୍ ଫଣ୍ଡ୍' ହେଉଛି ଏକ ଘରୋଇ ବିନିଯୋଗ ପାଣ୍ଠି। ଏହା ଜରିଆରେ ଧନୀ ଓ ଅଭିଜ୍ଞ ନିବେଶକମାନଙ୍କଠାରୁ ପୁଞ୍ଜି ସଂଗ୍ରହ କରି ବଜାରରେ ବିନିଯୋଗ କରାଯାଏ। ବଜାରର ସ୍ଥିତି ଭଲ ହେଉ ବା ମାନ୍ଦା, ନିବେଶକମାନଙ୍କ ପାଇଁ ସର୍ବାଧିକ ଲାଭ ଆଣିବା ହେଉଛି ହେଜ୍ ଫଣ୍ଡ୍‌ର ଲକ୍ଷ୍ୟ। ହେଜ୍ ଫଣ୍ଡ୍‌ରୁ ଅଜସ୍ର ସଂପତ୍ତି ଅର୍ଜିଥିଲେ ସୋରୋସ। ଅର୍ଜିଥିବା ସଂପତ୍ତିରେ ବିଭିନ୍ନ ଦେଶରେ ହଜାର ହଜାର ସ୍କୁଲ ଓ ହସପିଟାଲ ପ୍ରତିଷ୍ଠା କରିବା ସହିତ ମାନବାଧିକାର ପାଇଁ ଲଢୁଥିବା ସଂଗଠନମାନଙ୍କର ସହାୟତା କରିବା ମଧ୍ୟ ଆରମ୍ଭ କରିଥିଲେ ସୋରୋସ। ୧୯୯୨ରେ ସୋରୋସଙ୍କ ଏକ ପଦକ୍ଷେପ ଯୋଗୁଁ ଆର୍ଥିକ ଦୃଷ୍ଟିରୁ ବେଶ୍ କ୍ଷତି ସହିଥିଲା 'ବ୍ୟାଙ୍କ୍ ଅଫ୍ ଇଂଲଣ୍ଡ'। ସେ ବ୍ରିଟେନର ମୁଦ୍ରା ପାଉଣ୍ଡ ଷ୍ଟର୍ଲିଂର ସର୍ଟ ସେଲିଂ କରି ଗୋଟିଏ ଦିନରେ ହିଁ ୧ ବିଲିଅନ ଡଲାରରୁ ଅଧିକ ଆୟ କରିଥିଲେ। ସୋରୋସଙ୍କ ଏହି ପଦକ୍ଷେପ ଯୋଗୁଁ ତାଙ୍କୁ 'ବ୍ୟାଙ୍କ୍ ଅଫ ଇଂଲଣ୍ଡକୁ ବର୍ବାଦ କରିଥିବା ବ୍ୟକ୍ତି' ଭାବେ ଅଭିହିତ କରାଯାଇଥିଲା।

୧୯୭୯ରେ ସୋରୋସ ଗଠନ କରିଥିଲେ 'ଓପନ୍ ସୋସାଇଟି ଫାଉଣ୍ଡେସନ'। ଏହି ସଂଗଠନ ଜରିଆରେ ସୋରୋସ ସାରାବିଶ୍ୱରେ ଗଣତନ୍ତ୍ର, ମୁକ୍ତ ବିଚାରଧାରା, ଅଭିବ୍ୟକ୍ତିର ସ୍ୱତନ୍ତ୍ରତା ଓ ମାନବାଧିକାରର ସୁରକ୍ଷା ପାଇଁ ହେଉଥିବା ପ୍ରୟାସକୁ ୩୨ ବିଲିୟନ ଡଲାରରୁ ଅଧିକ ଅନୁଦାନ ଦେଇଥିଲେ ସୋରୋସ। ଏହାଛଡା ୟୁରୋପ, ଯୁକ୍ତରାଷ୍ଟ୍ର ଆମେରିକା ଓ ବିଭିନ୍ନ ନାଗରିକ ସଂଗଠନ ଓ ପ୍ରଗତିଶୀଳ ଅଭିଯାନକୁ ମଧ୍ୟ ଅନୁଦାନ ଦେଇଥିଲେ ସୋରୋସ। ନିଜର ଦାତବ୍ୟ କାର୍ଯ୍ୟ ପାଇଁ ପ୍ରଶଂସିତ ହେବା ସହ ଦକ୍ଷିଣପନ୍ଥୀ ଓ ରାଷ୍ଟ୍ରବାଦୀ ବିରୋଧୀ ଆଭିମୁଖ୍ୟ ଯୋଗୁଁ ତାଙ୍କୁ ଅନେକ ଦେଶରେ କ

ଅମିତ ଶାହଙ୍କୁ ବଡ଼ ଝଟ୍‌କା

ନିର୍ଦ୍ଦୋଷରେ ଖଲାସ ହେଲେ ରାହୁଲ

କଂଗ୍ରେସ ସାଂସଦଙ୍କ ବକ୍ତବ୍ୟ ମାନହାନି ପରିସରଭୁକ୍ତ ନୁହେଁ: କୋର୍ଟ

ସୁଲତାନପୁର, ୨୬।୧୦: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ନେଇ ଦେଇଥିବା ବିବାଦୀୟ ବକ୍ତବ୍ୟ ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ କୋର୍ଟରୁ ମିଳିଥିବା ବଡ଼ ଆଶ୍ୱସ୍ତି ବିଜେପି ଶିବିରକୁ ଏକ ଶକ୍ତ ଧକ୍କା ଦେଇଛି। ଉତ୍ତର ପ୍ରଦେଶର ସୁଲତାନପୁରସ୍ଥିତ ଏମପି/ଏମଏଲଏ କୋର୍ଟ ସୋମବାର ଦିନ ରାହୁଲ ଗାନ୍ଧୀଙ୍କୁ ଏହି କ୍ରିମିନାଲ ମାନହାନି ମାମଲାରୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷରେ ଖଲାସ କରିବା ପରେ ବିଜେପି ନେତୃତ୍ୱ ଅତ୍ୟନ୍ତ ନିରାଶ ହୋଇପଡ଼ିଛନ୍ତି। ଅତିରିକ୍ତ ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟ ଶୁଭମ୍ ବର୍ମା ଏହି ଚାଞ୍ଚଲ୍ୟକର ରାୟ ଶୁଣାଇ ସ୍ପଷ୍ଟ କରିଛନ୍ତି ଯେ, ରାହୁଲ ଗାନ୍ଧୀଙ୍କ ବକ୍ତବ୍ୟ ଆଇନଗତ ଭାବେ କୌଣସି ମାନହାନି ପରିସରଭୁକ୍ତ ନୁହେଁ ଏବଂ ଅଭିଯୋଗକାରୀ ନିଜେ ଏହି ମାମଲାରେ କ୍ଷତିଗ୍ରସ୍ତ ପକ୍ଷ ନୁହନ୍ତି, ଯାହା ବିଜେପିର ଆଇନଗତ ରଣନୀତିକୁ ସମ୍ପୂର୍ଣ୍ଣ ଭୁଶୁଡ଼ାଇ ଦେଇଛି।

୨୦୧୮ ମସିହାରେ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ବେଙ୍ଗାଲୁରୁରେ ଏକ ସଭାକୁ ସମ୍ବୋଧିତ କରି ରାହୁଲ ଗାନ୍ଧୀ ବିଜେପିକୁ କଡ଼ା ସମାଲୋଚନା କରିଥିଲେ। ସେ ଅଭିଯୋଗ କରିଥିଲେ ଯେ ଯେଉଁ ଦଳ ସଦାଚାର ଓ ସାଧୁତାର କଥା କହୁଛି, ସେହି ବିଜେପିର ତତ୍କାଳୀନ ଅଧ୍ୟକ୍ଷ ଅମିତ ଶାହ ନିଜେ ଜଣେ ହତ୍ୟା ମାମଲାର ଅଭିଯୁକ୍ତ। ୨୦୦୫ ମସିହାର ସୋହରାବୁଦ୍ଦିନ ଶେଖ ଏନକାଉଣ୍ଟର ମାମଲାକୁ ନେଇ ରାହୁଲ ଏହି ମନ୍ତବ୍ୟ ଦେଇଥିଲେ, ଯଦିଓ ୨୦୧୪ ମସିହାରେ ସିବିଆଇର ବିଶେଷ କୋର୍ଟ ଅମିତ ଶାହଙ୍କୁ ଏହି ମାମଲାରୁ ନିର୍ଦ୍ଦୋଷରେ ଖଲାସ କରିସାରିଥିଲେ। ଏହି ବକ୍ତବ୍ୟକୁ ନେଇ ୨୦୧୮ ଅଗଷ୍ଟ ୪ ତାରିଖରେ ସୁଲତାନପୁର ଜିଲ୍ଲା ସମବାୟ ବ୍ୟାଙ୍କର ପୂର୍ବତନ ଅଧ୍ୟକ୍ଷ ତଥା ବିଜେପି ନେତା ବିଜୟ ମିଶ୍ର ଭାରତୀୟ ଦଣ୍ଡ ସଂହିତାର ଧାରା ୪୯୯ ଓ ୫୦୦ ଅଧୀନରେ ରାହୁଲଙ୍କ ବିରୋଧରେ କ୍ରିମିନାଲ ମାନହାନି ମାମଲା ଦାୟର କରିଥିଲେ।

ଏହି ମାମଲାକୁ ନେଇ ବିଜେପି ନେତାମାନେ ରାହୁଲ ଗାନ୍ଧୀଙ୍କୁ ଆଇନଗତ କାଠଗଡ଼ାରେ ବାନ୍ଧିବାକୁ ବହୁତ ଉଦ୍ୟମ କରିଥିଲେ। ଶୁଣାଣି ସମୟରେ ରାହୁଲ ଗାନ୍ଧୀଙ୍କ ସ୍ୱର ପରୀକ୍ଷା କରିବା ପାଇଁ ବିଜେପି ନେତା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ନିମ୍ନ ଅଦାଲତ, ସେସନ୍ସ କୋର୍ଟ ଓ ପରବର୍ତ୍ତୀ ସମୟରେ ଆଲାହାବାଦ ଉଚ୍ଚ ନ୍ୟାୟାଳୟ ସେମାନଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଆଜି ସୁଲତାନପୁର କୋର୍ଟ ରାହୁଲଙ୍କୁ ସମ୍ପୂର୍ଣ୍ଣ ଦୋଷମୁକ୍ତ କରିବା ପରେ ବିଜେପିର ସମସ୍ତ ଅଭିଯୋଗ ଅମୂଳକ ପ୍ରମାଣିତ ହୋଇଛି। ଯଦିଓ ଝାଡ଼ଖଣ୍ଡରେ ପ୍ରତାପ କୁମାର ନାମକ ଅନ୍ୟ ଜଣେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଦାୟର ସମାନ ମାମଲାରେ ରାହୁଲ ୨୦୨୫ ଅଗଷ୍ଟ ୬ରେ ଜାମିନ ନେଇଛନ୍ତି ଓ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଅଗଷ୍ଟ ୨୫ରେ ଜରିମାନା ଜମା କରିଛନ୍ତି, ତଥାପି ସୁଲତାନପୁର କୋର୍ଟଙ୍କ ଏହି ବଡ଼ ନିଷ୍ପତ୍ତି ଅମିତ ଶାହ ଓ ବିଜେପି ଶିବିର ପାଇଁ ଏକ ବଡ଼ ରାଜନୈତିକ ଝଟକା ସାବ୍ୟସ୍ତ ହୋଇଛି।

ଅଭିଯୁକ୍ତ ନଂ-୪ଙ୍କୁ ତୁରନ୍ତ ବରଖାସ୍ତ କରନ୍ତୁ ମୋଦି: ରାହୁଲ

ନୂଆଦିଲ୍ଲୀ: ରାଜଧାନୀ ଦିଲ୍ଲୀର ବ୍ୟବସାୟୀମାନେ ସୋମବାର ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ଭେଟି ଆନ୍ଦୋଳନ ଯୋଗୁଁ ବ୍ୟବସାୟରେ ହେଉଥିବା କ୍ଷତି ସମ୍ପର୍କରେ ଗାନ୍ଧିଙ୍କୁ ସୂଚିତ କରିଛନ୍ତି। ବ୍ୟବସାୟରେ କ୍ଷତି ଅଭିଯୋଗ ନେଇ ବ୍ୟବସାୟୀଙ୍କ କଥାରେ ସହମତ ହୋଇଛନ୍ତି ରାହୁଲ ଗାନ୍ଧି। ରାହୁଲ କହିଛନ୍ତି ଯେ ସରକାର ଆନ୍ଦୋଳନ ଡରରେ ମେଟ୍ରୋ ସେବା ବନ୍ଦ କରି, ସଡ଼କ ସିଲ୍ କରି ପୂରା ଦିଲ୍ଲୀକୁ ସୁରକ୍ଷା ବଳୟରେ ରଖି ବାଣିଜ୍ୟ ବ୍ୟବସାୟକୁ ପ୍ରଭାବିତ କରୁଛନ୍ତି। ସରକାରଙ୍କ ଏହି ସବୁ କଟକଣାକୁ ରାହୁଲ ଗାନ୍ଧି ଭୋଟ ଚୋରି ସହ ଯୋଡି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିଯୁକ୍ତ ନଂ-୪ ମୁଖ୍ୟ ନିର୍ବାଚନ କମିଶନର (ସିଇସି)ଙ୍କୁ ତୁରନ୍ତ ବରଖାସ୍ତ କରନ୍ତୁ। ଏ ନେଇ ସେ ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟ ମଧ୍ୟ କରିଛନ୍ତି। ଏଥିରେ ରାହୁଲ ଗାନ୍ଧି ବ୍ୟବସାୟୀଙ୍କୁ ସମ୍ବୋଧିତ କରି ଲେଖିଛନ୍ତି ଯେ 'ସେମାନଙ୍କ କଷ୍ଟ ଓ ଯନ୍ତ୍ରଣାକୁ ମୁଁ ଭଲ ଭାବେ ବୁଝି ପାରୁଛି। ସେ କହିଛନ୍ତି ଯେ ସରକାର ମେଟ୍ରୋ ବନ୍ଦ କରିଦେଲେ, ରାସ୍ତା ସିଲ କରିଦେଲେ ଓ ରାଜଧାନୀକୁ ଠପ୍ କରିଦେଲେ'। ରାହୁଲ ଲେଖିଛନ୍ତି ଯେ ଚୋରି ଭୋଟରେ କିଛି ବି ସୁରକ୍ଷିତ ନୁହେଁ, ନା ଆପଣଙ୍କ ଦୋକାନ ନା ଜମା ପୁଞ୍ଜି ନା ଆପଣଙ୍କ ପିଲାଙ୍କ ଭବିଷ୍ୟତ। ଏଣୁ ମୋଦିଙ୍କୁ କୁହନ୍ତୁ ଅଭିଯୁକ୍ତ ନମ୍ବର ୪ ଜ୍ଞାନେଶ କୁମାରଙ୍କୁ ହଟାନ୍ତୁ ଓ ବିରୋଧ ପ୍ରଦର୍ଶନ ୩୦ ସେପ୍ଟେମ୍ବରରେ ବନ୍ଦ ହୋଇଯିବ।

୫୦୦ କୋଟି ଡିଲ୍ ମାମଲାର ଇଡି ଯାଞ୍ଚ୍ ହେଉ



ଅମିତ ଶାହଙ୍କୁ ଚିଠି ଲେଖିଲେ ସଞ୍ଜୟ ରାଉତ

ମୁମ୍ବାଇ, ୨୬।୧୦: ମରାଠା ସଂରକ୍ଷଣ ଆନ୍ଦୋଳନ ନେତା ମନୋଜ ଜରାଙ୍ଗେ ପାଟିଲଙ୍କ ସହ ଜଡିତ ୫୦୦ କୋଟି ଟଙ୍କା କାରବାର ଭାଇରାଲ ଅଡିଓ କ୍ଲିପ୍ ମାମଲାରେ ଶିବସେନା (ୟୁବିଟି) ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଏକ ଚିଠି ଲେଖିଛନ୍ତି। ସଞ୍ଜୟ ମାମଲାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ତଦନ୍ତ ଦାବି କରି କହିଛନ୍ତି ଯେ, ଏହି ମାମଲା ମନି ଲଣ୍ଡରିଂ ନିବାରଣ ଆଇନ ପରିସରରେ ଆସୁଛି।

ସେ ଲେଖିଛନ୍ତି, ଆପଣ ଭଲଭାବରେ ଜାଣନ୍ତି ଯେ, ଅକ୍ଟୋବର ୨୦ ତାରିଖରେ ମରାଠା ସଂରକ୍ଷଣ କର୍ମୀ ମନୋଜ ଜରାଙ୍ଗେ ପାଟିଲ ଆଶ୍ଚର୍ଯ୍ୟଜନକ ଅଭିଯୋଗ ଏବଂ ଖୁଲାସା କରିଥିଲେ। ତାଙ୍କ ଅନୁଯାୟୀ, ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମହାରାଷ୍ଟ୍ରରେ ବିଜେପିର କୋର ଟିମ୍‌ର ବରିଷ୍ଠ ନେତାଙ୍କଠାରୁ ୫୦୦ କୋଟି ଟଙ୍କା ନେଇଥିଲେ। ଏହି ଟଙ୍କା ମନୋଜ ଜରାଙ୍ଗେଙ୍କୁ ତାଙ୍କ ପୁଅ ତଥା ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କ ମାଧ୍ୟମରେ ପହଞ୍ଚାଇବାର ଥିଲା, କିନ୍ତୁ ଟଙ୍କା ତାଙ୍କ ପାଖରେ କେବେ ପହଞ୍ଚି ନଥିଲା। ଜରାଙ୍ଗେ ପାଟିଲଙ୍କ ଅନୁସାରେ, ତାଙ୍କୁ ଚୁପ୍ କରିବା ଏବଂ ମରାଠା ସଂରକ୍ଷଣ ପାଇଁ ତାଙ୍କର ଚାଲିଥିବା ଆନ୍ଦୋଳନକୁ ସମାପ୍ତ କରିବା ପାଇଁ ୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ ଏସବୁ କରାଯାଇଥିଲା। ଏକ ଅଡିଓ କ୍ଲିପ୍ ଆକାରରେ କରିଥିବା ଏହି ଖୁଲାସା ଅନେକ ଦୃଷ୍ଟିରୁ ଅତ୍ୟନ୍ତ ଗମ୍ଭୀର।

ରୁଷରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣ: ୨ ମୃତ, ୧୭ ଆହତ

ମସ୍କୋ, ୨୬।୧୦: ରୁଷର ଭୋରୋନେଜ୍ ଅଞ୍ଚଳରେ ୟୁକ୍ରେନ ପକ୍ଷରୁ ହୋଇଥିବା ଡ୍ରୋନ୍ ଆକ୍ରମଣରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି ଓ ଜଣେ ଶିଶୁ ସମେତ ୧୭ ଜଣ ଆହତ ହୋଇଛନ୍ତି। ଭୋରୋନେଜ୍ ରାଜ୍ୟପାଳ ଆଲେକଜାଣ୍ଡାର ଗୁସେଭ୍ ଏହି ଆକ୍ରମଣକୁ ନିଶ୍ଚିତ କରିଛନ୍ତି। ସେ କହିଛନ୍ତି ଯେ, ରୁଷୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏହି ଅଞ୍ଚଳରେ ୧୧୩ଟି ୟୁକ୍ରେନ ଡ୍ରୋନ୍ ଖସାଇ ଦେଇଛି। ଗୁସେଭ ଏକ ମେସେଜିଂ ଆପ୍‌ରେ ସୂଚନା ସେୟାର କରି କହିଛନ୍ତି ଯେ, ରାତିସାରା ଆକ୍ରମଣ ସମୟରେ ରୁଷୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ସମ୍ପୂର୍ଣ୍ଣ ସକ୍ରିୟ ରହିଥିଲା। ଡ୍ରୋନର ଭଗ୍ନାବଶେଷ ପଡ଼ିବା ଯୋଗୁଁ ଅନେକ ଶିଳ୍ପ ଅଞ୍ଚଳରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଅଗ୍ନିଶମ ଏବଂ ଜରୁରୀକାଳୀନ ଦଳ କାମ କରୁଛନ୍ତି।

ରୁଷ ରେଳବାଇ ଅନୁଯାୟୀ, କ୍ରାସନୋଡାର ଅଞ୍ଚଳର ଏକ ଲୋକପ୍ରିୟ ପର୍ଯ୍ୟଟନ ସହର ଆନାପାରୁ ରାଜଧାନୀ ମସ୍କୋ ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ୍ ମଧ୍ୟ ଆକ୍ରମଣର ଶିକାର ହୋଇଛି। ଆକ୍ରମଣରେ ଟ୍ରେନ କ୍ଷତିଗ୍ରସ୍ତ ହୋଇଛି ଏବଂ ପାଞ୍ଚ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି ଭୋରୋନେଜ୍ ଦେଇ ଯାଇଥିବା ସମସ୍ତ ରେଳ ନେଟୱାର୍କର ଯାତ୍ରୀବାହୀ ଟ୍ରେନ୍ ସେବାକୁ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଛି। ରୁଷ-ୟୁକ୍ରେନ ସୀମା ନିକଟରେ ଅବସ୍ଥିତ ଭୋରୋନେଜ୍ ଏକ ରଣନୈତିକ ଏବଂ ପରିବହନ କେନ୍ଦ୍ର, ଯେଉଁଠାରେ ଗତ କିଛି ମାସ ମଧ୍ୟରେ ୟୁକ୍ରେନ ପକ୍ଷରୁ ଭିତ୍ତିଭୂମି ଏବଂ ଶିଳ୍ପ ଗୁଡ଼ିକୁ ଟାର୍ଗେଟ କରି ଅନେକ ଆକ୍ରମଣ କରାଯାଇଛି।

ରାଷ୍ଟ୍ରପତି ଭବନ ସମ୍ମୁଖ ନର୍ଥ ବ୍ଲକରେ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ, ୨୬।୧୦: ଦିଲ୍ଲୀର ରାଷ୍ଟ୍ରପତି ଭବନର ଠିକ୍ ସମ୍ମୁଖରେ ଥିବା ଏକ ପ୍ରମୁଖ ସରକାରୀ କୋଠା ନର୍ଥ ବ୍ଲକରେ ଅଗ୍ନିକାଣ୍ଡ ଘଟିଛି। ଦିଲ୍ଲୀ ଅଗ୍ନିଶମ ସେବା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟା ୧୦ ସମୟରେ ଫୋନ୍ ଆସିଥିଲା, ତା'ପରେ ଛଅଟି ଦମକଳ ଗାଡି ପଠାଯାଇଥିଲା। ଅଧିକାରୀଙ୍କ ଅନୁସାରେ, କୋଠାରେ ସାମାନ୍ୟ ମରାମତି କାର୍ଯ୍ୟ ସମୟରେ ଏକ ଛୋଟ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିଶମ ସେବା ସଂସ୍ଥା କହିଛି ଯେ, ନିଆଁ ଲିଭାଇ ଦିଆଯାଇଛି। ନର୍ଥ ବ୍ଲକ ହେଉଛି ନୂଆଦିଲ୍ଲୀର ଦୁଇଟି ଐତିହାସିକ ପ୍ରଶାସନିକ କୋଠା ମଧ୍ୟରୁ ଗୋଟିଏ ଯାହା ରାଇସିନା ହିଲ୍‌ରେ ସଚିବାଳୟ କୋଠା ଗଠନ କରିଥାଏ। ଶିବସେନା ରାଜ୍ୟସଭା ସାଂସଦ ମିଲିନ୍ଦ ଦେଓରା ସୋସିଆଲ ମିଡିଆ ଏକ୍ସରେ ଅଗ୍ନିକାଣ୍ଡର ଏକ ଫଟୋ ସେୟାର କରିଛନ୍ତି। ସେ ଲେଖିଛନ୍ତି, ସଂସଦକୁ ଯିବା ବାଟରେ ମୁଁ ନର୍ଥ ବ୍ଲକରୁ ଧୂଆଁ ଉଠୁଥିବାର ଦେଖିଲି। ଲାଗୁଛି ସେଠାରେ ନିଆଁ ଲାଗିଛି। ମୁଁ ଆଶା କରୁଛି ସମସ୍ତେ ସୁରକ୍ଷିତ ଥିବେ।

ଲୁଲାଙ୍କୁ ବିଜୟ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୨୬।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରାଜିଲର ରାଷ୍ଟ୍ରପତି ଲୁଲା ଡା ସିଲଭାଙ୍କୁ ତାଙ୍କର ବିପୁଳ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦି ଲେଖିଛନ୍ତି, ମୋର ପ୍ରିୟ ବନ୍ଧୁ ରାଷ୍ଟ୍ରପତି ଲୁଲାଙ୍କୁ ତାଙ୍କର ପୁଣି ଥରେ ବିଜୟ ପାଇଁ ହାର୍ଦ୍ଦିକ ଅଭିନନ୍ଦନ। ଭାରତ-ବ୍ରାଜିଲ ବହୁମୁଖୀ ରଣନୈତିକ ସହଭାଗୀତାକୁ ଆହୁରି ଗଭୀର ଓ ବିସ୍ତାର କରିବା ପାଇଁ ମୁଁ ତାଙ୍କ ସହିତ ଘନିଷ୍ଠ ଭାବରେ କାମ କରିବାକୁ ଅପେକ୍ଷା କରିଛି। ପ୍ରଧାନମନ୍ତ୍ରୀ ଲୁଲା ପୁଣି ନିର୍ବାଚିତ ହୋଇଥିବାରୁ ସେ ଅଭିନନ୍ଦନ ଜଣାଇବା ସହିତ ଦୁଇ ଦେଶ ମଧ୍ୟରେ ଉତ୍କୃଷ୍ଟ ସମ୍ପର୍କକୁ ଆହୁରି ମଜବୁତ କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଏକତ୍ରିତ ଭାବରେ ଆମେ ବିଭିନ୍ନ କ୍ଷେତ୍ରରେ ଆମର ସହଯୋଗକୁ ମଜବୁତ କରିବୁ। ଆମେ ଗ୍ଲୋବାଲ୍ ସାଉଥ୍‌ର ସହଭାଗୀ ପ୍ରାଥମିକତାକୁ ଆଗକୁ ବଢ଼ାଇବୁ ଏବଂ ଏକ ଅଧିକ ଅନ୍ତର୍ଭୁକ୍ତ, ନ୍ୟାୟପୂର୍ଣ୍ଣ ଏବଂ ସ୍ଥାୟୀ ବିଶ୍ୱ ପାଇଁ କାମ କରିବୁ।

ଅମୀର ଖାନ୍‌ଙ୍କୁ ବିଷ୍ଣୋଇ ଗ୍ୟାଙ୍ଗର ଧମକ

ଲଭ୍ ଜିହାଦ ନାମରେ ଅପସଂସ୍କୃତିକୁ ବରଦାସ୍ତ କରାଯିବନି

ମୁମ୍ବାଇ, ୨୬।୧୦: ବଲିଉଡ ଅଭିନେତା ଟାଇଗର ଶ୍ରଫଙ୍କ କାର ଉପରେ ଗୁଳିଚାଳନା ପରେ ଲରେନ୍ସ ବିଶ୍ନୋଇ ଗ୍ୟାଙ୍ଗ ଏବେ ଅଭିନେତା ଅମିର ଖାନଙ୍କୁ ଖୋଲା ଧମକ ଦେଇଛି। ତାଙ୍କ ତୃତୀୟ ବିବାହ ଯୋଗୁଁ ଅଭିନେତାଙ୍କୁ ଗ୍ୟାଙ୍ଗ ଟାର୍ଗେଟ କରିଛି। ଲରେନ୍ସ ଗୋଷ୍ଠୀ କହିଛି ଯେ ଅମୀର ଖାନଙ୍କ ପରି ଲୋକମାନେ ଲଭ୍ ଜିହାଦ ନାମରେ ଆମ ସଂସ୍କୃତି ବିରୋଧରେ ଏହାକୁ ପ୍ରୋତ୍ସାହିତ କରୁଛନ୍ତି। ଏହି କାର୍ଯ୍ୟକୁ ସହ୍ୟ କରାଯିବ ନାହିଁ ଓ ଶୀଘ୍ର ଜବାବ ଦିଆଯିବ। ପୂର୍ବରୁ ଜୁଲାଇରେ ମଧ୍ୟ ଅମିର ଖାନଙ୍କୁ ଏଭଳି ଧମକ ମିଳିଥିଲା। ଟାଇସନ୍ ବିଷ୍ଣୋଇ ଓ ଆରଜୁ ବିଷ୍ଣୋଇଙ୍କ ନାମରେ ଏକ ସୋସିଆଲ ମିଡିଆ ଆକାଉଣ୍ଟରେ ଲେଖାଯାଇଛି, ମୁଁ ଆରଜୁ ବିଷ୍ଣୋଇ ଓ ଟାଇସନ୍ ବିଷ୍ଣୋଇ। ଲରେନ୍ସ ବିଷ୍ଣୋଇ ଗ୍ରୁପ୍ ସଦସ୍ୟ। ଆମ ଦେଶରେ ଅମିର ଖାନଙ୍କ ଭଳି ଲୋକଙ୍କ ଦ୍ୱାରା ଲଭ୍ ଜିହାଦ ନାମରେ ଆମ ସଂସ୍କୃତି ବିରୋଧୀ କାର୍ଯ୍ୟକୁ ସହ୍ୟ କରିବୁ ନାହିଁ ଓ ଖୁବ୍ ଶୀଘ୍ର ଉଚିତ ଜବାବ ଦେବୁ। ଏହା ଆମର ସନାତନ ଧର୍ମ ଓ ଦେଶ ବିରୋଧୀ। ଆମେ ଆମର ଭାଇଭଉଣୀ ଏବଂ ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଉଛୁ ଯେ, ଯେଉଁମାନେ ଏହି ଘୃଣ୍ୟ କାର୍ଯ୍ୟକୁ ପ୍ରୋତ୍ସାହିତ କରିବେ, ଆମେ ସେମାନଙ୍କୁ ନିଜ ଉପାୟରେ ଉପଯୁକ୍ତ ଜବାବ ଦେବୁ।

ଚୀନ୍‌କୁ ବାଂଲାଦେଶର ବଡ଼ ଝଟ୍‌କା ଭାରତକୁ ଘେରିବା ପାଇଁ ଡ୍ରାଗନ୍‌ର ରଣନୀତି ଫେଲ୍

ନୂଆଦିଲ୍ଲୀ, ୨୬।୧୦: ଭାରତକୁ ଚାରିପଟୁ ଘେରିବାକୁ ଚୀନ୍‌ର ଯୋଜନାକୁ ଲାଗିପାରେ ବଡ଼ ଝଟକା। ଭାରତ ମହାସାଗର ଅଞ୍ଚଳରେ ନିଜର ପ୍ରଭାବ ବଢ଼ାଇବା ସହ ବାଣିଜ୍ୟିକ ବନ୍ଦର ଜରିଆରେ ରଣନୈତିକ ଶକ୍ତି ବିସ୍ତାର କରିବାକୁ ଚୀନ୍ ଚେଷ୍ଟା କରୁଥିବା ବେଳେ ବାଂଲାଦେଶର ବନ୍ଦର ବିକାଶ ପ୍ରକଳ୍ପକୁ ନେଇ ନୂଆ ସମୀକରଣ ସାମ୍ନାକୁ ଆସିଛି। ବନ୍ଦର ଆଧୁନିକୀକରଣ ପାଇଁ ଅନ୍ୟ ଦେଶର କମ୍ପାନିଗୁଡ଼ିକୁ ଦାୟିତ୍ୱ ଦିଆଯିବା ଚୀନ୍‌ର ରଣନୀତିକୁ ପ୍ରଭାବିତ କରିପାରେ। ଚୀନ୍‌ର ଏହି ରଣନୀତିକୁ 'ଷ୍ଟ୍ରିଙ୍ଗ୍ ଅଫ୍ ପର୍ଲସ୍' କୁହାଯାଏ। ଏହା ଜରିଆରେ ଭାରତ ମହାସାଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ବନ୍ଦର ଓ ରଣନୈତିକ ଭିତ୍ତିଭୂମି ଉପରେ ପ୍ରଭାବ ବଢ଼ାଇବା ଚୀନ୍‌ର ଉଦ୍ଦେଶ୍ୟ ବୋଲି ବିଶ୍ଳେଷଣ କରାଯାଏ। ବାଂଲାଦେଶର ଚଟ୍ଟୋଗ୍ରାମ ବନ୍ଦରର ଲାଲଦିଆ କଣ୍ଟେନର ଟର୍ମିନାଲ ବିକାଶ ପାଇଁ ଡେନମାର୍କର ମାର୍ସ୍କ ଗ୍ରୁପ୍ ସହ ୩୦ ବର୍ଷିଆ ଚୁକ୍ତି ହୋଇଛି। ସରକାରୀ-ଘରୋଇ ଭାଗିଦାରି (ପିପିପି) ମଡେଲ୍‌ରେ ଏହି ଟର୍ମିନାଲର ଡିଜାଇନ୍, ଅର୍ଥ ବିନିଯୋଗ, ନିର୍ମାଣ ଓ ପରିଚାଳନା କରାଯିବ। ସେହିପରି ଜାପାନର ଆନ୍ତର୍ଜାତୀୟ ସହଯୋଗ ସଂସ୍ଥା (ଜାଇକା)ର ଋଣ ସହାୟତାରେ ମାତାରବାରୀ ବନ୍ଦର ବିକାଶ କାର୍ଯ୍ୟ ମଧ୍ୟ ଆଗକୁ ବଢ଼ୁଛି। ଏହାଦ୍ୱାରା ବାଂଲାଦେଶ ନିଜ ବନ୍ଦର ବିକାଶ ପାଇଁ କେବଳ ଚୀନ୍ ଉପରେ ନିର୍ଭର ନକରି ଅନ୍ୟ ଦେଶର ସହଯୋଗ ନେଉଥିବା ସଙ୍କେତ ମିଳୁଛି। ମୋଙ୍ଗଲା ବନ୍ଦରର କ୍ଷମତା ବଢ଼ାଇବା ପାଇଁ ଚୀନ୍‌ର ସହାୟତାରେ ଆଧୁନିକ କଣ୍ଟେନର ଜେଟି ନିର୍ମାଣ ଯୋଜନା ରହିଛି। ତେବେ ଚଟ୍ଟୋଗ୍ରାମ ଓ ମାତାରବାରୀ ପ୍ରକଳ୍ପରେ ଅନ୍ୟ ଦେଶର ଭାଗିଦାରି ଚୀନ୍‌ର ପ୍ରଭାବ ବିସ୍ତାରକୁ ସୀମିତ କରିପାରେ।

ମୂର୍ତ୍ତି ବିସର୍ଜନ ବେଳେ ମାଡ଼ିଗଲା କାର୍, ୪ ମୃତ

ଲକ୍ଷ୍ନୌ, ୨୬।୧୦: ରାସ୍ତାରେ ମୂର୍ତ୍ତି ବିସର୍ଜନ ପାଇଁ ଶୋଭାଯାତ୍ରା କରୁଥିବା ବେଳେ କାର ମାଡ଼ିଯିବାରୁ ୪ ଜଣ ପ୍ରାଣ ହରାଇଛନ୍ତି। ଉତ୍ତରପ୍ରଦେଶର ଫିରୋଜାବାଦରେ ଏହି ଅଭାବନୀୟ ଘଟଣା ଘଟିଛି। ପୁଲିସ ଅନୁଯାୟୀ, ରବିବାର ରାତି ୮ଟା ୩୦ରେ ଦୁର୍ଘଟଣା ଘଟିଛି। ନସୀରପୁର ଥାନା କ୍ଷେତ୍ରର ଛତନପୁରା ଗ୍ରାମ ନିକଟ ଦେଇ ଯାଇଥିବା ଶିକୋହାବାଦ-ବଟେଶ୍ୱର ରାସ୍ତାରେ ଏକ ଶୋଭାଯାତ୍ରା ଚାଲିଥିଲା। ଏଠାରେ ଏକ ମୂର୍ତ୍ତି ବିସର୍ଜନ ପାଇଁ ଲୋକେ ରାସ୍ତାରେ ଯାଉଥିଲେ। ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଚାରି ଜଣ ଜୀବନ ହାରିଛନ୍ତି। ମୃତଙ୍କ ମଧ୍ୟରେ ତିନି ଜଣ ନାବାଳିକା ରହିଛନ୍ତି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତି ହେଲେ ଅଞ୍ଜଳି, ଆକାଂକ୍ଷା, ବବଲି ଏବଂ ହରୀଶ କୁମାର। ଏହାସହ ଅନ୍ୟ କିଛି ଜଣ ଆହତ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି।

ଇସ୍ରାଏଲ ସେନା ଓ ନେତାନ୍ୟାହୁଙ୍କ ମଧ୍ୟରେ ଫାଟ

SANCHAR ସଂଚାର

ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ସ୍କାଉଟସ୍ ଓ ଗାଇଡସର ପ୍ରତିନିଧି ମଣ୍ଡଳୀ।

ଡିଭାଇଡର୍‌ରେ ପିଟି ହୋଇ ଜଳିଗଲା ଗାଡ଼ି

୪ ସାଙ୍ଗ ଜୀବନ୍ତ ଦଗ୍ଧ

ଭୋପାଳ,୨୭।୧୦: ମଧ୍ୟପ୍ରଦେଶର ଧାର୍ ଜିଲ୍ଲାରେ ଏକ ଅଭାବନୀୟ ଦୁର୍ଘଟଣାରେ ୪ ଜଣ ସାଙ୍ଗଙ୍କର ଏକସଙ୍ଗେ ମୃତ୍ୟୁ ହୋଇଛି। ସମସ୍ତେ ଗାଡ଼ି ଭିତରେ ନିଆଁରେ ପୋଡ଼ି ମୃତ୍ୟୁବରଣ କରିଛନ୍ତି। ସେମାନେ ଯାଉଥିବା ଗାଡ଼ିଟି ଏକ ଡିଭାଇଡର୍‌ରେ ପିଟି ହୋଇ ପୋଲ ତଳକୁ ଖସିପଡ଼ିବା ପରେ ନିଆଁ ଲାଗିଯିବାରୁ ଏଭଳି ଦୁଃଖଦ ଘଟଣା ଘଟିଛି। ସଦଲପୁର ଓ ଖେରୋଡ଼ ମଧ୍ୟରେ ବଡ଼ନଓ୍ୱରର ଏକ ଢାବା ନିକଟରେ ଥିବା ଚାରିଥାକିଆ ରାଜପଥରେ ରବିବାର ରାତିରେ ଏହି ଦୁର୍ଘଟଣା ଘଟିଛି। ୫ ଜଣ ସାଙ୍ଗ ସନଓ୍ୱରିୟା ସେଠ୍ ମନ୍ଦିରରୁ ଫେରୁଥିବାବେଳେ ସେମାନଙ୍କ ଗାଡ଼ି ଏକ ପୋଲ ଉପରେ ଡିଭାଇଡର୍‌ରେ ପିଟି ହୋଇଥିଲା। ଧକ୍କାର ପ୍ରଭାବ ଏତେ ତୀବ୍ର ଥିଲା ଯେ ଗାଡ଼ିଟି ପୋଲ ଉପରୁ ତଳକୁ ଖସିପଡ଼ିବା ପରେ ସେଥିରେ ନିଆଁ ଲାଗିଯାଇଥିଲା।

କଂଗ୍ରେସ ଅଧ୍ୟକ୍ଷଙ୍କ ଅଶାଳୀନ ମନ୍ତବ୍ୟକୁ ବିରୋଧ

ଖଡ୍‌ଗେ ଓ ରାହୁଲଙ୍କ କୁଶପୁତ୍ତଳିକା ଦାହକଲା ବିଜେପି

ଭୁବନେଶ୍ୱର,୨୭।୧୦(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଦେଇଥିବା ବିବାଦୀୟ ମନ୍ତବ୍ୟକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ

ବିଜେପି କାର୍ଯ୍ୟାଳୟରୁ ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା

ପାଇଛି। ମର୍ଯ୍ୟାଦାର ସୀମା ଉଲ୍ଲଂଘନ କରି କଂଗ୍ରେସ ଅଧ୍ୟକ୍ଷ ଯେଉଁଭଳି ହୀନ ମନ୍ତବ୍ୟ ଦେଇଛନ୍ତି ତାହାକୁ କେବେ ସହ୍ୟ କରାଯିବ ନାହିଁ। ମୋଦିଙ୍କ ବାପାଙ୍କୁ ନେଇ ଅଶାଳୀନ ମନ୍ତବ୍ୟ ଦେଇ ଖଡ୍‌ଗେ ସମସ୍ତ ସୀମା ଉଲ୍ଲଂଘନ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ମୋଦି ଓ ତାଙ୍କ ପରିବାରକୁ ନେଇ କଂଗ୍ରେସ ପକ୍ଷରୁ ଅପମାନଜନକ ମନ୍ତବ୍ୟ ଦିଆଯାଇଛି। ରାଜନୀତିରେ ଏଭଳି ମନ୍ତବ୍ୟ ଦେଇ ଖଡ୍‌ଗେ ଭାଷା ଓ ମର୍ଯ୍ୟାଦାର ସମସ୍ତ ସୀମା

ଉଲ୍ଲଂଘନ କରିଛନ୍ତି। ଏହା କେବଳ ଖଡ୍‌ଗେଙ୍କ ଭାଷା ନୁହେଁ, ବରଂ ରାହୁଲ ଗାନ୍ଧି ଓ କଂଗ୍ରେସର ହତାଶା ଭାବକୁ ପ୍ରତିଫଳନ କରୁଛି। ଏଭଳି ଅଶାଳୀନ ମନ୍ତବ୍ୟ ପାଇଁ ସମସ୍ତଙ୍କ ଆଗରେ ଶ୍ରୀ ଖଡ୍‌ଗେ କ୍ଷମା ମାଗିବାକୁ ରାଜ୍ୟ ବିଜେପି ଦାବି କରିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ କାର୍ଯ୍ୟାଳୟରୁ ବିକ୍ଷୋଭ ଶୋଭାଯାତ୍ରା ବାହାରି ମାଷ୍ଟର କ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ଖଡ୍‌ଗେ ଓ ରାହୁଲଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। 'ଅସଫଳତାରୁ ଅସଭ୍ୟତା କଂଗ୍ରେସର କୁତ୍ସିତ ମାନସିକତା', 'ଅସଭ୍ୟ ହତାଶ କଂଗ୍ରେସ' ଆଦି ନାରାବାଜି କରାଯାଇ ଉଭୟଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

ଏହି ବିକ୍ଷୋଭରେ ରାଜ୍ୟ ସଭାପତି ସରୋଜ କୁମାର କର, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ବରିଷ୍ଠ ନେତା ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାଏ, ମନୋଜ ମହାପାତ୍ର, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ରାଜ୍ୟ ପ୍ରବକ୍ତା ଶତରୂପା ମିଶ୍ର, ତୃପ୍ତିମୟୀ ମକଦ୍ଦମ, ରାଜ୍ୟ ଯୁବ ମୋର୍ଚ୍ଚା ଉପସଭାପତି ସୁବ୍ରତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଓଡ଼ିଶା ପାଇଁ ଆଜି...

ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାମାନଙ୍କରେ ପବନ ମଧ୍ୟ ଅଧିକ ରହିବା ସମ୍ଭାବନା ଥିବରୁ ରେଡ ୱାର୍ଣ୍ଣିଂ ଜାରି ହୋଇଛି। ଉପକୂଳବର୍ତ୍ତୀ ଅଞ୍ଚଳରେ ମଧ୍ୟ ପ୍ରବଳ ବର୍ଷା ଓ ପବନ ରହିବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ରହିଛି। ରାଜ୍ୟରେ ତାମିଲନାଡୁରୁ ଆସୁଥିବା ଆଉ ଏକ ସିଷ୍ଟମର ପ୍ରଭାବ ମଧ୍ୟ ରହିବ। ବାତ୍ୟା ଓ ତାମିଲନାଡୁର ସିଷ୍ଟମ ଯୋଗୁଁ ଓଡ଼ିଶାରେ ଆସନ୍ତାକାଲିଠାରୁ ବର୍ଷା ଆରମ୍ଭ ହେବ। ଲ୍ୟାଣ୍ଡଫଲ ପରେ ବାତ୍ୟା ସାମାନ୍ୟ ଦୁର୍ବଳ ହେବ ଓ ମାଲକାନଗିରି ଆଡ଼କୁ ପ୍ରବେଶ କରିବ। ସେପଟେ ବାତ୍ୟା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି କେନ୍ଦ୍ର କ୍ୟାବିନେଟ୍ ସଚିବ। ଓଡ଼ିଶାରେ ବାତ୍ୟାକୁ ନେଇ କିପରି ରହିଛି ପ୍ରସ୍ତୁତି, ସେନେଇ ମୁଖ୍ୟ ଶାସନ ସଚିବଙ୍କ ସହ ସେ ଆଲୋଚନା କରିଛନ୍ତି। ବୈଠକ ଶେଷ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ଯେ ଓଡ଼ିଶାରେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି। ଦକ୍ଷିଣ ଓଡ଼ିଶା ଅଧିକ ପ୍ରଭାବିତ ହେବ। ସେଥିପାଇଁ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ମୁକାବିଲା ପାଇଁ ପଠାଯାଇଛି। ବିଦ୍ୟୁତ୍, ଜଳ ସମ୍ପଦ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। କୋଷ୍ଟଗାର୍ଡ ପକ୍ଷରୁ ସମସ୍ତ ମତ୍ସ୍ୟଜୀବୀଙ୍କ ଉପରେ ନଜର ରଖାଯାଇଛି। ଏପରିକି ସମସ୍ତ ମତ୍ସ୍ୟଜୀବୀମାନେ ସମୁଦ୍ରରୁ ବାହାରିଥିବା ନିଶ୍ଚିତ କରାଯାଇଛି। ସେହିପରି ବାତ୍ୟା ସମୟରେ ୩ ଲକ୍ଷାରୁ ଅଧିକ ଗର୍ଭବତୀ ମହିଳାଙ୍କୁ ସ୍ଥାନାନ୍ତର କରାଯିବ। ବାତ୍ୟା ଲ୍ୟାଣ୍ଡଫଲ କରିବା ପରେ ରିକର୍ଭ କରି ଛତିଶଗଡ଼ ଯିବ। ବସ୍ତର ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଯଦି ଛତିଶଗଡ଼ ଡ୍ୟାମ ଖୋଲେ, ତା'ହେଲେ ପରିଚାଳନା ପାଇଁ ଏକ ଟିମ ଗଠନ କରାଯାଇଛି ଓ ଉକ୍ତ ଟିମ୍‌ର ସଦସ୍ୟମାନେ ଛତିଶଗଡ଼ ସରକାରଙ୍କ ସହ ଯୋଗାଯୋଗରେ ରହିଛନ୍ତି। ଯଦି ସେମାନେ ପାଣି ଛାଡ଼ିବେ, ତେବେ ଜଣାଇବେ। ସମସ୍ତ ପ୍ରକାର ସହାୟତା ପାଇଁ କେନ୍ଦ୍ର ସରକାର ପ୍ରସ୍ତୁତ ବୋଲି କ୍ୟାବିନେଟ ସଚିବ କହିଛନ୍ତି।

ମିଛ ଖବର...

ସ୍ଥାନ ଓ ସମୟ ସହ ଏହାର ପ୍ରଭାବକୁ ନେଇ ମନଗଢ଼ା ତଥ୍ୟ ପ୍ରଚାର କରୁଛନ୍ତି। ଏଭଳି ଅପପ୍ରଚାର ଯୋଗୁଁ ସାଧାରଣ ଲୋକଙ୍କ ମଧ୍ୟରେ ଅଯଥା ଭୟ ଓ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସହ ବିଭିନ୍ନ କ୍ଷେତ୍ରରେ କ୍ଷତି ହେଉଛି। ବାତ୍ୟାକୁ ନେଇ ଭୁଲ୍ ତଥ୍ୟ ପ୍ରଚାର ହେଲେ ଏହାର ପ୍ରଭାବ କେବଳ ସୋସିଆଲ ମିଡିଆରେ ସୀମିତ ରହେନାହିଁ। ଏହା ଲୋକଙ୍କ ଦୈନନ୍ଦିନ ଜୀବନ ଓ ଜୀବିକା ଉପରେ ମଧ୍ୟ ପ୍ରଭାବ ପକାଇପାରେ। ଏଭଳି ଅପପ୍ରଚାର ଯୋଗୁଁ ଚାଷୀମାନେ ଆତଙ୍କିତ ହୋଇ ଅପରିପକ୍ୱ ଫସଲ କାଟି କ୍ଷତି ସହୁଛନ୍ତି। ସେହିପରି ଲୋକଙ୍କ ମଧ୍ୟରେ ଆତଙ୍କିତ କିଣାକିଣି ବଢ଼ିବା ସହ ଅତ୍ୟାବଶ୍ୟକ ସାମଗ୍ରୀର କୃତ୍ରିମ ଅଭାବ ଓ ଦରବୃଦ୍ଧି ଭଳି ସ୍ଥିତି ସୃଷ୍ଟି ହୋଇପାରେ। ଏହାସହ ବିପର୍ଯ୍ୟୟ ମୁକାବିଲା ପାଇଁ ଚାଲିଥିବା ପ୍ରସ୍ତୁତି ଓ ଉଦ୍ଧାର କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ତେଣୁ ବାତ୍ୟା ସମ୍ପର୍କିତ କୌଣସି ତଥ୍ୟ ପ୍ରଚାର କିମ୍ବା ପ୍ରସାରଣ କରିବା ପୂର୍ବରୁ ତା'ର ସତ୍ୟତା ଯାଞ୍ଚ କରିବା ଜରୁରୀ ବୋଲି କୁହାଯାଇଛି। ମିଛ ଚେତାବନୀ ଓ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟରେ ବାଧା ସୃଷ୍ଟି କରିବା ଭଳି ମାମଲାରେ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ର ଧାରା ୫୪ ଓ ଧାରା ୫୧ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହୋଇପାରିବ ବୋଲି ସତର୍କ କରାଯାଇଛି। ଆଇନର ଧାରା ୫୪ ଅନୁଯାୟୀ ମିଛ ବିପର୍ଯ୍ୟୟ ସତର୍କ ସୂଚନା ଦେଇ ଆତଙ୍କ ସୃଷ୍ଟି କରିବା ମାମଲାରେ ଏକ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ କିମ୍ବା ଜରିମାନା ପ୍ରାବଧାନ ରହିଛି। ସେହିପରି ଧାରା ୫୧ ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ଜଡ଼ିତ। ଜାଣିଶୁଣି ମିଛ ତଥ୍ୟ ପ୍ରଚାର କରି ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନିଆଯିବା ନେଇ ସତର୍କ କରାଯାଇଛି।

କୋଟିଆ ସୀମାରେ...

କୌଣସି ଦଳ କି ସରକାର, କଶ୍ମୀରାଇଜ କରିବେ ନାହିଁ। କୋଟିଆ କେବଳ ଓଡ଼ିଶାର ବୋଲି କହିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ସେ ଆହୁରି କହିଛନ୍ତି ଯେ ଆମ ସରକାର ଆସିଲା ପରେ ଦୁଇ ଉପମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ କୋଟିଆ ଯାଇଛନ୍ତି। କୋଟିଆରେ ଆମ ସରକାର କିଛି ନା କିଛି କାର୍ଯ୍ୟକ୍ରମ କରିଆସିଛି। ରଥଯାତ୍ରା ହେଉ କି ସାମାଜିକ କାର୍ଯ୍ୟକ୍ରମ, କୋଟିଆରେ ଲୋକଙ୍କ ସହ ସମୟ କଟାଇଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସମସ୍ତ ସହଯୋଗ ଦରକାର ବୋଲି ସେ କହିଛନ୍ତି। କୋଟିଆ ପ୍ରସଙ୍ଗକୁ ନେଇ ତିନି ପ୍ରମୁଖ ଦଳ ମଧ୍ୟରେ ଆକ୍ଷେପ ପ୍ରତିଆକ୍ଷେପ ଆରମ୍ଭ ହୋଇଥିବା ବେଳେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦାବି କରିଛନ୍ତି ବିଜେଡି ବିଧାୟିକା ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। କୋଟିଆକୁ ମିଳିମିଶି ଆନ୍ଧ୍ରକୁ ଚେକିଦେବାକୁ ଷଡ଼ଯନ୍ତ୍ର ଚାଲିଥିବା ସେ ଅଭିଯୋଗ କରିଛନ୍ତି। ଗୃହ କମିଟି ଗଠନ କରିଦେଲେ କ'ଣ କୋଟିଆ ସମସ୍ୟାର ସମାଧାନ ହୋଇପାରିବ ବୋଲି ପ୍ରଶ୍ନ କରିଛନ୍ତି ପ୍ରମିଳା। ରାଜ୍ୟରେ ଡ୍ରିପଲ୍ ଇଞ୍ଜିନ ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଥିବା ବେଳେ କୋଟିଆ ପ୍ରସଙ୍ଗରେ ସରକାରଙ୍କର ଆନ୍ତରିକତା ନ ଥିବା ସେ କହିଛନ୍ତି। ଯଦି ସରକାର କୋଟିଆ ସମସ୍ୟାର ସମାଧାନ କରିପାରୁନାହାନ୍ତି, ତେବେ ନବୀନ ପଟ୍ଟନାୟକଙ୍କୁ କ୍ଷମତା ଛାଡ଼ିଦିଅନ୍ତୁ ବୋଲି କଟାକ୍ଷ କରିଛନ୍ତି ଶ୍ରୀମତୀ ମଲ୍ଲିକ। କୋଟିଆ ବିକାଶର ସମୀକ୍ଷା ଓ ଆଗାମୀ ଯୋଜନା ପାଇଁ ଆସନ୍ତାକାଲି ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏକ ଉଚ୍ଚସ୍ତରୀୟ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସି କୋଟିଆର ବିକାଶ ନେଇ ତର୍ଜମା କରାଯିବ।

ବିଶ୍ୱ ପ୍ରଗତି...

ବାଚସ୍ପତି ବିର୍ଲା ସେମାନଙ୍କୁ ସମ୍ବୋଧିତ କରିଛନ୍ତି। ବିଭିନ୍ନ ଦେଶ ମଧ୍ୟରେ ଭୌଗୋଳିକ, ସାଂସ୍କୃତିକ, ଭାଷାଗତ ଓ ସାମାଜିକ ବିବିଧତା ସତ୍ତ୍ୱେ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ମାନବତା ପ୍ରତି ଦାୟିତ୍ୱବୋଧ ସମସ୍ତଙ୍କୁ ଏକାଠି ବାନ୍ଧି ରଖିଛି ବୋଲି ସେ କହିଛନ୍ତି। ସଂସଦୀୟ ଆଲୋଚନା ଓ ସହଯୋଗ ମାଧ୍ୟମରେ ଦେଶଗୁଡ଼ିକ ମଧ୍ୟରେ ପାରସ୍ପରିକ ବିଶ୍ୱାସ ବୃଦ୍ଧି ପାଇବା ସହ ବିଶ୍ୱର ସାଧାରଣ ସମସ୍ୟାଗୁଡ଼ିକର ସମାଧାନ ଖୋଜାଯାଇପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବ୍ରିକ୍ସ ରାଷ୍ଟ୍ରମୁଖ୍ୟ ଓ ସରକାର ମୁଖ୍ୟଙ୍କ ଶିଖର ସମ୍ମିଳନୀରେ ଗୃହୀତ ମିଳିତ ବିବୃତିକୁ ବିର୍ଲା ପ୍ରଶଂସା କରିଛନ୍ତି।

ପ୍ରତିଶ୍ରୁତି ପୂରଣ...

ଅତ୍ୟନ୍ତ ସରଗରମ ହେବ। ବହୁ ସ୍ଥାନରେ ଉତ୍ତଳ ଓ ରମାଦେବୀ ଭଳି ଅବସ୍ଥା ଉପୁଜିବା ନେଇ ଶିକ୍ଷାବିତ୍‌ମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ପୁଲିସ୍ ମଧ୍ୟ ଏହା ଉପରେ ନଜର ରଖିଛି। ଅନ୍ୟ ପକ୍ଷରେ ଯେଉଁସବୁ ଶିକ୍ଷାନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନ ବାତିଲ ସହ ଗଣ୍ଡଗୋଳ ଆଶଙ୍କାରେ ତୁରନ୍ତ ଛୁଟି ଘୋଷଣା କରାଯାଇଥିଲା, ସେଠାରେ ଛାତ୍ରଛାତ୍ରୀମାନେ କିଭଳି ମନୋଭାବ ପୋଷଣ କରିବେ ତାହାକୁ ନେଇ ମଧ୍ୟ ନିର୍ବାଚନ ବାତିଲ ହୋଇଥିବା ଶିକ୍ଷାନୁଷ୍ଠାନର ଅଧ୍ୟାପକ ଓ କର୍ମଚାରୀମାନେ ଆଶଙ୍କାରେ ରହିଛନ୍ତି। କାରଣ ନିର୍ବାଚନ ବାତିଲ ପରେ ପରେ କେତେକ ସ୍ଥାନରେ ଛାତ୍ରଛାତ୍ରୀମାନେ ପୋଡ଼ାଜଳା କରିବା ସହ ନିର୍ବାଚନ ପାଇଁ ଅଡ଼ି ବସିଥିଲେ। ତେବେ ଛୁଟି ଘୋଷଣା କରି କଲେଜ କର୍ତ୍ତୃପକ୍ଷ କୌଣସି ପ୍ରକାରେ ପରିସ୍ଥିତିକୁ ସମ୍ଭାଳି ନେଇଥିଲେ। ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନରେ ରାଜନୈତିକ ହସ୍ତକ୍ଷେପ ଅଧିକ ରହିଥିବା ବେଳେ ସ୍ଥାନୀୟ ବିଧାୟକ ଓ ଆଗଧାଡ଼ିର ନେତାମାନେ ପରଦା ପଛରେ ରହି ଗୋଟି ଚଳାଇବା ସହ ଏହାକୁ ନିଜର ସମ୍ମାନ ଭାବେ ନେଇଥିଲେ। ତେଣୁ ଯେଉଁସବୁଠାରେ ନେତାମାନେ ହାରିଛନ୍ତି, ସେମାନେ ନିଜର ମାନ ରକ୍ଷା ପାଇଁ ଶିକ୍ଷାନୁଷ୍ଠାନ ଖୋଲିଲା ପରେ କି ପଦକ୍ଷେପ ଗ୍ରହଣ କରିବେ, ତାକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି।

ମୁଖ୍ୟ ସଚିବଙ୍କୁ...

ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ଆଇନ ଶୃଙ୍ଖଳାକୁ ନେଇ ବିରୋଧୀ ବାରମ୍ବାର ଆପତ୍ତି ଉଠାଉଥିବା ବେଳେ ପୁଲିସ ନିଜ କ୍ଷମତାର ଦୁରୁପଯୋଗ କରୁଥିବା ଅଭିଯୋଗ ମଧ୍ୟ ହେଉଛି। ଏନେଇ କିଛି ବ୍ୟକ୍ତି ଓ ଅନୁଷ୍ଠାନ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଭଳି ଭିନ୍ନ ଭିନ୍ନ ୧୦ଟି ଅଭିଯୋଗ କେନ୍ଦ୍ର ନିକଟରେ ଦାଖଲ ହୋଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମୁଖ୍ୟ ଶାସନ ସଚିବଙ୍କୁ ଲେଖିଥିବା ଚିଠି ଆଧାରରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଗତ ୧୬ ତାରିଖରେ ପୁଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଚିଠି ଲେଖାଯାଇଛି। ଅଭିଯୋଗଗୁଡ଼ିକର ତଥ୍ୟଭିତ୍ତିକ ରିପୋର୍ଟ ଦାଖଲ କରିବାକୁ ଡିଜିପିଙ୍କୁ କୁହାଯାଇଛି।

ପୋଡୁଥିଲା ରାବଣ...

ଏଭଳି ଘଟଣା ତାଙ୍କୁ ବିବ୍ରତ କରିବାରୁ ସେ ଏୟାରପୋର୍ଟ ଅଥରିଟିଙ୍କୁ ଜଣାଇଥିଲେ। ଏଭଳି ସ୍ଥିତିରେ ଯଦି କୌଣସି ବଡ଼ ଅଘଟଣ ଘଟିଥାନ୍ତା, ତା'ହେଲେ ଏଥିପାଇଁ କିଏ ଦାୟୀ ହୋଇଥାନ୍ତେ? ବିମାନ ଯିବାଆସିବା କରୁଥିବା ଜାଗାରେ ବାଣ ଫୁଟାଇବାକୁ କିଏ ଅନୁମତି ଦେଇଥିଲେ? ବିମାନ ବନ୍ଦର କର୍ତ୍ତୃପକ୍ଷ ଏ ବାବଦରେ ପୂର୍ବରୁ ଅବଗତ ଥିଲେ କି? ଏନେଇ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ କହିବା କଥା, ସ୍ଥାନୀୟ ପ୍ରଶାସନକୁ ଘଟଣା ବାବଦରେ ଅବଗତ କରାଯାଇଛି। ବିମାନ ବନ୍ଦର ରନଓ୍ୱେର ଆପ୍ରୋଚ ରୋଡ ବରମୁଣ୍ଡା ରାବଣ ପୋଡ଼ି ପଡିଆ ଉପରେ ହିଁ ଯାଉଛି। ତେଣୁ ବିମାନର ଟେକ୍ ଅଫ୍ ଓ ଲ୍ୟାଣ୍ଡିଂ ପାଇଁ ଏହି ରୁଟ ରହିଛି ବୋଲି କହିଛନ୍ତି ବିମାନ ବନ୍ଦର କର୍ତ୍ତୃପକ୍ଷ। ବାଣ କିମ୍ବା ଲେଜର ଲାଇଟ ଦ୍ୱାରା ପାଇଲଟଙ୍କ ପକ୍ଷେ ଫ୍ଲାଇଟ୍‌ର ପ୍ରକୃତ ରୁଟ୍ ଦେଖିବାରେ ସମସ୍ୟା ହୋଇଥାଏ। ଏମିତିକି ବିମାନ ପାଖାପାଖି ଅଞ୍ଚଳରେ ବାଣ ଫୁଟୁଥିବା ଦେଖି ପାଇଲଟ୍ ବିଚଳିତ ମଧ୍ୟ ହୋଇପାରନ୍ତି। ବିଚଳିତ ଅବସ୍ଥାରେ କୌଣସି ପ୍ରକାର ଅସ୍ୱାଭାବିକ ପଦକ୍ଷେପ ମଧ୍ୟ ନେଇପାରନ୍ତି। ଏମିତିରେ ବିମାନରେ ଥିବା ଯାତ୍ରୀଙ୍କ ଜୀବନ ବିପଦରେ ପଡ଼ିପାରେ। ଏଥିପାଇଁ ବିମାନ ବନ୍ଦର ନିକଟରେ ବାଣ ଫୁଟାଇବା କିମ୍ବା ଲେଜର ଲାଇଟ୍ ବ୍ୟବହାର ନେଇ କଟକଣା ରହିଛି। ହେଲେ ଏହାକୁ କେହି ମାନୁ ନ ଥିବାରୁ ଚିନ୍ତା ବ୍ୟକ୍ତ କରିଛନ୍ତି ବିମାନ ବନ୍ଦର କର୍ତ୍ତୃପକ୍ଷ। ସେହିଭଳି ବିମାନ ବନ୍ଦର ନିକଟରେ ସୁଉଚ୍ଚ ଅଟ୍ଟାଳିକା ନିର୍ମାଣ ପାଇଁ ମଧ୍ୟ କଟକଣା ରହିଛି। ସେପଟେ ବରମୁଣ୍ଡା ପଡ଼ିଆରେ ରାବଣ ପୋଡ଼ି ବେଳେ ବାଣ ଫୁଟାଇବା ପାଇଁ କମିଶନରେଟ୍ ପୁଲିସ ଅନୁମତି ଦେଇଥାଏ। ବିଏମସି କେବଳ ଆନୁଷଙ୍ଗିକ ସହଯୋଗ କରେ ବୋଲି ସଫେଇ ଦେଇଛନ୍ତି ଭୁବନେଶ୍ୱର ମେୟର। ଏଭଳି ଘଟଣା ଭବିଷ୍ୟତରେ ଯେମିତି ଆଉ ନଘଟିବ ସେଥି ପ୍ରତି ଆଗକୁ ଧ୍ୟାନ ଦିଆଯିବ ବୋଲି ମେୟର କହିଛନ୍ତି। ପ୍ରତିବର୍ଷ ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ରାବଣ ପୋଡ଼ି ଓ ଆତସବାଜି କାର୍ଯ୍ୟକ୍ରମ ହୋଇଆସୁଛି। କିନ୍ତୁ ପୂର୍ବରୁ ଏଥିପ୍ରତି କେହି ଧ୍ୟାନ ଦେଇ ନ ଥିଲେ। କାରଣ ପୂର୍ବରୁ ଭୁବନେଶ୍ୱର ଏୟାରପୋର୍ଟକୁ ଏତେ ବିମାନ ଚଳାଚଳ ନଥିଲା। ଏବେ କିନ୍ତୁ ବିମାନ ଚଳାଚଳ ସଂଖ୍ୟା ଢେର ବୃଦ୍ଧି ପାଇଛି। ପ୍ରତି ୧୦ରୁ ୧୫ ମିନିଟ୍ ଭିତରେ ଗୋଟିଏ ପରେ ଗୋଟିଏ ବିମାନ ଭୁବନେଶ୍ୱର ଏୟାରପୋର୍ଟରେ ଟେକ୍‌ଅଫ୍ କିମ୍ବା ଲ୍ୟାଣ୍ଡିଂ କରୁଛନ୍ତି। ତେବେ ଏପରି ଏକ ଅତ୍ୟନ୍ତ ଦର୍ଶିତାର ଚରମ ନିଦର୍ଶନ ଘଟଣା ପରେ ପୁଲିସ ଓ ବିଏମସି କର୍ତ୍ତୃପକ୍ଷ ସଚେତନ ହେବେ ବୋଲି ଆଶା କରାଯାଉଛି।

ଖଲ୍ଲିକୋଟ୍ ବଡ଼ଘାଟିରେ ଦୁର୍ଘଟଣା

୩୦ ଫୁଟ ତଳକୁ ଖସିଲା ଟ୍ରକ୍

ଖଲ୍ଲିକୋଟ,୨୭।୧୦(ସଂଚାର ବ୍ୟୁରୋ):

ଧୁଳିଗଡ଼ରେ ଅବକାରୀ ବିଭାଗର ଚଢ଼ାଉ

୭୦ ଲିଟର ବେଆଇନ ମଦ ଜବତ

ଯାଜପୁର ରୋଡ଼, ୨୬।୧୦ (ସଂଚାର ବ୍ୟୁରୋ): ଯାଜପୁର ଅବକାରୀ ଅଧୀକ୍ଷକ ଅଜୟ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଆଜି ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ଧୁଳୀଗଡ଼ ଗ୍ରାମ ରାସ୍ତାରେ ଡୋଲିପୁର ଅବକାରୀ ବିଭାଗ ଷ୍ଟେସନ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ କନ୍ଦୁରୁ ସୋରେନ ନାମକ ଅଭିଯୁକ୍ତଙ୍କ ଠାରୁ ୭୦ ଲିଟର ବେଆଇନ ଦେଶୀ ମଦ ଓ ଗୋଟିଏ ଧଳା ପଲସର ବାଇକ୍ ଜବତ କରାଯାଇଛି। ଡୋଲିପୁର ଅବକାରୀ ଷ୍ଟେସନରେ ପି.ଆର ନଂ. ୧୮୮/୨୬-୨୭ ରେ ଏକ ମାମଲା ରୁଜୁ କରାଯାଇଛି। ଏହି ଚଢ଼ାଉରେ ଡୋଲିପୁର ଅବକାରୀ ଷ୍ଟେସନ ଭାରପ୍ରାପ୍ତ ଅଧିକାରୀ ରାମେଶ୍ୱର ମହାକ୍ତି, ଏଏସଆଇ ରଶ୍ମିରେଖା ଜେନା, କନଷ୍ଟେବଳ ମାଳତୀ ମାଝୀ ଓ ବିକ୍ରମ ବେହେରା ପ୍ରମୁଖ ସାମିଲ ଥିଲେ।

ମାଲକାନଗିରିରେ ହରିୟାଣା ପୁଲିସର ବର୍ବରତା

ପଚରାଉଚରା ବାହାନାରେ ଯୁବକକୁ ନିସ୍ଥୁକ ମାଡ଼ମାରି ହତ୍ୟା ଅଭିଯୋଗ

ମାଲକାନଗିରି, ୨୬।୧୦ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲାରେ ଜଣେ ଯୁବକଙ୍କ ରହସ୍ୟ-ଜନକ ମୃତ୍ୟୁକୁ କେନ୍ଦ୍ର କରି ଆଜି ଉତ୍ତେଜନା ଦେଖାଦେଇଛି। ହରିୟାଣା ପୁଲିସ ଦ୍ୱାରା ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଅଟକ ରଖାଯାଇଥିବା ଜଣେ ଯୁବକଙ୍କ ମୃତଦେହ ମାଲକାନଗିରି ସଦର ନିକଟବର୍ତ୍ତୀ ମାଲକାନଗିରି ଇନ୍ ନାମକ ହୋଟେଲ ଭିତରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହେବା ପରେ ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ମୃତକ ହେଉଛନ୍ତି ଏମଭି-୬୫ ଗ୍ରାମର ତନୁପ ଦେ। ଏହି ଘଟଣାକୁ ନେଇ ମୃତକଙ୍କ ପରିବାରବର୍ଗ ହରିୟାଣା ପୋଲିସ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ପଚରାଉଚରା ବାହାନାରେ ଯୁବକଙ୍କୁ ନିସ୍ଥୁକ ମାଡ଼ ମାରି ହତ୍ୟା କରାଯାଇଥିବା ପରିବାର ଲୋକେ ଦାବି କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଗତକାଲି ରାତିରେ ହରିୟାଣାର ହାଂସି ଥାନା ପୋଲିସ ମାଲକାନଗିରି ଜିଲ୍ଲାର ଏମଭି-୬୫ ଗ୍ରାମରେ ପହଞ୍ଚି ତନୁପ ଦେଙ୍କୁ ତାଙ୍କ ଘରୁ ନେଇ ଆସିଥିଲା। ଗଞ୍ଜେଇ ଚୋରାଚାଲାଣ ସହ ତାଙ୍କର ସଂପୃକ୍ତି ଥିବା ସନ୍ଦେହରେ ପୋଲିସ ତାଙ୍କୁ ଅଟକ ରଖିଥିଲା। ଏହାପରେ ଯୁବକଙ୍କୁ ମାଲକାନଗିରିର ହୋଟେଲ ମାଲକାନଗିରି ଇନ୍‌ରେ ରଖାଯାଇଥିଲା। ତେବେ ଆଜି ସକାଳେ ହୋଟେଲ ଭିତରୁ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିବା ଘଟଣାକୁ ଅଧିକ ରହସ୍ୟମୟ କରି ଦେଇଛି।

୧୩ବର୍ଷ ଧରି ଟେଣ୍ଡର ବିନା ଛତୁଆ ରାଜ

ମିଳୁଛି ପୋକରା ଖଜୁରୀ, ସୁଜି ଓ କମ୍ ଓଜନର ସାମଗ୍ରୀ

କାକଟପୁର/ଅସ୍ତରଙ୍ଗ, ୨୬।୧୦ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ଅପପୁଷ୍ଟି ରୋକିବାକୁ ଗର୍ଭବତୀ, ପ୍ରସୂତି ମହିଳା, ଶିଶୁ ଓ କିଶୋରୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଉଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନ ଶିଶୁ ବିକାଶ ପ୍ରକଳ୍ପ ମାଧ୍ୟମରେ ଛତୁଆ, ହାଲୁଆ (ସୁଜି), ଖଜୁରୀ, ରାଶି ଲଡୁ, ମୁଡି, ସୋଲା ଓ ଅଣ୍ଡା ଅଙ୍ଗନବାଡି କେନ୍ଦ୍ର ଜରିଆରେ ପ୍ରଦାନ କରାଯାଉଛି। ଅଣ୍ଡାକୁ ଅଙ୍ଗନବାଡି କର୍ମୀ ବଜାରରୁ କିଣି ଦେଉଥିବା ବେଳେ ଅନ୍ୟ ସମସ୍ତ ସାମଗ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗାଇ ଦେଉଛନ୍ତି। ଆଶ୍ଚର୍ଯ୍ୟର ବିଷୟ - ୨୦୧୧-୧୨ ମସିହାରେ ଶେଷ ଥର ପାଇଁ ଟେଣ୍ଡର ପ୍ରକ୍ରିୟାରେ ଗୋଷ୍ଠୀ ଚୟନ ହୋଇଥିଲା। ସେହି ଗୋଷ୍ଠୀ ଆଜି ଯାଏଁ ଗତାନୁଗତିକ ଭାବେ ଚାଲିଛି। ୧୩ ବର୍ଷ ହେଲା ନୂଆ ଟେଣ୍ଡର ହେଉନାହିଁ।

ଅଭିଯୋଗ ଅନୁଯାୟୀ ପୁରୁଣା ଗୋଷ୍ଠୀ ବିଭାଗର ବିଭିନ୍ନ ଅଧିକାରୀ, ଅଧିକାରିଣୀ ଓ ରାଜନେତାଙ୍କୁ ହାତ କରି ପ୍ରତି ବର୍ଷ ନବୀକରଣ ସାରି ଦେଉଛନ୍ତି। ଫଳରେ ଗୁଣବତ୍ତା ଯାଞ୍ଚ ବିନା କାମ ଚାଲିଛି।

ପରିଣାମ ସ୍ୱରୂପ ହିତାଧିକାରୀଙ୍କୁ ନିମ୍ନମାନର ଓ କମ୍ ଓଜନର ଛତୁଆ ଓ ଅନ୍ୟ ସାମଗ୍ରୀ ମିଳୁଛି। ବିଭିନ୍ନ ସମୟରେ ଖଜୁରୀ କୋଳି ପ୍ୟାକେଟରେ ପୋକ, ଲଡୁ ଖରାପ, ସୁଜିରେ ପୋକ ବାହାରିବା ଭଳି ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏହି ସମ୍ବେଦନଶୀଳ ଘଟଣା ପରେ ତଦନ୍ତ ହୋଇଛି, କିନ୍ତୁ କାର୍ଯ୍ୟାନୁଷ୍ଠାନ ଶୂନ। ପୁଣି ସେହି ଗୋଷ୍ଠୀଙ୍କୁ ବଣ୍ଟନ ଦାୟିତ୍ୱ ଦେବାକୁ ବିଭାଗ ଅଣ୍ଡା ଭିଡିଛି।

କାକଟପୁର ବ୍ଲକରେ ମୋଟ ୧୮୨ଟି ଅଙ୍ଗନବାଡି କେନ୍ଦ୍ର ରହିଛି। ଏହି ସମସ୍ତ କେନ୍ଦ୍ର ପାଇଁ କେବଳ ୨ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଦୁଇ ଗୋଷ୍ଠୀ ନିମ୍ନମାନର ସାମଗ୍ରୀ ଯୋଗାଉଥିବା ନେଇ ବାରମ୍ବାର ଅଭିଯୋଗ ଆସିଛି ଜନ ଶୁଣାଣୀ ସହ ପଂଚାୟତ ସମିତି ବୈଠକରେ । ସ୍ଥାନୀୟ ଅଙ୍ଗନବାଡି କର୍ମୀମାନେ ମଧ୍ୟ ନାଁ ଗୋପନ ରଖି ଏହି ଅଭିଯୋଗକୁ ସତ ବୋଲି କହୁଛନ୍ତି। ଉପଜିଲ୍ଲାପାଳ ସାମ୍ନାରେ ମଧ୍ୟ ଅଭିଯୋଗ ହୋଇଛି।

ଅନ୍ୟପଟେ ମିଶନ ଶକ୍ତି ଯୋଜନାରେ ଶହ ଶହ ନୂଆ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୋଇଛି। ଟେଣ୍ଡର ହେଲେ ସେମାନେ ସୁଯୋଗ ପାଆନ୍ତେ। ହେଲେ ୧୩ ବର୍ଷ ଧରି ଟେଣ୍ଡର ନ ହେବାରୁ ସେମାନେ ବଞ୍ଚିତ ହେଉଛନ୍ତି। ଏହା ସରକାରଙ୍କ ମିଶନ ଶକ୍ତି ଉଦ୍ଦେଶ୍ୟକୁ ବିଫଳ କରୁଛି। ଏବେ ପ୍ରଶ୍ନ ଉଠୁଛି - ଛତୁଆ ଯୋଗାଣ ଗୋଷ୍ଠୀଙ୍କ ବିରୁଦ୍ଧରେ ଅଭିଯୋଗ ଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ କାହିଁକି ଅନୁକମ୍ପା ଦେଖାଉଛି ? କାହା ଛତ୍ରଛାୟାରେ ଏହି କେନ୍ଦ୍ର ଚାଲିଛି ତାହା ତଦନ୍ତ ସାପେକ୍ଷ।

ଶିଶୁଙ୍କ ଛତୁଆରେ କାହାର ହାତ ?

ନବୀକରଣ ପଛରେ ନବୀକରଣ

ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ଉଦ୍‌ଘାଟନ କଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

୨୭୫ଟି ଷ୍ଟଲ୍‌ରେ ଜମିବ ବ୍ୟବସାୟ, ରାଜ୍ୟ ବାହାରର ୭ଟି ଷ୍ଟଲ୍ ସାମିଲ

ଢେଙ୍କାନାଳ, ୨୬।୧୦ (ସଂଚାର ବ୍ୟୁରୋ): ଗ୍ରାମୀଣ କାରିଗର, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ କ୍ଷୁଦ୍ର ଉଦ୍ୟୋଗୀଙ୍କ ଉତ୍ପାଦକୁ ବ୍ୟାପକ ବଜାର ଯୋଗାଇଦେବା ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟ ନେଇ ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ମେଳାକୁ ଉଦ୍‌ଘାଟନ କରିଛନ୍ତି। ଅକ୍ଟୋବର ୨୬ ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସାତଦିନ ଧରି ଏହି ମେଳା ଚାଲିବ। ମେଳାରେ ମୋଟ ୨୭୫ଟି ଷ୍ଟଲ୍ ଖୋଲାଯାଇଥିବା ବେଳେ ରାଜ୍ୟ ବାହାରର ୭ଟି ଷ୍ଟଲ୍ ଏଥିରେ ସାମିଲ ହୋଇଛି।

ଉଦ୍‌ଘାଟନୀ ଉତ୍ସବରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପର୍ଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଢେଙ୍କାନାଳ ପୌରପାଳିକା ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ଏବଂ ଆରକ୍ଷୀ ଅଧୀକ୍ଷକ ଅଭିଜ୍ଞ ବାବୁରାଓଙ୍କ ସମେତ ଅନ୍ୟ ଅତିଥି ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

ପଲ୍ଲିଶ୍ରୀ ମେଳା ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ସହ ସ୍ଥାନୀୟ ଉତ୍ପାଦକଙ୍କୁ ନିଜର ସାମଗ୍ରୀ ବିକ୍ରି କରିବା ପାଇଁ ଏକ ଉତ୍ତମ ମଞ୍ଚ ଯୋଗାଇଥାଏ। ଏହି ମେଳାରେ ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ, ଘରୋଇ ଉତ୍ପାଦ, ଗ୍ରାମୀଣ ସାମଗ୍ରୀ ଓ ଅନ୍ୟାନ୍ୟ ଆକର୍ଷଣୀୟ ଉତ୍ପାଦର ବିକ୍ରିବଟା ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଏହାଦ୍ୱାରା ଗ୍ରାହକମାନେ ବିଭିନ୍ନ ପ୍ରକାରର ଉତ୍ପାଦ ଗୋଟିଏ ସ୍ଥାନରେ ପାଇପାରିବା ସହ ଉତ୍ପାଦକମାନେ ନିଜର ବ୍ୟବସାୟକୁ ଆଗକୁ ବଢ଼ାଇବାର ସୁଯୋଗ ପାଇବେ।

ମେଳାରେ ମୋଟ ୨୭୫ଟି ଷ୍ଟଲ୍ ଖୋଲାଯାଇଥିବାରୁ ଏହା ଗ୍ରାହକଙ୍କ ପାଇଁ ଏକ ଆକର୍ଷଣୀୟ କ୍ରୟବିକ୍ରୟର କେନ୍ଦ୍ର ପାଲଟିବା ଆଶା କରାଯାଉଛି। ରାଜ୍ୟ ବାହାରର ୭ଟି ଷ୍ଟଲ୍‌ର ଅଂଶଗ୍ରହଣ ମେଳାକୁ ଅଧିକ ବିବିଧତା ପ୍ରଦାନ କରିବା ସହ ବିଭିନ୍ନ ଅଞ୍ଚଳର ଉତ୍ପାଦ ସହ ପରିଚିତ ହେବାର ସୁଯୋଗ ଦେବ।

ହେମଗିରି ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ସୁନ୍ଦରଗଡ଼, ୨୬।୧୦ (ସଂଚାର ବ୍ୟୁରୋ): ହେମଗିରି ବ୍ଲକ ପରିସରରେ ସୋମବାର ଜିଲ୍ଲା ପ୍ରସାଶନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଏବଂ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ।

ମୋଟ ୫୩ ଗୋଟି ଅଭିଯୋଗ ମଧ୍ୟରୁ ୨୫ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୨୭ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ଗୋଟିଏ ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ରହିଥିଲା।

ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା ତଥା ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

ଧଳାକୋଟ୍ ଏକ ପୋଷାକ ନୁହେଁ, ଏହା ରୋଗୀଙ୍କ ବିଶ୍ୱାସ ଓ ସେମାନଙ୍କ ପ୍ରତି ଦାୟିତ୍ୱର ପ୍ରତୀକ

ଭୁବନେଶ୍ୱର, ୨୬।୧୦ (ସଂଚାର ବ୍ୟୁରୋ): ରୋଗୀଙ୍କ ଦାକ୍ତର ଚିକିତ୍ସା ପାଇଁ ଦକ୍ଷତା ଆବଶ୍ୟକ। କିନ୍ତୁ ରୋଗୀଙ୍କ ବିଶ୍ୱାସ ଜିତିବା ପାଇଁ ସମ୍ବେଦନଶୀଳତା ଓ କରୁଣା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତି ଦାସ।

ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ ସାଇନସେସ୍ (ଆଇଡିଏସ୍)ର ୨୦୨୬ ଶିକ୍ଷା ବର୍ଷରେ ନାମ ଲେଖାଇଥିବା ନବାଗତ ବିଡିଏସ୍ ଓ ଏମ୍‌ଡିଏସ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ଶନିବାର ଆୟୋଜିତ ଓରିଏଂଟେସନ୍ ଓ ହ୍ୱାଇଟ କୋଟ ସେରିମୋନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ କହିଥିଲେ ଯେ ଧଳା କୋଟ୍ କେବଳ ଏକ ପୋଷାକ ନୁହେଁ, ଏହା ଜ୍ଞାନ, ଚିକିତ୍ସାଗତ ଦକ୍ଷତା, ସଚ୍ଚୋଟତା ଓ ମାନବିକତାର ପ୍ରତୀକ। ତେଣୁ ଛାତ୍ରଛାତ୍ରୀମାନେ ଏହି ଚିକିତ୍ସା ବୃତ୍ତିର ମୂଲ୍ୟବୋଧକୁ ହୃଦୟଙ୍ଗମ କରି ରୋଗୀଙ୍କ ପ୍ରତି ଥିବା ଦାୟିତ୍ୱକୁ ନିଷ୍ଠାର ସହ ପାଳନ କରିବା ଆବଶ୍ୟକ ବୋଲି ଶ୍ରୀମତି ଦାସ କହିଥିଲେ।

ସୋଆ ତା'ର ସବୁ ଅନୁଷ୍ଠାନରେ ଗୁଣବତ୍ତାକୁ ପ୍ରାଧାନ୍ୟ ଦେଉଥିବା ବେଳେ ଆଇଡିଏସ୍ ଲଗାତାର ଭାବେ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସନାଲ ରାଙ୍କିଙ୍ଗ ଫ୍ରେମୱାର୍କ (ଏନ୍‌ଆଇଆରଏଫ୍) ରାଙ୍କିଙ୍ଗରେ ୨୦୨୫ରେ ଦେଶର ଶ୍ରେଷ୍ଠ ୯ମ ଦନ୍ତ ଚିକିତ୍ସା ଅନୁଷ୍ଠାନ ଭାବେ ନିଜ ସ୍ଥାନ ବଜାୟ ରଖିଛି। ତେଣୁ ଏହି ଅନୁଷ୍ଠାନର ଗାରିମାକୁ ଛାତ୍ରଛାତ୍ରୀ ହିଁ ଆଗକୁ ନେଇପାରିବେ ବୋଲି ଶ୍ରୀମତି ଦାସ ମନ୍ତବ୍ୟ ଦେଇଥିଲେ।

କାର୍ଯ୍ୟକ୍ରମରେ ସୋଆ କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ ଭୁବନେଶ୍ୱରର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍କରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଚିକିତ୍ସା ବିଜ୍ଞାନ ସମ୍ପର୍କରେ ବୁଝାଇଥିଲେ।

ବାତ୍ୟା 'ଅର୍ଣ୍ଣବ' ଆଶଙ୍କା

ବଦଳିଲା ଆକାଶର ରଙ୍ଗ, କ୍ଷେତରେ ଧାନ ଥୋଡ଼କୁ ନେଇ ଚିନ୍ତାରେ ଚାଷୀକୁଳ



ଗୋପ, ୨୬।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବକୁ ନେଇ ପୁରୀ ଜିଲ୍ଲାର କୋଣାର୍କ, ଗୋପ ଓ ନିମାପଡ଼ା ଅଞ୍ଚଳରେ ଏବେ କ୍ଷେତ୍ରସ୍ତରରେ ଭୟ ଓ ଆଶଙ୍କାର ବାତାବରଣ ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ପୁରୀ ଜିଲ୍ଲା ଉପରେ ବାତ୍ୟାର ସିଧାସଳଖ ପ୍ରଭାବ ନାହିଁ ବୋଲି ସୂଚନା ଦିଆଯାଇଥିଲେ ମଧ୍ୟ, ପ୍ରାକୃତିକ ପରିବର୍ତ୍ତନ ଓ ଆକାଶର ରଙ୍ଗ ବଦଳିବା ଦୃଶ୍ୟ ସ୍ଥାନୀୟ ଚାଷୀମାନଙ୍କୁ ଚିନ୍ତାରେ ପକାଇ ଦେଇଛି।

ଗତ କିଛି ଦିନ ହେବ ବାତ୍ୟା 'ଅର୍ଣ୍ଣବ'ର ଆଗମନକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ, ସନ୍ଧ୍ୟା ସମୟରେ ଆକାଶର ରଙ୍ଗ ସମ୍ପୂର୍ଣ୍ଣ ବଦଳିଯାଇ ଲାଲ୍ ପଡ଼ିଯିବା ଦେଖିବାକୁ ମିଳିଛି। କୋଣାର୍କ ଏବଂ ଗୋପ ଅଞ୍ଚଳର ଆକାଶରେ ପ୍ରାକୃତିକ ଭାବେ ଏହି ଲାଲିମା ବିଛେଇ ହୋଇପଡ଼ିଥିବା ଦୃଶ୍ୟ ଯତିକି ମନୋରମ ଓ ଆକର୍ଷକ ଦିଶୁଛି, ସାଧାରଣ ଜନତା ଓ ବିଶେଷ କରି ଚାଷୀମାନଙ୍କ ପାଇଁ ସେତିକି ଭୟଭୀତ କଲାଭଳି ରହିଛି। ପ୍ରାକୃତିକ ପରିବର୍ତ୍ତନର ଏହି ଲକ୍ଷଣ କୌଣସି ଆଗାମୀ ବିପର୍ଯ୍ୟୟ ବା ବାତ୍ୟାର ଆଗମନକୁ ସୂଚାଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ବେଶ୍ ଆଲୋଚନା ହେଉଛି।

ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବାତ୍ୟାର ପ୍ରଭାବ ନାହିଁ ବୋଲି ସ୍ପଷ୍ଟ କରାଯାଇଥିଲେ ହେଁ, କୃଷକମାନେ କିନ୍ତୁ ଆଶ୍ୱସ୍ତ ହୋଇପାରୁନାହାନ୍ତି। ଏହାର ମୁଖ୍ୟ କାରଣ ହେଲା, ଏହି ସମୟରେ ଗୋପ, ନିମାପଡ଼ା ଏବଂ କୋଣାର୍କ ଅଞ୍ଚଳର ଏକର ଏକର ଜମିରେ ଧାନ ଚାଷ ହୋଇଛି। କ୍ଷେତରେ ଥିବା ଧାନଗଛରୁ ଏବେ ଥୋଡ଼ ବାହାରି ସାରିଥିବା ବେଳେ ଫସଲ ଅମଳ ପର୍ଯ୍ୟାୟରେ ପହଞ୍ଚିବାକୁ ବସିଛି।ଏଭଳି ଏକ ସମ୍ବେଦନଶୀଳ ସମୟରେ ଯଦି ହଠାତ୍ ଜୋରେ ପବନ କିମ୍ବା ପ୍ରବଳ ବର୍ଷା ହୁଏ, ତେବେ ଥୋଡ଼ ଧରିଥିବା ଧାନଗଛଗୁଡ଼ିକ ମାଟିରେ ଚଳିପଡ଼ିବ ଏବଂ ସମଗ୍ର ଫସଲ ନଷ୍ଟ ହୋଇଯିବ। ବର୍ଷସାରା ହାଡ଼ଭଙ୍ଗା ପରିଶ୍ରମ କରି କରିଥିବା ଚାଷ କାଳେ ପାଣିରେ ପଡ଼ିବ, ସେହି ଆଶଙ୍କାରେ କୃଷକମାନେ ଏବେ ରାତିର ନିଦ ହଜିଯାଇଛି।

ପ୍ରକୃତିର ଏହି ଅନିଶ୍ଚିତତା ଏବଂ ଆକାଶର ପରିବର୍ତ୍ତିତ ରୂପକୁ ଦୃଷ୍ଟିରେ ରଖି ସ୍ଥାନୀୟ ବୁଦ୍ଧିଜୀବୀ ଓ ଚାଷୀମାନେ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। କୌଣସି ବି ପରିସ୍ଥିତିର ମୁକାବିଲା ପାଇଁ କୃଷି ବିଭାଗ ପକ୍ଷରୁ ସଚେତନତା ସୃଷ୍ଟି କରାଯିବା ସହ ଚାଷୀମାନଙ୍କୁ ସମୟୋଚିତ ପରାମର୍ଶ ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ନବରଙ୍ଗପୁର, ଡେଙ୍ଗୁଳିଖୁଣ୍ଟି, ୨୬।୧୦ (ସଂଚାର ବ୍ୟୁରୋ): ଆଜି ଡେଙ୍ଗୁଳିଖୁଣ୍ଟି ବ୍ଲକ ସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଠାରେ ନବରଙ୍ଗପୁର ଜିଲ୍ଲାପାଳ ଶ୍ରୀମତୀ ମଧୁସ୍ମିତା ଏବଂ ଆରକ୍ଷୀ ଅଧୀକ୍ଷକ କଶ୍ୟପ ପାର୍ଥ ଜଗଦୀଶ ଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ତଥାଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ ମିଶ୍ର,ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମୀରା ନାୟକ,ବି ଡି ଓ ମନୋଜ କୁମାର ପାଣିଗ୍ରାହୀ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଜନ ଶୁଣାଣି ଶିବିରରେ ମୋଟ ଅଭିଯୋଗ ୩୮ ଆସିଥିଲା । ସେଥିମଧ୍ୟରୁ ୧୧ ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୨୭ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ବନ୍ଧିତ ଥିଲା।ସମସ୍ୟା ଗୁଡିକ ମଧ୍ୟରୁ ପୂଜାରୀ ଗୁଡା ଠାରୁ ଅଞ୍ଚଳଗୁମ୍ଭା, ଡେଙ୍ଗୁଳିଖୁଣ୍ଟି ଠାରେ ସ୍ଥାୟୀ ବସ୍ ଷ୍ଟାଣ୍ଡ, ମୁଣ୍ଡାଗୁଡା କୁ ରାସ୍ତା ନିର୍ମାଣ କୁ ସ୍ଥାନୀୟ ବାସିନ୍ଦା ବିରୋଧ,ମଦ ବ

ଲୋକଙ୍କ ଆବଶ୍ୟକତା ପୂରଣ ପ୍ରାଥମିକତା: ଅପରାଜିତା

ଲୋକାର୍ପିତ ହେଲା ଓମ୍ ବିହାରର ରାସ୍ତା ଓ ଡ୍ରେନ୍

ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ଭୁବନେଶ୍ୱରର ଜନସାଧାରଣଙ୍କ ଆବଶ୍ୟକତା ପୂରଣ ମୋର ପ୍ରଥମ ପ୍ରାଥମିକତା। ଜନସେବା ହିଁ ଆମର ସଂକଳ୍ପ, ଜନସାଧାରଣଙ୍କ ସନ୍ତୋଷ ହିଁ ଆମର ସଫଳତା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନର ଉଚିତ ବ୍ୟବସ୍ଥା ସହ ପାନୀୟ ଜଳ, ବିଜୁଳି ଯୋଗାଣ ଇତ୍ୟାଦିକୁ ନେଇ ସବୁବେଳେ କାର୍ଯ୍ୟ ଚାଲିଥିବା ବେଳେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାର ଉନ୍ନତି ପାଇଁ ମଧ୍ୟ ସ୍ୱେରେଜ୍ ଓ ଡ୍ରେନେଜ୍ କାର୍ଯ୍ୟ ଆବଶ୍ୟକତା ମୁତାବକ ଜାରି ରହିଛି ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତ ଷଡ଼ଙ୍ଗୀ। ଏହି କ୍ରମରେ ଆଉ ଏକ ପଦକ୍ଷେପ ସ୍ୱରୂପ ଆଜି ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଣୀବିହାର ମଣ୍ଡଳର ୧୦ ନମ୍ବର ୱାର୍ଡର ଓମ୍ ବିହାର ଅଞ୍ଚଳରେ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟର ଲୋକାର୍ପଣ କରାଯାଇଛି। ପାଖାପାଖି ୮୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ଏହି ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ଜୀବନ ଧାରଣର ମାନ ବୃଦ୍ଧି କରିବାରେ ବେଶ୍ ସହାୟକ ହେବ। ଗତ ୨୦୨୫ ଫେବ୍ରୁଆରୀରେ ସ୍ଥାନୀୟ ଜନସାଧାରଣ ଓମ୍ ବିହାର ଅଞ୍ଚଳର ରାସ୍ତା ଓ ଡ୍ରେନ୍ ସମସ୍ୟା ସମ୍ପର୍କରେ ଭୁବନେଶ୍ୱର ସାଂସଦଙ୍କୁ ଅବଗତ କରାଇଥିଲେ। ଲୋକଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ଯୋଗାଯୋଗ, ସମନ୍ୱୟ ଓ ଅକ୍ଲାନ୍ତ ପ୍ରୟାସ ଫଳରେ ଆଜି ଏହି କାର୍ଯ୍ୟ ସଫଳ ରୂପ ନେଇପାରିଛି ବୋଲି କହିଛନ୍ତି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ।

ଏହି ଅବସରରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅଭୂତପୂର୍ବ ଆନନ୍ଦ ଓ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସମସ୍ତେ ସାଂସଦଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିବା ବେଳେ ଜନସାଧାରଣଙ୍କ ମୁହଁରେ ହସ ଓ ସେମାନଙ୍କ ଜୀବନରେ ସୁବିଧା ଆଣିବା ହିଁ ଆମର ପ୍ରକୃତ ସଫଳତା ବୋଲି କହି ସାଂସଦ ଖୁସି ବ୍ୟକ୍ତ କରିଥିଲେ। ଏଥିସହ ଏହି କାର୍ଯ୍ୟକୁ ସଫଳ କରିବାରେ ସହଯୋଗ କରିଥିବା ସମସ୍ତ ଜନସାଧାରଣ ଓ ନେତୃବୃନ୍ଦଙ୍କୁ ଅନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ସାଂସଦ।

ବନ୍ୟପ୍ରାଣୀ ଶିକାର ଅଭିଯୋଗରେ ୩ ଗିରଫ

● ଗୁରାଣ୍ଠି ମୃତଦେହ ସହ ସାମଗ୍ରୀ ଜବତ

ତୁମୁଡ଼ିବନ୍ଧ,୨୬।୧୦(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡ ଅନ୍ତର୍ଗତ ବେଲଘର ବନାଞ୍ଚଳରେ ବନ୍ୟପ୍ରାଣୀ ଶିକାର ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ଏକ ଗୁରାଣ୍ଠି ହରିଣର ମୃତଦେହ ସମେତ ଶିକାରରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ ହୋଇଥିବା ଜଣାପଡ଼ିଛି। ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଗିରଫ ଅଭିଯୁକ୍ତମାନେ ହେଲେ ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅନ୍ତର୍ଗତ ମାଲିମୁଣ୍ଡା ଗ୍ରାମର ମନସାଇ ବାଡା ବୟସ (୬୬), ମକର ସୁନା (୩୧) ଓ ଡାକପୋଥା ଗ୍ରାମର ଗଙ୍ଗାଧର ବାଘ (୩୨)। ଏହି ଘଟଣାରେ ବନ ବିଭାଗ ପକ୍ଷରୁ ଗୋଟିଏ ମୂଷା ପ୍ରଜାତିର ହରିଣର ମୃତଦେହ, ଗୋଟିଏ ବାଉଁଶ ଖୁଣ୍ଟ, ୧୩ଟି ବାଉଁଶ କୀଳା, ଦୁଇଟି ହେଡ୍ ଟର୍ଚ୍ଚ ଓ ୨୧୫ ମିଟରର ଜିଆଇ ତାର ଜବତ କରାଯାଇଛି। ଏହି ଘଟଣାକୁ ନେଇ ବନ ବିଭାଗ ପକ୍ଷରୁ ବନ୍ୟପ୍ରାଣୀ ସୁରକ୍ଷା ଆଇନ, ୧୯୭୨ର ବିଭିନ୍ନ ଧାରା ଅନୁଯାୟୀ ଓଆର କେଶ୍ ନମ୍ବର-୩୨/୨୦୨୬-୨୭ ରୁଜୁ କରାଯାଇଛି। ମାମଲାଟି ଆଇନ ଅନୁଯାୟୀ ଦଣ୍ଡନୀୟ ହୋଇଥିବାରୁ ଗିରଫ ୩ ଆସାମୀଙ୍କୁ ତୁମୁଡ଼ିବନ୍ଧ କୋର୍ଟ ଚାଲାଣ କରାଯିବା ପରେ ସେମାନଙ୍କୁ ବାଲିଗୁଡ଼ା କାରାଗାରକୁ ପଠାଇ ଦିଆଯାଇଛି। ଏଥିସହ ଏହାର ପରବର୍ତ୍ତୀ ତଦନ୍ତ ଓ ଆଇନଗତ ପ୍ରକ୍ରିୟା ଜାରି ରହିବ ବୋଲି ବେଲଘର ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି।

ପୁଲିସ ହେପାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ

■ ପ୍ରତିବାଦରେ ଥାନାରେ ଉତ୍ତେଜନା

ମାଲକାନଗିରି,୨୬।୧୦(ସଂଚାର ବ୍ୟୁରୋ): ହରିୟାଣା ପୁଲିସ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଏମ୍ଭି-୬୫ ଗ୍ରାମର ଯୁବକ ତନୁପ ଦେ(୨୪)ଙ୍କୁ ହେପାଜତକୁ ନେଇଥିଲା। ତେବେ କିଛି ସମୟ ପରେ ସ୍ଥାନୀୟ ଏକ ହୋଟେଲରୁ ତନୁପଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ହରିୟାଣା ପୁଲିସ ମାଡ଼ ମାରି ତନୁପଙ୍କୁ ହତ୍ୟା କରିଥିବା ମୃତକଙ୍କ ପରିବାର ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ତନୁପଙ୍କ ପରିବାର ଓ ନିକଟ ସମ୍ପର୍କୀୟ ମାଲକାନଗିରି ଥାନା ଘେରାଉ କରିବା ସହ ରାଜପଥ ୩୨୬ ଅବରୋଧ କରିଥିଲେ।ସୂଚନା ଥାଉକି, ଏମ୍ଭି-୬୫ ଗ୍ରାମର ଯୁବକ ତନୁପଙ୍କୁ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ହରିୟାଣାର ହଂସି ଥାନା ପୁଲିସ ଏମଭି-୧୪ ଗ୍ରାମରୁ ଉଠାଇ ଆଣିଥିଲା। ପରେ ତାଙ୍କୁ ମାଲକାନଗିରି ସହରର ଏକ ହୋଟେଲରେ ରଖାଯାଇଥିଲା। ତେବେ ଆଜି ପୂର୍ବାହ୍ଣରେ ସେହି ହୋଟେଲରୁ ତନୁପଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ଥାନା ଘେରାଉ କରି ହରିୟାଣା ପୁଲିସକୁ ଗିରଫ କରିବା ଏବଂ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥ-୩୨୬ ଅବରୋଧ କରି ପ୍ରତିବାଦ ଜଣାଇଛନ୍ତି। ମୃତକଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ ହରିୟାଣା ପୁଲିସ ତନୁପଙ୍କୁ ମାଡ଼ ମାରି ହତ୍ୟା କରିବା ପରେ ଘଟଣାକୁ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରିଛି। ଅନ୍ୟପକ୍ଷରେ ମାଲକାନଗିରି ପୁଲିସ କହିଛି ଯେ ଘଟଣାର ତଦନ୍ତ ଜାରି ରଖିଛି। ତନୁପଙ୍କ ମୃତ୍ୟୁ ପଛରେ ପ୍ରକୃତ କାରଣ କ'ଣ, ତାହା ତଦନ୍ତ ପରେ ହିଁ ଜଣାପଡ଼ିବ।

'ଅର୍ଣ୍ଣବ'ର ମୁକାବିଲା ପାଇଁ ଶକ୍ତି ବିଭାଗର ପ୍ରସ୍ତୁତି

ପ୍ରତ୍ୟକ୍ଷ ପରିଚାଳନା ପାଇଁ ଆଜିଠୁ କୋରାପୁଟରେ ରହିବେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ଶକ୍ତି ବିଭାଗର ବିପର୍ଯ୍ୟୟ ପ୍ରଶମନ ଓ କାର୍ଯ୍ୟକ୍ଷମ ପ୍ରସ୍ତୁତିର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଛି। ଆଜିଠାରୁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଜରୁରୀକାଳୀନ ସମୟକୁ ଗୁରୁତ୍ୱ ଦେଇ ବିଦ୍ୟୁତ୍ ଗ୍ରୀଡ୍‌ର ସୁରକ୍ଷା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଓ ଶୂନ୍ୟ ଜୀବନହାନି ସୁନିଶ୍ଚିତ କରିବା ପାଇଁ ବୈଠକରେ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ସମୟରେ ପ୍ରତ୍ୟକ୍ଷ ଭାବେ ପରିଚାଳନା ପାଇଁ ଉପମୁଖ୍ୟମନ୍ତ୍ରୀ ନିଜେ କୋରାପୁଟଠାରେ ଉପସ୍ଥିତ ରହି ବାତ୍ୟାର ପ୍ରଭାବ ଉପରେ ନଜର ରଖିବେ ଓ ଦକ୍ଷିଣ ଓଡ଼ିଶାରେ ଜରୁରୀକାଳୀନ କାର୍ଯ୍ୟର ନେତୃତ୍ୱ ନେବେ।

ବିଦ୍ୟୁତ୍ ସେବା ଅବ୍ୟାହତ ରଖିବା ଓ ତୁରନ୍ତ ପୁନରୁଦ୍ଧାର ପାଇଁ ଓପିଟିସିଏଲ ପକ୍ଷରୁ ଏକ ବହୁସ୍ତରୀୟ କମାଣ୍ଡ ନେଟୱାର୍କ ସ୍ଥାପନ କରାଯାଇଛି, ଯେଉଁଥିରେ ଚାନ୍ଦକାଠାରେ ୨୪x୭ ଜରୁରୀକାଳୀନ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ, ନରେନ୍ଦ୍ରପୁରଠାରେ ଜୋନାଲ କଣ୍ଟ୍ରୋଲ ରୁମ୍ ଓ ନରେନ୍ଦ୍ରପୁର, ଛତ୍ରପୁର, ଭଞ୍ଜନଗର, ଜୟନଗର, ମାଲକାନଗିରି, ଥେରୁବାଲି, କେସିଙ୍ଗା, ସମଙ୍ଗରା, ପାରାଦୀପ, ଭଦ୍ରକ ଓ ବାଲେଶ୍ୱର ଭଳି ୧୧ଟି ସମ୍ବେଦନଶୀଳ ସ୍ଥାନରେ ଫିଲ୍ଡ କଣ୍ଟ୍ରୋଲ ସେଣ୍ଟର କାର୍ଯ୍ୟକ୍ଷମ ହୋଇଛି। ସମସ୍ତ କମାଣ୍ଡ ୟୁନିଟ୍‌ରେ ଜରୁରୀକାଳୀନ ଡ୍ୟୁଟି ରୋଷ୍ଟର, ଯୋଗାଯୋଗ ବ୍ୟବସ୍ଥା, ବ୍ୟାକଅପ୍ ଡିଜେଲ ଜେନେରେଟର ଓ ଡିସି ପାୱାର ସିଷ୍ଟମ୍ ପ୍ରସ୍ତୁତ ରଖାଯିବା ସହ ୮୩ ସେଟ୍ ଜରୁରୀକାଳୀନ ଟାୱାର, ୧,୧୧୫ କିଲୋମିଟର ଦୀର୍ଘ କଣ୍ଡକ୍ଟର ଓ ୯,୧୫୭ଟି ହାର୍ଡୱେର୍ ଫିଟିଂ ସେଟ୍ ବିଭିନ୍ନ ଡିପୋରେ ଆଗୁଆ ମହଜୁଦ ରଖାଯାଇଛି। ପାଣିପାଗ କୋହଳ ହେବା ମାତ୍ରେ ଶକ୍ତି ଭିତ୍ତିଭୂମିର ତୁରନ୍ତ ପୁନରୁଦ୍ଧାର କରାଯିବ ଓ ଏଥିରେ ହସପିଟାଲ, ବିଦ୍ୟାଳୟ ଓ ବାତ୍ୟା ଆଶ୍ରୟସ୍ଥଳୀ ଭଳି ଜରୁରୀକାଳୀନ ସେବାକୁ ପ୍ରାଥମିକତା ଦିଆଯିବ। ଗ୍ରାହକମାନଙ୍କୁ ବିଦ୍ୟୁତ୍ ସେବା ସ୍ୱାଭାବିକ ହେବାର ଆକଳନ ସମୟ ସମ୍ପର୍କରେ ସ୍ୱୟଂଚାଳିତ ଏସଏମଏସ ମାଧ୍ୟମରେ ଜଣାଯିବ। ଟିପିସିଓଡିଏଲ ପାଇଁ ବ୍ରହ୍ମପୁର, ଆମ୍ବଗଡ଼ଠାରେ କେନ୍ଦ୍ରୀୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଥିବା ବେଳେ ଗ୍ରାହକମାନେ ୯୧୨୪୨୯୩୩୧୪ କିମ୍ବା ଟୋଲ୍ ଫ୍ରି' ନମ୍ବର ୧୯୧୨/୧୮୦୦୨୦୨୬ରେ ସମସ୍ୟା ସମ୍ପର୍କରେ ଜଣାଇପାରିବେ।

ସଂକଳ୍ପ ଖୋଲୁଛି ସୁଯୋଗର ଦ୍ୱାର

ମହିଳାଙ୍କ ହାତରେ ନୂଆ ଭବିଷ୍ୟତର ଷ୍ଟିଅରିଂ

ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ମହିଳାଙ୍କ ପାଇଁ ସୁଯୋଗର ଦ୍ୱାର ଖୋଲୁଥିବା ଜଣେ ପ୍ରଶାସକ ଓ ସେହି ସୁଯୋଗକୁ ଆପଣାଇ ଆଗକୁ ବଢ଼ିବାର ସାହସ ଦେଖାଇଥିବା ଜଣେ ମହିଳା। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଓ କେନ୍ଦୁଝର ଜିଲ୍ଲାର ଶୁଭଲକ୍ଷ୍ମୀ ମହାନନ୍ଦଙ୍କ ମଧ୍ୟରେ ସାକ୍ଷାତ କେବଳ ଏକ ଫଟୋଚିତ୍ରରେ ସୀମିତ ନୁହେଁ; ଏହା ଓଡ଼ିଶାର ପରିବହନ କ୍ଷେତ୍ରରେ ମହିଳା ସଶକ୍ତିକରଣ ଓ ପରିବର୍ତ୍ତନର ଏକ ପ୍ରେରଣାଦାୟକ ଚିତ୍ର। ଓଡ଼ିଶାର ପ୍ରଥମ ମହିଳା ଇଲେକ୍ଟ୍ରିକ୍ ବସ୍ ଚାଳିକା ଭାବେ ପରିଚିତ ଶୁଭଲକ୍ଷ୍ମୀଙ୍କ ଯାତ୍ରା ପ୍ରତିଷ୍ଠାନଗତ ସଂକଳ୍ପ ଓ ବ୍ୟକ୍ତିଗତ ସାହସର ଏକ ଉତ୍କୃଷ୍ଟ ଉଦାହରଣ। ଉପଯୁକ୍ତ ନୀତି, ପ୍ରଶିକ୍ଷଣ ଓ ନିରନ୍ତର ସହଯୋଗ ମାଧ୍ୟମରେ ମହିଳାମାନେ କିପରି ପାରମ୍ପରିକ ଧାରଣାକୁ ଅତିକ୍ରମ କରି ନୂଆ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିପାରନ୍ତି, ତାହା ତାଙ୍କ ଅଭିଜ୍ଞତାରୁ ସ୍ପଷ୍ଟ ହୁଏ।

ଭୁବନେଶ୍ୱରରେ ଆୟୋଜିତ ୧୯ତମ ଅର୍ବାନ୍ ମୋବିଲିଟି ଇଣ୍ଡିଆ ସମ୍ମିଳନୀ ଓ ପ୍ରଦର୍ଶନୀ ଏବଂ ଦ୍ୱିତୀୟ ଜାତୀୟ ସହରାଞ୍ଚଳ ସମ୍ମିଳନୀର ପରିପ୍ରେକ୍ଷୀରେ ଏହି ସାକ୍ଷାତର ବିଶେଷ ଗୁରୁତ୍ୱ ରହିଛି। ପୂର୍ବ ଭାରତରେ ପ୍ରଥମ ଥର ପାଇଁ ୟୁଏମ୍‌ଆଇ ଆୟୋଜନ କରି ଓଡ଼ିଶା ସୁଗମ ପରିବହନ, ସମାବେଶୀ ବିକାଶ ଓ ବାସଯୋଗ୍ୟ ସହର ଗଠନ ପ୍ରତି ନିଜର ପ୍ରତିବଦ୍ଧତାକୁ ଜାତୀୟ ସ୍ତରରେ ପ୍ରଦର୍ଶନ କରିଛି। କେନ୍ଦୁଝରରୁ ଆସି

'ଆମ ବସ୍'ର ଚାଳକ ଆସନରେ ବସିବା ପର୍ଯ୍ୟନ୍ତ ଶୁଭଲକ୍ଷ୍ମୀଙ୍କ ଯାତ୍ରା ଅନେକ ଯୁବତୀଙ୍କ ପାଇଁ ପ୍ରେରଣା। ଯେଉଁ ବୃତ୍ତି ଏକଦା ମହିଳାଙ୍କ ପାଇଁ ଅସାଧାରଣ ବୋଲି ବିବେଚିତ ହେଉଥିଲା, ଆଜି ତାହା ଏକ ସମ୍ଭାବ୍ୟ କ୍ୟାରିୟର ଭାବେ ଉଭା ହେଉଛି। ତାଙ୍କର ପ୍ରତ୍ୟେକ ଯାତ୍ରା ଏହି ବାର୍ତ୍ତା ଦେଉଛି ଯେ ମହିଳାମାନେ ସାର୍ବଜନୀନ ପରିବହନ ଭଳି ଗୁରୁତ୍ୱପୂର୍ଣ୍ଣ ସେବା କ୍ଷେତ୍ରରେ ମଧ୍ୟ ନେତୃତ୍ୱ ନେବା ସହ ନିଜର ଦକ୍ଷତା ପ୍ରମାଣ କରିପାରିବେ।

ସ୍ୱାସ୍ଥ୍ୟ ଅଧିକାରୀଙ୍କ ଛୁଟି ବାତିଲ୍

ଜିଲ୍ଲା ସ୍ତରରେ ସ୍ୱାସ୍ଥ୍ୟସେବାକୁ ସଜାଗ ରଖିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତିକୁ ଆଜି ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ତଥା କମିଶନର ଅଶ୍ୱତୀ ଏସ. ସମୀକ୍ଷା କରିଛନ୍ତି। ଏହି ବୈଠକରେ ଶାସନ ସଚିବ ବିଭାଗର ବରିଷ୍ଠ ଅଧିକାରୀ ଓ ଆଭାସୀ ମାଧ୍ୟମରେ ସମ୍ପୃକ୍ତ ଜିଲ୍ଲାମାନଙ୍କର ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ସଚିବ ବନ୍ୟା ପ୍ରଭାବିତ ଅଞ୍ଚଳରେ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ସହ ଅତ୍ୟାବଶ୍ୟକ ଔଷଧ ଓ ଚିକିତ୍ସା ସାମଗ୍ରୀ ହାଲୋଜେନ ବତିକା, ବ୍ଲିଚିଙ୍ଗ ପାଉଡ଼ର ପର୍ଯ୍ୟାପ୍ତ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ପ୍ରଭାବିତ ଓ ଦୁର୍ଗମ ଅଞ୍ଚଳରେ ତ୍ୱରିତ ପ୍ରତିକ୍ରିୟା ଟିମ୍ (ଆରଆରଟି) ଓ ମୋବାଇଲ୍ ହେଲ୍‌ଥ ୟୁନିଟ୍ ମାଧ୍ୟମରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚିଲିଫ କେନ୍ଦ୍ରଗୁଡ଼ିକରେ ପାନୀୟ ଜଳ, ସ୍ୱଚ୍ଛତା ବ୍ୟବସ୍ଥା ଓ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ଗର୍ଭବତୀ ମହିଳା, ଶିଶୁ, ବୟସ୍କ ବର୍ଗଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଅଧିକାରୀଙ୍କ ଛୁଟି ବାତିଲ କରାଯିବା ସହ ରାଜ୍ୟ ଓ ଜିଲ୍ଲା ସ୍ତରରେ କଣ୍ଟ୍ରୋଲ ରୁମ କାର୍ଯ୍ୟକ୍ଷମ କରାଯାଇଛି।

ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଶୃଙ୍ଖଳ ବଜାୟ ରଖିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ରାଜ୍ୟରେ ସମ୍ଭାବ୍ୟ ବାତ୍ୟା ପ୍ରଭାବକୁ ଦୃଷ୍ଟିରେ ରଖି ଖାଉଟିମାନଙ୍କ ସୁବିଧା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଶୃଙ୍ଖଳକୁ ଅବ୍ୟାହତ ରଖିବାକୁ ରାଜ୍ୟ ସରକାର ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି । ଖାଉଟିମାନଙ୍କ ନିକଟରେ ସୁଲଭ ମୂଲ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବା ବ୍ୟବସ୍ଥାର ସୁନିଶ୍ଚିତ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି । ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏନେଇ ନିର୍ଦ୍ଦେଶ ଜାରି କରିଛନ୍ତି । ଏଥିସହ କଳାବଜାରୀ ତଥା ଅସାଧୁ ବ୍ୟବସାୟୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଭାଗର କ୍ଷେତ୍ର ଅଧିକାରୀଙ୍କୁ କୁହାଯାଇଛି ।

ମିଳିଥିବା ତଥ୍ୟ ଅନୁଯାୟୀ, ବର୍ତ୍ତମାନ ରାଜ୍ୟର ପ୍ରମୁଖ ବଜାରଗୁଡ଼ିକରେ ବିଭିନ୍ନ କିସମର ଡାଲି, ଖାଇବା ତେଲ, ଚିନି, ଆଳୁ ଓ ପିଆଜର ମୂଲ୍ୟ ଗତ ସପ୍ତାହ ତୁଳନାରେ ପ୍ରାୟତଃ ସ୍ଥିର ରହିଥିବା ବେଳେ ବିଭାଗର କ୍ଷେତ୍ର ଅଧିକାରୀମାନେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର କ୍ରୟ ଓ ବିକ୍ରୟ ମୂଲ୍ୟ ପ୍ରତ୍ୟହ ଯାଞ୍ଚ କରୁଛନ୍ତି । ସେହିପରି ସ୍ଥାନୀୟ ଉତ୍ପାଦିତ ପନିପରିବା ବଜାରକୁ ଆସିଲେ ପରିବା ମୂଲ୍ୟରେ ଆଗାମୀ ଦିନରେ ହ୍ରାସ ଘଟିବ । ଯଦି ଅତ୍ୟାବଶ୍ୟକ ସାମଗ୍ରୀର କାଳବଜାରୀ ତଥା ମୁନାଫାଖୋର କାର୍ଯ୍ୟ କୌଣସି ସ୍ଥାନରେ ପରିଲକ୍ଷିତ ହୁଏ ତେବେ ସ୍ଥାନୀୟ ମୁଖ୍ୟ ଯୋଗାଣ ଅଧିକାରୀ କିମ୍ବା ଯୋଗାଣ ଅଧିକାରୀଙ୍କ ନଜରକୁ ତୁରନ୍ତ ଆଣିବା ପାଇଁ ଜନସାଧାରଣମାନଙ୍କୁ ପରାମର୍ଶ ଦିଆଯାଇଛି।

ମହାକାର୍ତ୍ତିକ ବ୍ରତ ଆରମ୍ଭ: ପୁରୀରେ ହବିଷ୍ୟାଳୀଙ୍କ ଭିଡ଼



ପୁରୀ,୨୬।୧୦(ସଂଚାର ବ୍ୟୁରୋ): ପୁଣ୍ୟର ମାସ କାର୍ତ୍ତିକ ଆରମ୍ଭ ହୋଇସାରିଥିବା ବେଳେ ଏଥିପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର। କାର୍ତ୍ତିକ ବ୍ରତ ପାଳନ ପାଇଁ ଏବେ ଶ୍ରୀକ୍ଷେତ୍ରରେ ଜମିଛି ହବିଷ୍ୟାଳୀଙ୍କ ପ୍ରବଳ ଭିଡ଼। ପୁରୀକୁ ଆସିଥିବା ହବିଷ୍ୟାଳୀମାନେ ଆଜି ସକାଳୁ ସଂକଳ୍ପ ନେବା ପରେ କାର୍ତ୍ତିକ ବ୍ରତ ଆରମ୍ଭ କରିଛନ୍ତି। ପ୍ରାତଃ ସମୟରୁ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ କରିବା ପରେ ହବିଷ୍ୟାଳୀମାନେ ଚଉଁରା ନିକଟରେ ରାଧାଦାମୋଦର ପୂଜା କରିଛନ୍ତି। ପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ରାଧାଦାମୋଦର ବେଶ୍ ଦର୍ଶନ କରି ନିଜକୁ ଭାଗ୍ୟବାନ ମନେ କରିଛନ୍ତି।

ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ହୋଇଥିବା ମୋଟ ୩ଟି ହବିଷ୍ୟାଳୀ ଶିବିରରେ ଦୁଇ ହଜାର ଚାରିଶହ ହବିଷ୍ୟାଳୀଙ୍କୁ ରଖିବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ଜଗନ୍ନାଥ ଦର୍ଶନ ସହ ମହାପ୍ରସାଦ ସେବନ ଓ ସୁବି

ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୭,୪୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୫,୧୪୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୭,୪୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୫,୧୪୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୭,୪୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୫,୧୪୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୭,୫୮୦ ଟଙ୍କା ଓ ୨୨ କ୍ୟାରଟେ ୧,୩୫,୨୯୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୭,୪୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୧୪୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୭,୪୩୦ ଓ ୨୨ କ୍ୟାରେଟ ମୂଲ୍ୟ ଦର ୧,୩୫,୧୪୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୨୯,୯୦୦ ଟଙ୍କା ହୋଇଛି ।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

ଘରୋଇ ପୁଞ୍ଜି ବ୍ୟୟ ୯୯.୭ ଲକ୍ଷ କୋଟିକୁ ବୃଦ୍ଧି

ନୂଆଦିଲ୍ଲୀ, ୨୬।୧୦: ଚଳିତ ବର୍ଷ ଦେଶର ଘରୋଇ ପୁଞ୍ଜି ନିବେଶ ପାଇପ୍ ଲାଇନ ୩୯% ବୃଦ୍ଧି ହୋଇ ୯୯.୭ ଲକ୍ଷ କୋଟି ଛୁଇଁଛି। ମାନୁଫାକ୍ଚରିଂ ବା ବିନିର୍ମାଣ କ୍ଷେତ୍ରର ନିବେଶ ମୁଖ୍ୟତଃ ଓଡ଼ିଶା ଏବଂ ମହାରାଷ୍ଟ୍ରରେ କେନ୍ଦ୍ରୀଭୂତ ହୋଇଛି। ସେହିଭଳି ବିଦ୍ୟୁତ କ୍ଷେତ୍ରରେ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ସେବାରେ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ଉତ୍ତରପ୍ରଦେଶରେ କେନ୍ଦ୍ରୀଭୂତ ହୋଇଥିବା ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟ ମୁତାବକ, ୨୦୧୪ ମାର୍ଚ୍ଚ ତୁଳନାରେ ଘରୋଇ ନିବେଶ ପାଇପ୍ଲାଇନ ପ୍ରାୟ ୪.୧ ଗୁଣ ବଢ଼ିଛି। ଗତ ୨ ବର୍ଷ ମଧ୍ୟରେ ଏଥିରେ ୪୬.୪ ଲକ୍ଷ କୋଟି ଟଙ୍କାର ନୂଆ ନିବେଶ ଯୋଡ଼ି ହୋଇଛି। ପ୍ରକଳ୍ପ ସଂଖ୍ୟା ୫୦% ବୃଦ୍ଧି ହୋଇ ୫୩୧୧ରେ ପହଞ୍ଚିଛି। ପ୍ରତି ପ୍ରକଳ୍ପର ହାରାହାରି ଆକାର ୨.୬ ଗୁଣ ବଢ଼ି ୧୮୭୮ କୋଟି ହୋଇଛି।

ବିନିର୍ମାଣ କ୍ଷେତ୍ରରେ ୪୧.୩ ଲକ୍ଷ କୋଟି ଏବଂ ବିଜୁଳି କ୍ଷେତ୍ରରେ ୩୨.୨ ଲକ୍ଷ କୋଟି ଟଙ୍କାର ନିବେଶ ହେଉଛି, ଯାହା ମୋଟ ପାଇପ୍ଲାଇନର ୭୪.୬% ଅଂଶ ହାସଲ କରିଛି। ସେବା କ୍ଷେତ୍ରରେ ଏହି ନିବେଶ ସର୍ବାଧିକ ୩୪୭% ବୃଦ୍ଧି ହୋଇଛି। ସେହିଭଳି ବିଦ୍ୟୁତ ଉତ୍ପାଦ, ଆଇଟି ଏବଂ ଆଇଟି ଭିତ୍ତିକ ସେବା, ଧାତବ ଏବଂ ରସାୟନ ଭଳି ୪ଟି କ୍ଷେତ୍ର ମୋଟ ନିବେଶର ପ୍ରାୟ ୮୦% ଅଂଶ ହାସଲ କରିଛନ୍ତି। ଆଇଟି ଭିତ୍ତିକ ସେବା ଏବଂ ପାରମ୍ପରିକ ବିଦ୍ୟୁତ କେନ୍ଦ୍ର ବାର୍ଷିକ ବୃଦ୍ଧିର ୮୭% ଯୋଗଦାନ ଦେଇଛନ୍ତି। ମୋଟ ପାଇପ୍ଲାଇନର ୨୯% ନିବେଶ ସହ ମହାରାଷ୍ଟ୍ର ଆଗରେ ରହିଛି। ୨୦୧୪ରେ ଏହା ୯% ଥିଲା। ଶୀର୍ଷ ୫ରାଜ୍ୟ ମୋଟ ନିବେଶର ୬୮% ଅଂଶ ହାସଲ କରୁଛନ୍ତି। ଗତ ୨ ବର୍ଷରେ ଯୋଜନାବଦ୍ଧ ନିବେଶର ମୂଲ୍ୟ ୮୬% ବୃଦ୍ଧି ହୋଇଥିବା ବେଳେ ପ୍ରକଳ୍ପ ସଂଖ୍ୟା ମାତ୍ର ୧୮% ବଢ଼ିଛି। ଏହା ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାରେ ବିଳମ୍ବ ସୃଷ୍ଟି କରିପାରେ। ସେହିଭଳି ବିଦ୍ୟୁତ ଉତ୍ପାଦନ ତୁଳନାରେ ସଂଚାରଣ ଭିତ୍ତିଭୂମିରେ ନିବେଶ କମ୍ ରହୁଥିବାରୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାରେ ବାଧା ଉପୁଜିପାରେ। ନିର୍ଦ୍ଦିଷ୍ଟ ରାଜ୍ୟ ଏବଂ ଶିଳ୍ପରେ

ଓଡ଼ିଶା, ମହାରାଷ୍ଟ୍ର ମାନୁଫାକ୍ଚରିଂ ପେଣ୍ଠସ୍ଥଳ

କେନ୍ଦ୍ରୀଭୂତ ହେବା ଏବଂ ବଡ଼ ପ୍ରକଳ୍ପ ଗୁଡିକୁ ଋଣ ସମସ୍ୟାକୁ ନେଇ ଆଶଙ୍କା କରାଯାଇଛି। ଓଡ଼ିଶା କଥା ବିଚାରକୁ ନେଲେ ଶିଳ୍ପ ବିଭାଗ ସୂଚନା ଅନୁସାରେ, ଗତ ଅଢ଼େଇ ବର୍ଷରୁ କମ୍ ସମୟ ମଧ୍ୟରେ ରାଜ୍ୟରେ ପ୍ରାୟ ୨୦୦ଟି ଶିଳ୍ପ ପ୍ରତିଷ୍ଠାନ ସ୍ଥାପନ ହୋଇଛି। ଏଥିରେ ପ୍ରାୟ ୩.୫୨ ଲକ୍ଷ କୋଟି ଟଙ୍କା ନିବେଶ ହୋଇଛି। ରାଜ୍ୟ ୨୨.୫୦ ଲକ୍ଷ କୋଟି ଟଙ୍କାରୁ ଉଦ୍ଧ୍ୱର୍ ନିବେଶ ପ୍ରସ୍ତାବ ପାଇଛି। ଏଥିରୁ ୧୨.୫୦ ଲକ୍ଷ କୋଟି ଟଙ୍କାର ନିବେଶ ଉଚ୍ଚ ସ୍ତରୀୟ ମଞ୍ଜୁରି କର୍ତ୍ତୃପକ୍ଷଙ୍କ ଅନୁମୋଦନ ଲାଭ କରିଛି। ରାଜ୍ୟ ଅର୍ଥନୈତିକ ସର୍ଭେ ମୁତାବକ, ମୋଟ ଜିଭିଏରେ ଶିଳ୍ପ କ୍ଷେତ୍ରର ଅଂଶ ଏବେ ୪୧.୩% ରହିଛି। ବିନିର୍ମାଣ କ୍ଷେତ୍ର ଯୋଗଦାନକୁ ୨୩%ରୁ ୨୦୪୭ ସୁଦ୍ଧା ୩୪%କୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି ଓଡ଼ିଶା। ରାଜ୍ୟର ପ୍ରାକୃତିକ ସମ୍ବଳ, ନିବେଶକ ଅନୁକୂଳ ନୀତି, ଦକ୍ଷ ପ୍ରଶାସନ ଏବଂ ଶିଳ୍ପ ଉପଯୋଗୀ ଶ୍ରମଶକ୍ତି ନିବେଶକଙ୍କୁ ଆକୃଷ୍ଟ କରୁଛି।

ଯାତ୍ରୀଙ୍କୁ ଭଡ଼ା ଓ ଟିକସ ଫେରାଇଥିଲେ ଜିଏସ୍‌ଟି ଫେରିପାଇବେ ବିମାନ କମ୍ପାନୀ

ନୂଆଦିଲ୍ଲୀ,୨୬।୧୦: ବାତିଲ ବିମାନ ଟିକେଟକୁ ନେଇ ଜିଏସ୍‌ଟି ଆପିଲେଟ ଟ୍ରିବ୍ୟୁନାଲ(ଜିଏସ୍‌ଟିଏଟି) ଏ ରାୟ ଦେଇଛନ୍ତି। ଯଦି ବାତିଲ ହୋଇଥିବା ବିମାନ ଟିକେଟ ପାଇଁ ସମ୍ପୃକ୍ତ ଏୟାରଲାଇନ୍ସ ଯାତ୍ରୀଙ୍କୁ ଭଡ଼ା ଓ ଟିକସ ଉଭୟ ଫେରସ୍ତ କରିଥାନ୍ତି ଏବଂ ଏହାକୁ ଉପଯୁକ୍ତ ଦସ୍ତାବିଜ୍ ସ ପ୍ରମାଣ କରିପାରନ୍ତି ତେବେ ବାତିଲ ଟିକେଟ ବାବଦ ପୈଠ କରିଥିବା ଦ୍ରବ୍ୟ ଓ ସେବା କର(ଜିଏସ୍‌ଟି) ରିଫଣ୍ଡ ଦାବି କରିପାରିବେ ବୋଲି ଟ୍ରିବ୍ୟୁନାଲ କହିଛନ୍ତି। ସିଙ୍ଗାପୁର ଏୟାରଲାଇନ୍ସ ଏବଂ କୋଚି ସିଜିଏସଟି କମିଶନର ଓ ସିଇଙ୍କ ମଧ୍ୟରେ ଏ ସମ୍ପର୍କିତ ଏକ ମାମଲା ପରିପ୍ରେକ୍ଷୀରେ ଏହି ରାୟ ଆସିଛି। ସିଙ୍ଗାପୁର ଏୟାରଲାଇନ୍ସ କର୍ତ୍ତୃପକ୍ଷ ବାତିଲ ହୋଇଥିବା ଟିକେଟକୁ ନେଇ ସମ୍ପୃକ୍ତ ଯାତ୍ରୀଙ୍କୁ ସମ୍ପୂର୍ଣ୍ଣ ରାଶି ଫେରାଇବା ସହିତ ଟିକସ ବୋଝ ଅନ୍ୟ କାହା ଉପରେ ଲଦି ଦେଇ ନଥିଲେ। ଏହି ବିଷୟ ଜାଣିବା ପରେ ଏର୍ଣ୍ଣାକୁଲମ ଜିଏସଟି ଆପିଲେଟ ଟ୍ରିବ୍ୟୁନାଲ (ଜିଏସଟିଏଟି) ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦେଇ ସିଙ୍ଗାପୁର ଏୟାରଲାଇନ୍ସର ରିଫଣ୍ଡ କ୍ଲେମ ବାବଦରେ ୨ ସପ୍ତାହ ମଧ୍ୟରେ ସୁଧ ସମେତ ପୂରା ରାଶି ପୈଠ କରିବାକୁ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, କୋଭିଡ୍ କାଳରେ ୨୦୧୯ରୁ ମାର୍ଚ୍ଚ ୨୦୨୧ ମଧ୍ୟରେ କରାଯାଇଥିବା ସିଜିଏସ୍‌ଟି ରିଫଣ୍ଡର ୮ଟି କ୍ଲେମ ସମ୍ପର୍କିତ ମାମଲାରେ ସିଙ୍ଗାପୁର ଏୟାରଲାଇନ୍ସ ପକ୍ଷରୁ ମୋଟ ୪୫.୯୨ ଲକ୍ଷ ଟଙ୍କାର ରିଫଣ୍ଡ ଦାବି କରାଯାଇଥିଲା। କିନ୍ତୁ ଜିଏସଟି ଯୁଗ୍ମ କମିଶନର ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ଏହାପରେ ଏହାକୁ ଚ୍ୟାଲେଞ୍ଜ କରି ସିଙ୍ଗାପୁର ଏୟାରଲାଇନ୍ସ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲା।

ଦେଶର ୪ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଅଂଶଧନ ବିକ୍ରି କରିବେ କେନ୍ଦ୍ର ସରକାର

ନୂଆଦିଲ୍ଲୀ,୨୬।୧୦: ଦେଶର ୪ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ନିଜର ଅଂଶଧନ କମାଇବାକୁ ଯୋଜନା କରୁଛନ୍ତି କେନ୍ଦ୍ର ସରକାର। ବଜାର ନିୟାମକ 'ସେବି' (SEBI)ର ମିନିମମ୍ ପବ୍ଲିକ୍ ଶେୟାରହୋଲ୍ଡିଂ (MPS) ନିୟମ ଅନୁସାରେ ସରକାର ଏହି ୪ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ନିଜର ମାଲିକାନା ବା ଅଂଶଧନ ହ୍ରାସ କରିବେ। ଏହି ପଦକ୍ଷେପ ପରେ ଉକ୍ତ ବ୍ୟାଙ୍କଗୁଡ଼ିକରେ ସାଧାରଣ ଜନତା ଏବଂ ପ୍ରତିଷ୍ଠିତ ନିବେଶକଙ୍କ ପାଇଁ ଅଧିକ ସେୟାର ଉପଲବ୍ଧ ହେବ।

ରିପୋର୍ଟ ଅନୁସାରେ, ସରକାର ଯେଉଁ ୪ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ନିଜର ଅଂଶଧନ କମାଇ ୭୫ ପ୍ରତିଶତକୁ ଆଣିବାକୁ ବିଚାର କରୁଛନ୍ତି, ସେଗୁଡ଼ିକ ହେଲା- ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ। ଏହି ବ୍ୟାଙ୍କରେ ବର୍ତ୍ତମାନ ସରକାରଙ୍କର ପ୍ରାୟ ୮୧.୧୯% ଅଂଶଧନ ରହିଛି। ନିୟମ ପାଳନ ପାଇଁ ଏହାକୁ ୭୫%କୁ ଅଣାଯିବ। ଦ୍ୱିତୀୟରେ ୟୁକୋ ବ୍ୟାଙ୍କ (UCO Bank)। ୟୁକୋ ବ୍ୟାଙ୍କରେ ସରକାରଙ୍କ ପ୍ରାୟ ୯୦.୯୫% ଅଂଶଧନ ରହିଛି। ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ (Punjab & Sind Bank)। ଏହି ବ୍ୟାଙ୍କରେ ସରକାରୀ ଅଂଶଧନ ପ୍ରାୟ ୯୩.୮୫% ରହିଛି। ଚତୁର୍ଥରେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (Indian Overseas Bank)। ଏହି ବ୍ୟାଙ୍କରେ ମଧ୍ୟ ସରକାରଙ୍କ ଭାଗିଦାରୀ ପ୍ରାୟ ୯୨.୪୪% ରହିଛି।

ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (SEBI) ର ନିୟମ ଅନୁଯାୟୀ, କୌଣସି ତାଲିକାଭୁକ୍ତ କମ୍ପାନୀ କିମ୍ବା

ବ୍ୟାଙ୍କରେ ସର୍ବନିମ୍ନ ୨୫ ପ୍ରତିଶତ ସେୟାର ସାଧାରଣ ଜନତା ବା ପବ୍ଲିକ୍ ପାଖରେ ରହିବା ବାଧ୍ୟତାମୂଳକ ଅଟେ। ପୂର୍ବରୁ ସରକାରୀ କମ୍ପାନୀ ଓ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକୁ ଏହି ନିୟମରୁ କିଛି ଅବଧି ପାଇଁ କୋହଳ ବା ଛାଡ଼ ମିଳିଥିଲା। ତେବେ ବଜାରରେ ସ୍ୱଚ୍ଛତା ବୃଦ୍ଧି ଏବଂ ସେୟାର ଫ୍ଲୋଟ୍ ସନ୍ତୁଳିତ କରିବା ପାଇଁ ସରକାର ଏହି ବ୍ୟାଙ୍କଗୁଡ଼ିକରେ ନିଜର ଅଂଶଧନ ହ୍ରାସ କରି ୭୫% ସୀମା ଭିତରକୁ ଆଣିବାକୁ ଲକ୍ଷ୍ୟ ରଖିଛନ୍ତି। ବଜାର ବିଶ୍ଳେଷକଙ୍କ ମତରେ ବଜାରର ସ୍ଥିତିକୁ ଦୃଷ୍ଟିରେ ରଖି ସରକାର ଅଫର୍ ଫର୍ ସେଲ୍ (OFS) ଜରିଆରେ ନିଜର ଅଂଶଧନ ମାର୍କେଟରେ ଖୋଲାବଜାରରେ ବିକ୍ରି କରିପାରନ୍ତି। ନଚେତ୍ କ୍ୱାଲିଫାଏଡ୍ ଇନଷ୍ଟିଚ୍ୟୁସନାଲ୍ ପ୍ଲେସମେଣ୍ଟ (QIP) ମାଧ୍ୟମରେ ବ୍ୟାଙ୍କଗୁଡ଼ିକ ନିଜେ ମଧ୍ୟ ବଜାରରୁ ପାଣ୍ଠି ସଂଗ୍ରହ କରିବା ଦିଗରେ ପଦକ୍ଷେପ ନେଇପାରନ୍ତି। ତେଣୁ ଆଗାମୀ ଦିନରେ ଏହି ବ୍ୟାଙ୍କଗୁଡ଼ିକର ସେୟାର ବଜାର କାରବାର ଏବଂ ନିବେଶକଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ ଭାବେ ବିବେଚନା କରାଯାଉଛି।

ପଶ୍ଚିମ ଏସିଆ ଉତ୍ତେଜନା ଯୋଗୁ ୧୨୦ ଡଲାର ପାଖାପାଖି ହେଲା କ୍ରୁଡ ଅଏଲ୍

ନୂଆଦିଲ୍ଲୀ,୨୬।୧୦: ପଶ୍ଚିମ ଏସିୟାରେ ବଢୁଥିବା ବୈଶ୍ୱିକ ଉତ୍ତେଜନା ଅଶୋଧିତ ତୈଳ ମୂଲ୍ୟରେ ଉଠାପକା ଆସନ୍ତା ସପ୍ତାହରେ ମଧ୍ୟ ଜାରି ରହିବ। ଏଣୁ ଯୋଗାଣ ବାଧିତ ହେବାର ଆଶଙ୍କା ଦେଖାଦେଲାଣି। ଏଥିରେ ଆମେରିକା ଫେଡେରାଲ ରିଜର୍ଭର ମୁଦ୍ରାନୀତି ସମ୍ପର୍କିତ ନିଷ୍ପତ୍ତି ବଜାରର ଆଗାମୀ ଦିଗ ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ବିଶ୍ଳେଷକଙ୍କ ଅନୁସାରେ ବ୍ରେଣ୍ଟ କ୍ରୁଡ ମୂଲ୍ୟ ବ୍ୟାରଲ ପିଛା ୧୧୭ ଡଲାର ପହଞ୍ଚିବା ମଧ୍ୟରେ ନିବେଶକଙ୍କ ନଜର ହର୍ମୁଜ ସମ୍ପର୍କିତ ଘଟଣାକ୍ରମ, ଇନ୍ଧନ ଭିତ୍ତିଭୂମି ଉପରେ ଆକ୍ରମଣ ଆଶଙ୍କା ଓ ଆମେରିକାର ସାପ୍ତାହିକ ଭଣ୍ଡାର ତଥ୍ୟ ଉପରେ ରହିବ। ବିଶ୍ଳେଷକ କହିଛନ୍ତି ଯେ ଆମେରିକା ପେଟ୍ରୋଲିୟମ ସଂସ୍ଥାନ ଓ ଆମେରିକା ଏନର୍ଜୀ ସୂଚନା ପ୍ରଶାସନ ତାଙ୍କ ସାପ୍ତାହିକ ଭଣ୍ଡାର ଅନୁମାନ ଜାରି କରିବେ। ଏହାଛଡା କୁସିଂରେ ଅଶୋଧିତ ତୈଳ ଭଣ୍ଡାର ଓ ୨୭-୨୮ ଅକ୍ଟୋବରରେ ହେବାକୁ ଥିବା ଆମେରିକା ଫେଡେରାଲ ଓପନ ମାର୍କେଟ କମିଟି ବୈଠକ ମଧ୍ୟ ବଜାର ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ହେବ। ରେଲିଗେୟର ବ୍ରୋକିଂର ସିନିୟର ଭାଇସ ପ୍ରେସିଡେଣ୍ଟ(ରିସର୍ଚ୍ଚ) ଅଜିତ ମିଶ୍ର କହିଛନ୍ତି ଯେ ନିକଟ ଅବଧିରେ ମୂଲ୍ୟ ବଢ଼ିକି ରହିବ, ତେବେ ଏହା ଅନେକାଂଶରେ ଖବର ଦ୍ୱାରା ପ୍ରଭାବିତ ହେବ। ଏଣୁ ସେ ବ୍ୟବସାୟୀଙ୍କୁ ମୂଲ୍ୟ ବୃଦ୍ଧି ପଛରେ ନ ଦୌଡିବାକୁ ପରାମର୍ଶ ଦେଇଛନ୍ତି ଓ ପରବର୍ତ୍ତି ଦିଗ ପୁଷ୍ଟି ଲାଗି ବୈଶ୍ୱିକ ଘଟଣାକ୍ରମ, ଫେଡେରାଲ ରିଜର୍ଭର ସଂକେତ ତଥା ସାପ୍ତାହିକ ଭଣ୍ଡାର ତଥ୍ୟ ଉପରେ ନଜର ରଖିବାକୁ କହିଛନ୍ତି। ତେବେ ହର୍ମୁଜ ପ୍ରଣାଳୀ ମଧ୍ୟରେ ଓ ସାଉଦୀ ଆରବ ଆଖପାଖରେ ଆକ୍ରମଣ ବୃଦ୍ଧି ପାଇବା ଯୋଗୁ ବଜାରର ଧ୍ୟାନ ଇନ୍ଧନ ଭିତ୍ତିଭୂମି ଓ ରପ୍ତାନୀ ସୁରକ୍ଷାକୁ ନେଇ ଚିନ୍ତା ଉପରେ ପୁଣି ଥରେ କେନ୍ଦ୍ରିତ ହୋଇଯାଇଛି।

ଚୀନ କମ୍ପାନି ହାତରୁ ଖସୁଛି ସ୍ମାର୍ଟଫୋନ୍ ବଜାର

ନୂଆଦିଲ୍ଲୀ,୨୬।୧୦: ମେମୋରି ଚିପ୍ ଦରରେ ବିଶ୍ୱବ୍ୟାପୀ ହୋଇଥିବା ବୃଦ୍ଧି ଭାରତୀୟ ସ୍ମାର୍ଟଫୋନ୍ ବଜାର ସମୀକରଣକୁ ବଦଳାଇଛି। ବହୁବର୍ଷ ଧରି ଆଧିପତ୍ୟ ବଜାୟ ରଖିଥିବା ଚୀନ କମ୍ପାନିଗୁଡ଼ିକ ହାତରୁ ବଜାର ଧୀରେ ଧୀରେ ଖସୁଛି। ମହଙ୍ଗା ଚିପ ପ୍ରଭାବରେ ଫୋନ୍‌ଗୁଡ଼ିକର ଦାମ୍ ବଢ଼ିଛି। ଫଳରେ ଗ୍ରାହକମାନେ ଚୀନ୍ କମ୍ପାନିର ଫୋନ୍‌ଠାରୁ ଦୂରେଇ ଯାଇ ଅନ୍ୟ ସଂସ୍ଥାର ଫୋନ୍ କିଣିବା ପସନ୍ଦ କରୁଛନ୍ତି। ଏହା ଭାରତୀୟ ବ୍ରାଣ୍ଡଗୁଡ଼ିକ ପାଇଁ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ସୁଯୋଗ ଦେଇଛି। ସୁଲଭ ମୂଲ୍ୟରେ ବହୁ ସୁବିଧାସୁଯୋଗ ଥିବା ଟଚ୍‌ସ୍କ୍ରିନ୍ ସ୍ମାର୍ଟଫୋନ୍ ଉପଲବ୍ଧ କରାଇ ଚୀନ୍ କମ୍ପାନିଗୁଡ଼ିକ ଭାରତୀୟ ବଜାରରେ ନିଜ ସ୍ଥିତିକୁ ବେଶ୍ ଦୃଢ଼ କରିଛନ୍ତି। ବିଶେଷ କରି ଭିଭୋ, ଓପୋ ଓ ଶାଓମି ବଜାରର ଦୁଇ ତୃତୀୟାଂଶ ଅଂଶ ନିଜ କବ୍‌ଜାରେ ରଖିଛନ୍ତି। ଚଳିତ ବର୍ଷ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଏହି ତିନି କମ୍ପାନି ନିଜ ବଜାର ଅଂଶ ହରାଇଛନ୍ତି। ସେମାନଙ୍କ ବଜାର ଅଂଶ ୬୭%କୁ ହ୍ରାସ ପାଇଛି ଯାହା ଗତବର୍ଷ ସେହି ସମୟରେ ୭୫% ଥିଲା। ବର୍ଷକ ଭିତରେ ସେମାନଙ୍କ ହାତରୁ ୭% ବଜାର ଖସିଯାଇଛି। ସେହି ସମୟରେ ଭାରତୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡଗୁଡ଼ିକର ବଜାର ଅଂଶ ୨%ରୁ ବଢ଼ି ୭% ହୋଇଛି। ୨୦୧୮ ପରେ ପ୍ରଥମ ଥର ପାଇଁ ଏଭଳି ଘଟିଛି।

ମେମୋରି ଚିପ୍ ହେଉଛି ସ୍ମାର୍ଟଫୋନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ସେଥିରେ ଡାଟା ଓ ଆପ୍ ରହିଥାଏ ଓ ଏହା ଗୁରୁତ୍ୱପୂର୍ଣ୍ଣ ଷ୍ଟୋରେଜ୍ ପ୍ରଦାନ କରିଥାଏ। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କାର୍ଯ୍ୟକଳାପ ବଢ଼ିବା ପରେ ବିଶ୍ୱବ୍ୟାପୀ ଚିପ୍‌ର ଅଭାବ ପରିଲକ୍ଷିତ ହୋଇଛି ଓ ସେଗୁଡ଼ିକର ଦାମ୍ ଯଥେଷ୍ଟ ବଢ଼ିଯାଇଛି। ଫଳରେ ସୁଲଭ ମୂଲ୍ୟର ଫୋନ୍ ନିର୍ମାଣ କରିବା ଆଉ ସମ୍ଭବ ହେଉନାହିଁ। ଏହା ଚୀନ କମ୍ପାନିଗୁଡ଼ିକ ପାଇଁ ଏକ ଅଜବ ସ୍ଥିତି ସୃଷ୍ଟି କରିଛି। କମ୍ ଦାମ୍‌ରେ ଅଧିକ ସୁବିଧାସୁଯୋଗ ଥିଲା ଚୀନ୍ ସ୍ମାର୍ଟଫୋନ୍‌ଗୁଡ଼ିକର ମୁଖ୍ୟ ଆକର୍ଷଣ। ଯଦି ସେମାନେ ଦର ବଢ଼ାଇବେ ତେବେ ଗ୍ରାହକ ଅନ୍ୟତ୍ର ପଳାଇବେ। ଉତ୍ପାଦନ ଖର୍ଚ୍ଚ ବଢ଼ିଥିବାରୁ ପୂର୍ବଭଳି କମ୍ ଦାମ୍‌ରେ ଫୋନ୍ ବିକ୍ରି କଲେ ଲାଭ କମିଯିବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଚୀନ୍ ସ୍ମାର୍ଟଫୋନ୍ କମ୍ପାନିଗୁଡ଼ିକ ସୁଲଭ ମୂଲ୍ୟର ଫୋନ୍ ଉତ୍ପାଦନ କମ୍ କରି ଦାମୀ ଫୋନ୍ ତିଆରି କରିବା ଉପରେ ଜୋର୍ ଦେଉଛନ୍ତି। ତେବେ ବର୍ତ୍ତମାନର ସ୍ଥିତି ଭାରତୀୟ ବ୍ରାଣ୍ଡଗୁଡ଼ିକୁ ପୁଣି ମୁଣ୍ଡ ଟେକିବାର ସୁଯୋଗ ଦେଇଛି। ଲାଭା ଓ ଏଆଇ+ ଭଳି ଭାରତୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ ସ୍ଥିତିର ଲାଭ ଉଠାଇବାକୁ ଉଦ୍ୟମ କରୁଛନ୍ତି। ତେବେ ବିଶେଷଜ୍ଞମାନେ କହିଛନ୍ତି, ବଜାର ଭାଗ ହାତେଇବାକୁ ହେଲେ

ଥମୁନି ଓଡ଼ପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ବିବାଦ

ମହିଳା ଡାକ୍ତରଙ୍କୁ ନ୍ୟାୟ ଦେବାରେ ବିଫଳ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ

ତଦନ୍ତ ଟିମ୍ ଗଠନକୁ ନେଇ ଉଠିଲା ପ୍ରଶ୍ନ

ନ୍ୟାୟ ନମିଳିଲେ ମହିଳା କମିଶନ ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବେ

ଆନନ୍ଦପୁର, ୨୬।୧୦ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ଶାଳଦେଇ ପଞ୍ଚାୟତର ଓଡ଼ପଡ଼ା ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଦୁଇ ଡାକ୍ତରଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଥମିବାର ନାଁ ନେଉନାହିଁ। ଏବେ ଏହି ଘଟଣାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ତଦନ୍ତ ପ୍ରକ୍ରିୟାକୁ ନେଇ ନୂଆ ବିବାଦ ଦେଖାଦେଇଛି। ଜଣେ ମହିଳା ଡାକ୍ତରଙ୍କ ଅଭିଯୋଗର ସମାଧାନରେ ବିଳମ୍ବ ଏବଂ ତଦନ୍ତକାରୀ ଟିମ୍‌ର ଗଠନ ପ୍ରକ୍ରିୟାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ଓଡ଼ପଡ଼ା ଉପସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଏମ୍‌ବିବିଏସ୍ ଡାକ୍ତର ସ୍ମୃତିରଞ୍ଜନ ସାମଲ ଏବଂ ଆୟୁଷ ଡାକ୍ତର ଇତିଶ୍ରୀ ଦାସଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଛି। ଡାକ୍ତର ଇତିଶ୍ରୀ ଦାସ ତାଙ୍କ ସହକର୍ମୀଙ୍କ ବିରୋଧରେ ଦୁର୍ବ୍ୟବହାର, ଏଲୋପାଥିକ ଔଷଧ ଲେଖିବାକୁ ଚାପ ପ୍ରୟୋଗ ଏବଂ ମାନସିକ ନିର୍ଯାତନା ଭଳି ସଙ୍ଗୀନ ଅଭିଯୋଗ ଆଣିଥିଲେ। ଏନେଇ ସେ ପ୍ରାୟ ପାଞ୍ଚ ମାସ ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିବା କହିଛନ୍ତି। ତେବେ ଦୀର୍ଘ ସମୟ ଧରି ଅଭିଯୋଗର ସମାଧାନ ନହେବାରୁ ସେ ରାମଚନ୍ଦ୍ରପୁର ଥାନାର ଦ୍ୱାରସ୍ଥ ହୋଇଥିଲେ।

ଘଟଣାଟି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରାଯାଇଥିଲା। ମାତ୍ର ଏହି ତଦନ୍ତ ପ୍ରକ୍ରିୟା ନିରପେକ୍ଷ ହୋଇନଥିବା ଏବଂ ଅନ୍ୟ ପକ୍ଷକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ଡାକ୍ତର ଇତିଶ୍ରୀ ଦାସ ଅଭିଯୋଗ କରିଛନ୍ତି। ଏହି ବିବାଦକୁ ଆହୁରି ଗମ୍ଭୀର କରିଛି ତଦନ୍ତକାରୀ ଟିମ୍‌ରେ ତାପସ ରଞ୍ଜନ ଜେନାଙ୍କ ସାମିଲ ହେବା ଘଟଣା। ଡାକ୍ତର ଇତିଶ୍ରୀ ଦାସଙ୍କ ଅଭିଯୋଗ ଅନୁଯାୟୀ, ତାପସ ରଞ୍ଜନ ଜେନାଙ୍କ ବିରୋଧରେ ନକଲି ସାର୍ଟିଫିକେଟ୍ ଦେଇ ଚାକିରି କରିବା ସମ୍ପର୍କିତ ଅଭିଯୋଗ ରହିଛି ଏବଂ ଏହା ସମ୍ପର୍କିତ ମାମଲା ନ୍ୟାୟାଳୟରେ ବିଚାରାଧୀନ ଅଛି। ଏପରି ସ୍ଥିତିରେ ଉକ୍ତ ବ୍ୟକ୍ତିଙ୍କୁ ତଦନ୍ତକାରୀ ଟିମ୍‌ରେ କିଏ ଏବଂ କେଉଁ ଆଧାରରେ ସାମିଲ କଲେ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଜଣେ ମହିଳା ଡାକ୍ତରଙ୍କ ଅଭିଯୋଗର ତଦନ୍ତ କରିବାରେ ତାଙ୍କର ଭୂମିକା କ'ଣ ଥିଲା ? ତଦନ୍ତ ଟିମ୍ ଗଠନ ସମୟରେ ନିରପେକ୍ଷତା ଓ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଇଥିଲା କି ? ଏଭଳି ଅନେକ ପ୍ରଶ୍ନ ଏବେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟପ୍ରଣାଳୀକୁ ନେଇ ସନ୍ଦେହ ସୃଷ୍ଟି କରିଛି।

ଅନ୍ୟପକ୍ଷରେ, ସମ୍ପୃକ୍ତ ପୁରୁଷ ଡାକ୍ତରଙ୍କ ବିରୋଧରେ ଗ୍ରାମବାସୀ ମଧ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଲିଖିତ ଅଭିଯୋଗ ଦେଇଥିବା ଜଣାପଡ଼ିଛି। ତେଣୁ ମହିଳା ଡାକ୍ତରଙ୍କ ଅଭିଯୋଗ ସହ ଗ୍ରାମବାସୀଙ୍କ ଅଭିଯୋଗକୁ ମଧ୍ୟ ଗୁରୁତ୍ୱର ସହ ନେଇ ନିରପେକ୍ଷ ତଦନ୍ତ କରିବାକୁ ଦାବି ହେଉଛି। ଏଥିସହ ତଦନ୍ତକାରୀ ଟିମ୍‌ରେ ସାମିଲ ବ୍ୟକ୍ତିଙ୍କ ଯୋଗ୍ୟତା, ଭୂମିକା ଓ ନିଯୁକ୍ତିର ଆଧାର ସମ୍ପର୍କରେ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦେବାକୁ ମଧ୍ୟ ଦାବି ଉଠିଛି। ପାଞ୍ଚ ମାସ ଧରି ଅଭିଯୋଗ ରହିବା ପରେ ମଧ୍ୟ ଯଦି ସମାଧାନର ସୁଫଳ ମିଳୁନାହିଁ, ତେବେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ନିରବତା ପଛର କାରଣ କ'ଣ ? ମହିଳା ଡାକ୍ତରଙ୍କୁ ନ୍ୟାୟ ଦେବାରେ ବିଭାଗ କାହିଁକି ବିଳମ୍ବ କରୁଛି ? ଏଭଳି ପ୍ରଶ୍ନ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ଡାକ୍ତର ଇତିଶ୍ରୀ ଦାସଙ୍କ କହିବା ଅନୁଯାୟୀ, ତାଙ୍କୁ ନ୍ୟାୟ ନମିଳିଲେ ସେ ମହିଳା କମିଶନ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବେ। ଏବେ ସମସ୍ତଙ୍କ ନଜର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ପରବର୍ତ୍ତୀ ପଦକ୍ଷେପ ଉପରେ।

ଫୁଲବାଣୀ ଡାକ୍ତରଖାନାରେ ମିଳୁନି ଶିଶୁଙ୍କ ଟୀକା

ଫୁଲବାଣୀ, ୨୬।୧୦ (ସଂଚାର ବ୍ୟୁରୋ): ସରକାର ଲୋକଙ୍କୁ ମାଗଣାରେ ଉନ୍ନତସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିବା କହୁଛନ୍ତି । ହେଲେ କନ୍ଧମାଳର ସଦର ମହକୁମା ଫୁଲବାଣୀରେ ଦୁଇ ବର୍ଷ ହେଲା ମେଡିକାଲ୍ କଲେଜ ଖୋଲିଛନ୍ତି ସରକାର । ଶତାଧିକ ଡାକ୍ତର ପ୍ରଫେସରଙ୍କୁ ନିଯୁକ୍ତି ମିଳିଛି । ହେଲେ ନା ସ୍ୱାସ୍ଥ୍ୟ ସେବାରେ ଉନ୍ନତୀ ଘଟିଛି ନା ରୋଗୀ ଙ୍କୁ ଭଲ ଔଷଧ ମିଳୁଛି । ଏପରିକି ନବ ଜନ୍ମିତ ଶିଶୁଙ୍କୁ ବିସିଜି ଟୀକା ମିଳୁନି । ଅଭିଯୋଗ କଲେ ଶୁଣିବାକୁ କେହି ନାହାନ୍ତି। ଟୀକା ଅଛି କି ନାହି ସିଡିଏମ୍‌ଓଙ୍କୁ ଜଣାନାହି | ସେହିପରି ଆଲଟ୍ରା ସାଉଣ୍ଡ କି ସିଟି ସ୍କାନ ନିୟମିତ କରାଯାଉନି | ରୋଗୀ ଅପେକ୍ଷା କରି ଫେରୁଛନ୍ତି ।

ମେଡିକାଲ୍ କଲେଜ ଡାକ୍ତର କଣ କାମ କରୁଛନ୍ତି , ରହୁଛନ୍ତି ନା ନାହିଁ କିଏ ମନିଟ ର୍ କରିବାକୁ ନାହିଁ । ସରକାର ବି ମନିଟରିଙ୍ଗ କମିଟି କରି ତଦାରଖ ପାଇଁ ପଠାଉନାହାନ୍ତି ଫଳରେ ଡାକ୍ତର ମାନେ ମନ୍ ଇଚ୍ଛା ଘରକୁ ଯିବା ଆସିବା କରୁଥିବା ଦେଖାଯାଉଛି । ଏ ନେଇ ବିଜେଡ଼ିସଧାରଣ ସମ୍ପାଦକ ଓ ଆଇନଜୀବି ସତ୍ୟ ନାରାୟଣ ବେହେରା ଟୀକା ସମସ୍ୟା ର ସମାଧାନ ଓ ଟୀକା ମହଜୁଦ ରଖିବା ପାଇଁ ଜିଲ୍ଲାପାଳ, ନିର୍ଦେଶକ ସ୍ୱାସ୍ଥ୍ୟ ବିଭାଗ,ଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଲିଖିତ ଅଭିଯୋଗ କରିଛନ୍ତି। ଜିଲାପାଳ ଏଥି ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ବି ଜେଡି ସଧାରଣ ସମ୍ପାଦକ ଓ ଆଇନଜୀବି ଶ୍ରୀ ବେହେରା ଦାବୀ କରିଛନ୍ତି

ଜିଲ୍ଲା ବିଜେପି ପାର୍ଟି କାର୍ଯ୍ୟାଳୟରେ 'ଗଣତନ୍ତ୍ର ବଞ୍ଚାଅ ଓ ଭିଡ଼ତନ୍ତ୍ର ହଟାଅ' କର୍ମଶାଳା

ମାଲକାନଗିରି, ୨୬।୧୦ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ଭାଜପା ପାର୍ଟି କାର୍ଯ୍ୟାଳୟ ଠାରେ ଆଜି ଗଣତନ୍ତ୍ର ବଞ୍ଚାଅ, ଭିଡ ତନ୍ତ୍ର ହଟାଅ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ୨୨ ଅକ୍ଟୋବାର ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଚାଲିବ।

ବର୍ତ୍ତମାନ କଂଗ୍ରେସ ଏବଂ ବିଭିନ୍ନ ବିରୋଧୀ ଦଳ ନିର୍ବାଚନ ଆୟୋଗ ଓ ବିଜେପି ସରକାର ବିରୋଧରେ ଚାଲିଥିବା ପ୍ରତିବାଦକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରଖିବାକୁ ଘୋଷଣା କରିଛନ୍ତି । ତେବେ ବିଜେପି ପକ୍ଷରୁ ଗଣତନ୍ତ୍ର ବଞ୍ଚାଅ, ଭିଡ ତନ୍ତ୍ର ହଟାଅ ଅଭିଯାନ ମାଧ୍ୟମରେ ସେମାନଙ୍କ ମିଥ୍ୟା ଓ ଭ୍ରମାତ୍ମକ ସୂଚନାର ସିଧାସଳଖ ଜବାବ ଦିଆଯିବ। ସହ ଏହି ଅଭିଯାନରେ ଗଣତନ୍ତ୍ର ବଞ୍ଚାଅ, ଭିଡ ତନ୍ତ୍ର ହଟାଅ ପଦଯାତ୍ରା, ଯୁବ ପିଢ଼ୀକୁ ନେଇ ଗଣତନ୍ତ୍ର ବନାମ ଭିଡତନ୍ତ୍ର, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲୋକତନ୍ତ୍ର ବନାମ ଭିଡତନ୍ତ୍ରକୁ ନେଇ ପ୍ରତିଯୋଗିତା, ସୋସିଆଲ ମିଡିଆ ଯୋଜନା, ବିଶେଷାଙ୍କ ପତ୍ରିକା ଉନ୍ମୋଚନ, ଅନୁପ୍ରବେଶକାରୀଙ୍କୁ ହଟାଅ, ଗଣତନ୍ତ୍ର ବଞ୍ଚାଅକୁ ନେଇ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ନେଇ ଜନସଂପର୍କ କାର୍ଯ୍ୟକ୍ରମ କରାଯିବ ବୋଲି ଆଜି ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ କର୍ମଶାଳାରେ ଜିଲ୍ଲା ବିଜେପି ସଭାପତି ଅଶୋକ ପରିଡା ସୂଚନା ଦେଇଛନ୍ତି ।

ଆଜିର ଏହି କର୍ମଶାଳାରେ ଶିକ୍ଷାବିତ ପ୍ରକାଶ ପଟନାୟକ ଉପସ୍ଥିତ ରହି ବିଦେଶୀ ଶତ୍ରୁ କିଭଳି ଦେଶରେ ସରକାର ଭାଙ୍ଗିବାକୁ ଓ ଅସ୍ଥିର କରିବାକୁ ଚେଷ୍ଟା କରୁଛନ୍ତି ସଂପର୍କରେ ଆଲୋକପାତ କରିଥିଲେ ।

ଫୁଲବାଣୀ ନର୍ସିଂ ଆସୋସିଏସନ୍ ପକ୍ଷରୁ ରକ୍ତଦାନ ଶିବିର

ଫୁଲବାଣୀ, ୨୬।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ନର୍ସିଂ ଆସୋସିଏସନ ପକ୍ଷରୁ ଏକ ରକ୍ତଦାନ ଶିବିରର ଆୟୋଜନ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ଡିଏଚ୍‌ଏଚ୍ କନ୍ଧମାଳରେ କରାଯାଇଥିଲା

ଆସୋସିଏସନର ସଭାପତି ସତ୍ୟଭାମା ବେହେରାଙ୍କ ଅଧକ୍ଷତାରେ ସାଧାରଣ ସମ୍ପାଦକ ଆଶିଷ କୁମାର ଦାସଙ୍କ ସହଯୋଗ ଏବଂ ଅନ୍ୟ ସହଯୋଗୀ ରୀନା ମଞ୍ଜରୀ ସାହୁ, ଜୀନା ରାଣୀ ସିଂ, ଅମ୍ବିକା ପ୍ରଧାନ ଓ ଅନ୍ୟ ସମସ୍ତ ବ୍ଲକର କର୍ମକର୍ତ୍ତାଙ୍କ ମିଳିତ ପ୍ରଚେଷ୍ଟାରେ ଏହି କ୍ୟାମ୍ପ କରାଯାଇଥିଲା

ଏହି କ୍ୟାମ୍ପରେ ଏଡିଏମ୍‌ଓ ଡା. ଅକ୍ଷୟ କୁମାର ସାହୁଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା

ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଜୟଦୀପ ଘୋଷଙ୍କ ସହ ତାଙ୍କ ଟିମ୍‌ର ସହଯୋଗ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହି ଶିବିରରୁ ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।

ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ପାଇଁ ସଜାଗ ଜିଲ୍ଲା ପ୍ରଶାସନ

ସ୍କୁଲ-କଲେଜ ବନ୍ଦ, ଉଦ୍ଧାରକାରୀ ଦଳ ମୁତୟନ

ମାଲକାନଗିରି, ୨୬।୧୦ (ସଂଚାର ବ୍ୟୁରୋ): ଆସୁଥିବା ସମ୍ଭାବ୍ୟ ସାମୁଦ୍ରିକ ଘୂର୍ଣ୍ଣିବାତ୍ୟା ଅର୍ଣ୍ଣବର ସଫଳ ମୁକାବିଲା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଜନସାଧାରଣଙ୍କ ଜୀବନ ଓ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ସମଗ୍ର ଜିଲ୍ଲା ପ୍ରଶାସନକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି। ପ୍ରତ୍ୟେକ ଗ୍ରାମରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ସତର୍କ କରାଯାଉଥିବା ବେଳେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି।

ଏହି ଜରୁରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଆଜି ସୀମାନ୍ତ ଅଞ୍ଚଳ ମୋଟୁ ଗସ୍ତ କରି ବାତ୍ୟା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏହା ସହିତ ସେ ମୋଟୁ, ଗିରକାନପଲ୍ଲୀ ଓ କନ୍ୟାଶ୍ରମଠାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ସ୍ୱୟଂ ବୁଲି ଦେଖିବା ସହ ସେଠାରେ ରହିବା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ତଦାରଖ କରିଛନ୍ତି।

ବିପତ୍ତି ସମୟରେ ଜନସାଧାରଣଙ୍କ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ରକୁ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅକ୍ଟୋବର ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ମଦ ଦୋକାନ ବନ୍ଦ ରହିବ। ସୁରକ୍ଷା ଦୃଷ୍ଟିରୁ ସହର ଓ ଗ୍ରାମାଞ୍ଚଳରେ ଥିବା ସମସ୍ତ ଅସ୍ଥାୟୀ ଟେଣ୍ଟ ଏବଂ ପାଣ୍ଡାଲଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ଜରୁରୀକାଳୀନ ପରିସ୍ଥିତିର ସାମ୍ନା କରିବା ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବଣ୍ଡାଘାଟି ଖଇରପୁଟରୁ ମୁଦୁଲିପଡ଼ା ରାସ୍ତାରେ ଜରୁରୀକାଳୀନ କାର୍ଯ୍ୟାନୁଷ୍ଠାନ ଦଳ ସହ ଜିଲ୍ଲାର ବିଭିନ୍ନ ସଂବେଦନଶୀଳ ସ୍ଥାନରେ ଜାତୀୟ ଓ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳକୁ ମୁତୟନ କରାଯାଇଛି। ସ୍ଥିତି ଉପରେ ପ୍ରତ୍ୟକ୍ଷ ଓ ନିରନ୍ତର ନଜର ରଖିବା ପାଇଁ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ବିଭିନ୍ନ ଅଞ୍ଚଳର ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି, ଯେଉଁଥିରେ ମାଥିଲି ପାଇଁ ଉପ-ଜିଲ୍ଲାପାଳ, ମାଲକାନଗିରି ପାଇଁ ମୁଖ୍ୟ ଉନ୍ନୟନ ଅଧିକାରୀ, କାଲିମେଳା ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଏବଂ ଚିତ୍ରକୋଣ୍ଡା ପାଇଁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଦାୟିତ୍ୱ ସମ୍ଭାଳିବେ।

ବାରଦା ହରିଜନ ସାହିରେ ମରଣାନ୍ତକ ଆକ୍ରମଣ ଅଭିଯୋଗ

ନ୍ୟାୟ ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ସାହିବାସୀ

ଢେଙ୍କାନାଳ, ୨୬।୧୦ (ସଂଚାର ବ୍ୟୁରୋ): ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ବାରଦା ଗ୍ରାମର ହରିଜନ ସାହିବାସୀଙ୍କ ଉପରେ ମରଣାନ୍ତକ ଆକ୍ରମଣ, ଘରଦ୍ୱାର ଭଙ୍ଗାରୁଜା ଏବଂ ଜାତିଗତ ଆକ୍ଷେପ କରାଯାଇଥିବା ନେଇ ସଙ୍ଗିନ ଅଭିଯୋଗ ହୋଇଛି। ଏହି ଘଟଣାରେ ଶିଶୁ ଓ ମହିଳାଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିବା ସାହିବାସୀ ଅଭିଯୋଗ କରିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଆଇନାନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ପୀଡ଼ିତ ପରିବାରଗୁଡ଼ିକୁ ନ୍ୟାୟ ପ୍ରଦାନ ଦାବିରେ ସାହିବାସୀ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ସାହିବାସୀଙ୍କ ଅଭିଯୋଗ ଅନୁଯାୟୀ, ବାରଦା ଗ୍ରାମର ସବର୍ଣ୍ଣ ସମ୍ପ୍ରଦାୟର ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଲୋକ ହରିଜନ ସାହି ଭିତରକୁ ପଶି ଆସିଥିଲେ। ସେମାନଙ୍କ ହାତରେ ବାଡ଼ି, ଠେଙ୍ଗା, ଲୁହାରଡ଼, ଖଣ୍ଡା ଓ ଭୁଜାଲି ଭଳି ମାରଣାସ୍ତ୍ର ଥିବା ଅଭିଯୋଗ ହୋଇଛି। ଏହାପରେ ସାହିବାସୀଙ୍କ ଉପରେ ଅତର୍କିତ ଆକ୍ରମଣ କରାଯିବା ସହ ବ୍ୟାପକ ଭଙ୍ଗାରୁଜା ହୋଇଥିବା ସେମାନେ ଦାବି କରିଛନ୍ତି। ଏହି ଆକ୍ରମଣରେ ଆକାଶ ନାଏକଙ୍କ ଦେଢ଼ ବର୍ଷର ଶିଶୁକୁ ପଥର ମାଡ଼ କରାଯାଇଥିବା ବେଳେ ତାଙ୍କର ମାତ୍ର ଏକ ମାସର ଶିଶୁକନ୍ୟାକୁ ଗୋଇଠା ମାରି ଆଘାତ କରାଯାଇଥିବା, କବିତା ନାଏକଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିବା ସାହିବାସୀ ଜଣାଇଛନ୍ତି। କେବଳ ଆକ୍ରମଣ ନୁହେଁ, ସାହିରେ ବ୍ୟାପକ ସମ୍ପତ୍ତି ନଷ୍ଟ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି।

ସାହିବାସୀଙ୍କ କହିବା ଅନୁଯାୟୀ, ପ୍ରାୟ ୨୦ଟି ବାଇକ୍ ଓ ଗୋଟିଏ ସ୍କୁଟିକୁ ଭଙ୍ଗାରୁଜା କରାଯାଇଛି। ଏଥିସହ ପ୍ରାୟ ୪୦ଟି ଆଜବେଷ୍ଟସ୍ ଘର ନଷ୍ଟ କରାଯିବା ସହ ବୋରୱେଲ୍, ଦୁଇଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଏବଂ ରାସ୍ତାକଡ଼ରେ ଥିବା ଜଳଯୋଗାଣ ପାଇପ୍‌ଗୁଡ଼ିକୁ ଭାଙ୍ଗି ଦିଆଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

ଛଅ ମାସ ହେଲା ଲାଗିଛି, ୬ ଦିନ ଜଳିଲାନି ହାଇମାକ୍ସ ଲାଇଟ୍

ଅନ୍ଧାରରେ ବେଲବଣ ଗାଦିବ୍ରହ୍ମ ପୀଠ ଓ ତିଗିରିଆ ପ୍ରାଥମିକ ବିଦ୍ୟାଳୟ ପରିସର

ସ୍ଥାୟୀ ମରାମତି ଦାବି

ବାଲିକୁଦା, ୨୬।୧୦ (ସଂଚାର ବ୍ୟୁରୋ): ଲକ୍ଷାଧିକ ଟଙ୍କା ବ୍ୟୟରେ ଜନସାଧାରଣଙ୍କ ସୁବିଧା ପାଇଁ ସ୍ଥାପନ ହୋଇଥିବା ହାଇମାକ୍ସ ଲାଇଟ୍ ମାତ୍ର ଛଅ ଦିନ ମଧ୍ୟ ଜଳିପାରିଲା ନାହିଁ। ଏହାରି ମଧ୍ୟରେ ଛଅ ମାସ ବିତିଯାଇଥିବା ସତ୍ତ୍ୱେ ଲାଇଟ୍‌ଟି ଅଚଳ ହୋଇ ପଡ଼ିରହିଛି। ଫଳରେ ରାତିରେ ଅନ୍ଧାରରେ ରହୁଛି ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ସଂଗ୍ରାମପୁର ଗ୍ରାମ ପଞ୍ଚାୟତର ପୁରାତନ ଧାର୍ମିକ ପୀଠ ବେଲବଣ ଗାଦିବ୍ରହ୍ମ ପୀଠ ଓ ତିଗିରିଆ ପ୍ରାଥମିକ ବିଦ୍ୟାଳୟ ପରିସର। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ସଂଗ୍ରାମପୁର ଆଦର୍ଶ ଗ୍ରାମ ପାଣ୍ଠିରୁ ଅର୍ଥ ବ୍ୟୟ ଅଟକଳ କରାଯାଇ ତିଗିରିଆ ପ୍ରାଥମିକ ବିଦ୍ୟାଳୟ ଓ ବେଲବଣ ଗାଦିବ୍ରହ୍ମ ପୀଠର ମଧ୍ୟବର୍ତ୍ତୀ ସ୍ଥାନରେ ଏହି ହାଇମାକ୍ସ ଲାଇଟ୍ ସ୍ଥାପନ କରାଯାଇଥିଲା। ରାତିରେ ଧାର୍ମିକ ପୀଠ ଓ ବିଦ୍ୟାଳୟ ପରିସର ଆଲୋକିତ ହେବା ସହ ପରିବେଶର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ ବୋଲି ଗ୍ରାମବାସୀ ଆଶା ରଖିଥିଲେ। ଏଥିସହ ଅନ୍ଧାରର ସୁଯୋଗ ନେଇ ଅସାମାଜିକ ଯୁବକମାନେ ପୀଠ ଓ ବିଦ୍ୟାଳୟ ପରିସରରେ ଆଡ଼ା ଜମାଇବା ଉପରେ ମଧ୍ୟ ରୋକ୍ ଲାଗିବ ବୋଲି ଆଶା କରାଯାଇଥିଲା। କିନ୍ତୁ ଲାଇଟ୍‌ଟି ଅଚଳ ହୋଇପଡ଼ିବାରୁ ଏବେ ସ

SANCHAR
ସଂଚାର
ମଙ୍ଗଳବାର ୨୭ ଅକ୍ଟୋବର ୨୦୨୬

ସ୍ୱାସ୍ଥ୍ୟ

ଭଲ ନିଦ ମଣିଷକୁ ନିରୋଗ ରଖେ

ରାତିରେ ୭ରୁ ୮ ଘଣ୍ଟା ଭଲ ନିଦ ହୋଇଗଲେ, ପୁରା ଦିନ ଫ୍ରେଶ ଲାଗେ। ଯଦି ନିଦ ନହୁଏ ତେବେ ପୁରା ଦିନଟା ଚିଡଚିଡା ଲାଗେ। କିଛି ଭଲ ଲାଗେ ନାହିଁ। ଲେଟ ନାଇଟ ଯାଏ ଚେଇଁ ରହିବା, ଠିକ ପୋଜିସନରେ ନଶୋଇବା ଭଳି କିଛି ବଦ ଅଭ୍ୟାସ ଯୋଗୁଁ ଆଖିକୁ ଆରାମଦାୟକ ନିଦ ଆସେ ନାହିଁ। ତେଣୁ ଏସବୁକୁ ବଦଳାଇବା ଉଚିତ। ତେବେ କେଉଁ ସବୁ ଅଭ୍ୟାସ ଛାଡିବା ଏବଂ ଆପଣାଇବା ଦ୍ୱାରା ଭଲ ନିଦ ହୁଏ ଆସନ୍ତୁ ଜାଣିବା।

ଶୋଇବା ପୂର୍ବରୁ ଗାଧୋଇବା ଦ୍ୱାରା ଭଲ ନିଦ ହୁଏ। ଏଥିସହ ଡିମ ଲାଇଟ କିମ୍ବା ସ୍ଲୋ ମ୍ୟୁଜିକ ଲଗାଇ ଶୋଇଲେ ମଧ୍ୟ ଭଲ ନିଦ ହୋଇଥାଏ। ତେବେ ଶୋଇବା ପୂର୍ବରୁ ଯଦି ଆପଣଙ୍କ ଗପବା ଅଭ୍ୟାସ ରହିଛି ତା'ହେଲ ତାକୁ ବଦଳାଇ ଦିଅନ୍ତୁ। ଏହାଦ୍ୱାରା ନିଦ ହୋଇନଥାଏ। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଭଲ ନିଦ ମଣିଷକୁ ଦୀର୍ଘ ସମୟ ଯାଏ ସୁସ୍ଥ ରଖିଥାଏ। ପ୍ରତିଦିନ ରାତିରେ ଶୋଇବା ପାଇଁ ଏକ ରୁଟିନ ଟାଇମ ସେଟ୍ କରନ୍ତୁ। ଏକ ନିର୍ଦ୍ଦିଷ୍ଟ ଟାଇମ ସେଟ କରିବା ଦ୍ୱାରା ମସ୍ତିସ୍କ ଆପେ ଆପେ ସେହି ଟାଇମରେ ଶୋଇବା ମୁଡରେ ଆସିଯାଏ ଏବଂ ଶୀଘ୍ର ନିଦ ହୋଇଥାଏ। ତେଣୁ ଗୋଟିଏ ଟାଇମ ସିଡ୍ୟୁଲରେ ହିଁ ଯେତେ ସମ୍ଭବ ଶୋଇବାକୁ ଚେଷ୍ଟା କରନ୍ତୁ। ଏହା ଏକ ଭଲ ଅଭ୍ୟାସ। ଏହାଦ୍ୱାରା ଭଲ ନିଦ ହୋଇଥାଏ। ସୂର୍ଯ୍ୟାଲୋକ କମ ହେବା ଏବଂ ଅନ୍ଧାର ହେବା ଦ୍ୱାରା ଶରୀରରେ ମେଲାଟୋନିନ ଯୁକ୍ତ ରସାୟନିକ ପଦାର୍ଥ ମୁକ୍ତ ହେବାକୁ ଲାଗେ ଏବଂ ଆପେ ଆପେ ଆଖିକୁ ନିଦ ଆସେ। ତେଣୁ ଶୋଇବା ସମୟରେ ବେଡରୁମରେ ଲାଇଟ ବ୍ୟବହାର କରିବା ଉଚିତ ନୁହେଁ। ଶୋଇବା ଘରର ଲାଇଟ ପୁରା ଡିମ ରଖନ୍ତୁ ଏବଂ ଯେତେ ସମ୍ଭବ ମୋବାଇଲ କିମ୍ବା ଲାପଟପ ଭଳି ଗ୍ୟାଜେଟଠୁ ଦୂରେଇ ରୁହନ୍ତୁ। ପରିବେଶ ଶାନ୍ତ ରହିଲେ ମଧ୍ୟ ଭଲ ନିଦ ହୋଇଥାଏ।

ରାତିରେ କମ ଖାଦ୍ୟ ଖାଆନ୍ତୁ। ରାତିରେ ଅଧିକ କିମ୍ବା ମସଲା ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଶରୀରରେ ହଜମ ଶକ୍ତି କାମ କମିଯାଏ। ପାଚନ ପ୍ରଣାଳୀ ରାତିସାରା କାମ କରେ। ଫଳର ଭଲ ନିଦ ହୁଏ ନାହିଁ। ସେହିପରି ରାତିରେ କ୍ୟାଫିନ କିମ୍ବା ନିକୋଟିନ ଯୁକ୍ତ ଖାଦ୍ୟ ଯେପରିକି କଫି କିମ୍ବା ଚା' ପିଅନ୍ତୁ ନାହିଁ। ଏହା ଶରୀରର ଶୋଇବା କ୍ଷମତାରେ ବାଧା ସୃଷ୍ଟି କରିଥାଏ ଏବଂ ଆଖିକୁ ଗଭୀର ନିଦ ଆସେ ନାହିଁ।

ଅଧିକ ଶବ୍ଦ ନିଦର ଗୁଣବତ୍ତା ଖରାପ କରିଥାଏ। ଯାହାଦ୍ୱାରା ଆପଣଙ୍କୁ ଅଧିକ ଥକା ଲାଗିପରେ। ତେଣୁ ଶୋଇବା ପୂର୍ବରୁ ଆପଣ କ'ଣ ଦେଖୁଛନ୍ତି ଏବଂ କ'ଣ ଶୁଣୁଛନ୍ତି ତାହା ମଧ୍ୟ ଗୁରୁତ୍ୱ ରଖେ। ଏକ ଶାନ୍ତ ପରିବେଶ ଏବଂ ଅଳ୍ପ ଶବ୍ଦରେ ମଧୁର ମ୍ୟୁଜିକ ଶୁଣିବା ଦ୍ୱାରା ଆରାମ ମିଳିଥାଏ। ମନ ଶାନ୍ତ ହେବା ସହ ଶୀଘ୍ର ନିଦ ହୋଇଯାଏ।

ବସି ବସି ଶୋଇପଡ଼ିବା ବା କୌଣସି ଯାତ୍ରା ବେଳେ ଶୋଇବା ଅନେକ ଲୋକଙ୍କ ଅଭ୍ୟାସ ରହିଛି। ତେଣୁ ଏଭଳି ଅଭ୍ୟାସକୁ ବଦଳାଇବା ଉଚିତ। ଦିନରେ ଅଧିକାଂଶ ସମୟ ଝୁଲେଇବା ଭଳି ଅଭ୍ୟାସ ଥିଲେ ଏହାକୁ ଶୀଘ୍ର ବଦଳାନ୍ତୁ। ଏହାଦ୍ୱାରା ରାତି ନିଦ୍ରାରେ ବାଧା ସୃଷ୍ଟି ହୋଇଥାଏ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି। ସକାଳୁ ସକାଳୁ ଉତ୍ତମ ଖାଦ୍ୟ ଏବଂ ଭିଟାମିନ ବି-୬ ଏବଂ ୫ରୁ ୧୦ ମିନିଟ ସୂର୍ଯ୍ୟାଲୋକ ଶରୀରର ଅନେକ ରୋଗକୁ ଭଲ କରିଥାଏ। ଏଥିସହ ଭଲ ନିଦ୍ରା କ୍ଷମତାକୁ ବଢ଼ାଇଥାଏ।

ଶୀତଦିନେ ଅଧିକ ସମୟ ଗରମ ପାଣିରେ ଗାଧୋଇବା ମନା

ଶୀତ ଦିନ ଆସିବା ମାତ୍ରେ ଆମ ଶରୀରର ମିଜାଜ ବଦଳିଯାଏ। ଏହି ସମୟରେ ଥଣ୍ଡା, ଜ୍ୱର ବା ଇନ୍‌ଫେକସନ୍ ହେବା ନେଇ ଅଧିକ ଆଶଙ୍କା ରହିଥାଏ। ଏଥିପାଇଁ ଶୀତ ଦିନେ ଲୋକେ ଗରମ ଗରମ ଖାଦ୍ୟ ଖାଇବା, ଗରମ ପୋଷାକ ପିନ୍ଧିବା, ଗରମ କଫି କିମ୍ବା ଚା' ପିଇବା ସହ ଗରମ ପାଣିରେ ଗାଧୋଇବା ପାଇଁ ଭଲ ପା'ନ୍ତି। ତେବେ ଏସବୁ ଆମ ଶରୀର ପାଇଁ କେତେ ଭଲ ଏବଂ କେତେ କ୍ଷତିକାର ହୋଇପାରେ ଜାଣିଛନ୍ତି କି। ଆସନ୍ତୁ ସେ ଉପରେ ନଜର ପକାଇବା।

✪ ଶୀତ ଦିନେ ଅଧିକ ସମୟ ଯାଏଁ ଗରମ ପାଣିରେ ଗାଧୋଇବା ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ। ଏହା ଆମ ଶରୀର ଏବଂ ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଇଥାଏ। ଗରମ ପାଣି ଆମ ତ୍ୱଚାରେ ଥିବା କେରାଟିନ ନାମକ ସେଲ୍‌କୁ ନଷ୍ଟ କରିଦିଏ। ଏହା ଦ୍ୱାରା ତ୍ୱଚାରେ କୁଞ୍ଚେଇ ହେବା, ଶୁଷ୍କ ହୋଇଯିବା ତଥା ଲାଲ ପଡ଼ିଯିବା ଭଳି ସମସ୍ୟା ଦେଖାଦେଇଥାଏ ବିଶେଷଜ୍ଞମାନେ ମତ ଦିଅନ୍ତି।

✪ ଶୀତ ଦିନେ ନିଜକୁ ଗରମ ରଖିବା ଭଲ କଥା, କିନ୍ତୁ ଗରମ ରଖିବା ଚକ୍କରରେ ଅଧିକ ପୋଷାକ ପିନ୍ଧିବା ଉଚିତ ନୁହେଁ। ଏଭଳି କରିବା ଦ୍ୱାରା ଆପଣଙ୍କ ଶରୀର ଓଭର ହିଟିଂର ଶିକାର ହୋଇପାରେ। ଅଧିକ ଗରମ ହେବା ଯୋଗୁଁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ କାମ କରିବା ବନ୍ଦ କରିଦିଏ।

✪ ଶୀତ ଦିନେ ସାଧାରଣତଃ ଅଧିକ ଭୋକ ହୁଏ। ଏଭଳି ସ୍ଥିତିରେ ଲୋକ ନିଜ ସ୍ୱାସ୍ଥ୍ୟ ଚିନ୍ତା ନକରି ଅଧିକ ଖାଦ୍ୟ ଖାଇଥା'ନ୍ତି। ଫାଷ୍ଟଫୁଡ ଖାଦ୍ୟ ପ୍ରତି ମନ ବଳାଇଥାନ୍ତି। ଫଳରେ ଓଜନ ବଢ଼ିବା ସହ ଶରୀରରେ ଅନେକ ରୋଗ ସମସ୍ୟା ମଧ୍ୟ ବଢ଼ିଥାଏ। ତେଣୁ ଶୀତଦିନେ ଭୋକ ହେଲେ ଫଳ କିମ୍ବା ହାଇ ଫାଇବର ଯୁକ୍ତ ପରିବା ଖାଇବା ଉଚିତ।

✪ ଶୀତ ଦିନେ ଶରୀରକୁ ଗରମ ରଖିବା ପାଇଁ ଲୋକେ ଚା' କିମ୍ବା କଫି ପିଇବା ପାଇଁ ପସନ୍ଦ କରନ୍ତି। କନ୍ତୁ ଏଥିରେ ଥିବା କେଫିନ ଶରୀର ପାଇଁ କ୍ଷତିକାରକ ପ୍ରମାଣିତ ହୋଇପାରେ। ତେଣୁ ଶୀତଦିନେ ଅତି ବେଶୀରେ ଦିନରେ ୨ କିମ୍ବା ୩ କପ୍‌ରୁ ଅଧିକ ଚା' କିମ୍ବା କଫି ପିଇବା ଉଚିତ ନୁହେଁ।

✪ ଶୀତ ଦିନେ କମ୍ ଶୋଷ ହୁଏ, ଫଳରେ ଲୋକେ କମ୍ ପାଣି ପିଅନ୍ତି। ପାଣି ନ ପିଇବା ଯୋଗୁଁ ଶରୀରରେ ଡିହାଇଡ୍ରେସନ ସମସ୍ୟା ଦେଖାଦିଏ। ଏହାଦ୍ୱାରା କିଡ୍‌ନୀ ଜନିତ ସମସ୍ୟା ଏବଂ ହଜମ ଶକ୍ତି କମିବାକୁ ଲାଗେ। ପେଟ ଜନିତ ସମସ୍ୟା ଦେଖାଦିଏ। ତେଣୁ ଶୀତଦିନେ ଅଧିକରୁ ଅଧିକ ପାଣି ପିଇବା ଉଚିତ।

କଳା ହଳଦୀ: କ୍ୟାନସର୍ ଓ ଶ୍ୱାସରୋଗ ପାଇଁ ଉପକାରୀ

ଘରେ ହଳଦିଆ ରଙ୍ଗର ହଳଦୀ ଥିବା ଦେଖିଥିବେ କିନ୍ତୁ କେବେ କ'ଣ କଳା ରଙ୍ଗର ହଳଦୀ ବିଷୟରେ ଶୁଣାଇଛନ୍ତି କି। ବେଶ କମ୍ ସ୍ଥାନରେ ହିଁ କଳା ହଳଦୀ ଦେଖିବାକୁ ମିଳେ। ଏହା ସାଧାରଣ ହଳଦୀଠାରୁ ମଧ୍ୟ ଅନେକ ଲଭାଦାୟ। ଆଣ୍ଟିବାୟୋଟିକ ରୂପେ ବ୍ୟବହାର ହେଉଥିବା ଏହି କଳା ହଳଦୀକୁ ବିଭିନ୍ନ ରୋଗର ଉପଚାର ପାଇଁ ବ୍ୟବହାର କରାଯାଏ। ବିଶେଷ କରି ଓଡ଼ିଶା, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଉତ୍ତରପୂର୍ବ ଅଞ୍ଚଳରେ ମିଳୁଥିବା ଏହି ଦୁର୍ଲଭ ହଳଦୀକୁ ବ୍ୟବହାର କରି କ୍ୟାନସର ଏବଂ ଆସ୍ଥମା ଭଳି ରୋଗର ଉପଚାର କରାଯାଇଥାଏ।

➲ ଏହି ହଳଦୀରେ ଇଭୁପ୍ରୋଭିନ ଅଧିକ ମାତ୍ରାରେ ରହିଛି। ଏହାଦ୍ୱାରା ପୁରୁଣା ଅର୍ଥରାଇଟିସ ଯନ୍ତ୍ରଣାକୁ ଭଲ କରାଯାଇପାରେ। କେବଳ ସେତିକି ନୁହେଁ କୁଣ୍ଡେଇ ହେବା, ପେଟ ସମସ୍ୟା, ଅଲସର, କୋଲନ କ୍ୟାନସର, ଫୁସଫୁସ ଜନିତ ରୋଗକୁ ଦୂର କରିବାରେ ମଧ୍ୟ କଳା ହଳଦୀ ବେଶ ସହାୟକ ହୋଇଥାଏ।

➲ ଏହି କଳା ହଳଦୀକୁ ଅନେକ ଔଷଧ ତିଆରି କରିବାରେ ମଧ୍ୟ ବ୍ୟବହାର କରାଯାଏ। ଆସ୍ଥମା, କ୍ୟାନସର, ଜ୍ୱର, ବ୍ରଣ, ଆଲର୍ଜି, ମାଇଗ୍ରେସନ, ଲେପ୍ରୋସି ଭଳି ରୋଗର ଉପଚାର ପାଇଁ ତଆରି କରାଯାଉଥିବା ମେଡିସିନରେ ଏହି ହଳଦୀର ବ୍ୟବହାର ହୁଏ।

➲ କଳା ହଳଦୀର ପତ୍ରକୁ ସୁଖାଇ ପାଉଡର ତିଆରି କରି ଏଥିରେ ଅଳ୍ପ ମହୁ ମିଶାଇ କ୍ଷୀର ସହ ପ୍ରତିଦିନ ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼େ। ଏଥିସହ ଅନେକ ରୋଗରୁ ମୁକ୍ତ ମିଳିଥାଏ।

➲ ଏହି ହଳଦୀର ପତ୍ରକୁ ଚୋବାଇ ଖାଇବା ଦ୍ୱାରା ପେଟ ସମସ୍ୟା ତଥା ଗ୍ୟାସଟିକ ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ। ଏହାର ଶାଖାଗୁଡିକ କୋଲେଷ୍ଟ୍ରୋଲ କମ କରିବା ପାଇଁ ସହାୟତା କରିଥାଏ। ଏଥିପାଇଁ ଆୟୁର୍ବେଦ ଶାସ୍ତ୍ରରେ କଳା ହଳଦୀର ବିଶେଷ ଚାହିଦା ରହିଛି।

ଓଜନ କମ୍ କରିବାକୁ ଚାହାଁନ୍ତି କି?

ଖାଦ୍ୟ ବିଶେଷଜ୍ଞଙ୍କ ମତରେ ବର୍ଷାଦିନରେ କେତୋଟି ନିୟମ ମାନି ଭୋଜନ କଲେ ଓଜନ କମ୍ ହୁଏ। ପ୍ରତି ସପ୍ତାହରେ ଖାଦ୍ୟତାଲିକା ପ୍ରସ୍ତୁତ କରି ସେଇ ଅନୁସାରେ ଖାଇବା ସମସ୍ତଙ୍କ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଏ।

➲ ଆଣ୍ଟିଅକ୍ସିଡାଣ୍ଟ ଭରପୂର ସମସ୍ତ ପ୍ରକାର ବର୍ଷାଦିନିଆ ଫଳକୁ ନିୟମିତ ଭାବେ ଖାଆନ୍ତୁ। ଏଇ ଋତୁରେ ବଜାରରେ ଅଙ୍ଗୁର, ଜାମୁକୋଳି, ଆଡ ମିଳୁଥିବାବେଳେ ସକାଳ ଜଳଖିଆରେ ଏସବୁ ଖାଇବା ଭଲ। ଫଳ ଖାଇଲେ ଶରୀରକୁ ଶକ୍ତି ମିଳିବା ସହ ବାରମ୍ବାର ଭୋକ ଲାଗେ ନାହିଁ।

➲ ଅନ୍ୟ ଏକ ମୁଖ୍ୟ କଥା ଖାଇବାର ସମୟ ରଖନ୍ତୁ। ସକାଳ ୮ଟାବେଳେ ଜଳଖିଆ ଖାଇଲେ ପୁଣି ଦିନ ୧୧ଟା ବେଳକୁ କୌଣସି ଫଳ କିମ୍ବା ଫଳରସ ପିଇବା ଭଲ। ସମୟକ୍ରମେ ଏହି ଅଭ୍ୟାସ ହିଁ ଆପଣଙ୍କ ଓଜନ କମ୍ କରିବାରେ ସହାୟକ ହେବ।

➲ ପ୍ରତିଥର ଭୋଜନ ପୂର୍ବରୁ ୧-୨ ଗିଲାସ ପାଣି ପିଇବାକୁ ଚେଷ୍ଟା କରନ୍ତୁ। ଭୋଜନ ପରେ ମଧ୍ୟ ପାଣି ପିଇବା ଭଲ। ପୁରା ଦିନ ଭିତରେ ୯-୧୦ ଗିଲାସ ପାଣି ପିଇବାର ଅଭ୍ୟାସ ରଖିବା ଜରୁରୀ।

➲ ପନିପରିବା ମିଶା ସୁପ୍ ତିଆରି କରି ଦିନକୁ ଥରୁଟିଏ ନିଶ୍ଚୟ ପିଅନ୍ତୁ। ଏହି ସୁପ୍ ପିଇଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼େ।

➲ ବର୍ଷାଦିନେ ସକାଳ ବେଳା ଅଦା ଚା' ପିଇବାର ଅଭ୍ୟାସ ରଖିବା ଭଲ। ଅଦା ଚା' ଶରୀରକୁ ଶକ୍ତି ଯୋଗାଇବା ସହ ଓଜନ କମ୍ କରିବାରେ ସହାୟକ ହୋଇଥାଏ।

➲ ବାହାରକୁ ପ୍ରାତଃ ଭ୍ରମଣ ପାଇଁ ଯାଇପାରୁନଥିଲେ, ଘର ଭିତରେ ଚଲାବୁଲାର ଅଭ୍ୟାସ ରଖିବା ଭଲ। ଅତିକମ୍‌ରେ ୨୦-୩୦ ମିନିଟ୍ ଚାଲିଲେ ତାହା ଶରୀର ପାଇଁ ବ୍ୟାୟାମ ଭଳି କାମ କରେ।



ସ୍ୱାସ୍ଥ୍ୟ ପାଇଁ ସୋରିଷ ତେଲ କେତେ ଭଲ?

ବିଶେଷକରି ଭାରତୀୟ ବ୍ୟଞ୍ଜନରେ ସୋରିଷ ତେଲକୁ ବ୍ୟବହାର କରାଯାଇଥାଏ। ଖାଦ୍ୟର ସ୍ୱାଦ ବଢ଼ାଇବା ପାଇଁ ଅନେକଙ୍କ ଘରେ ଏହି ତେଲ ବ୍ୟବହାର ହୁଏ। ସୋରିଷ ତେଲ ସ୍ୱାସ୍ଥ୍ୟ ପାଇଁ ଏଥିରେ ମୋନୋସାଚୁରେଟେଡ୍ ଫ୍ୟାଟି ଏସିଡ୍ ରହିଛି ଯାହା ହୃଦ ରୋଗର ସମ୍ଭାବନା କମ କରିଥାଏ। ତେବେ ସୋରିଷ ତେଲର ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ରହିଛି। ତେବେ ଆମ ଶରୀର ପାଇଁ ସୋରିଷ ତେଲ କେତେ ଭଲ ଓ କେତେ ଖରାପ ଆସନ୍ତୁ ଜାଣିବା।

● ଅନେକ ଗବେଷଣାରୁ ଜଣାପଡ଼ିଛି ଯେ ସୋରିଷ ତେଲରେ ବହୁ ମାତ୍ରାରେ ଏରିକ ଏସିଡ ଅଛି ଯାହା ଅତ୍ୟନ୍ତ ବିଷାକ୍ତ। ଏରିଟିକ ଏସିଡର ଉଚ୍ଚ ସ୍ତର ହୃଦୟକୁ ପ୍ରଭାବିତ କରିଥାଏ। ଅଧିକ ସୋରିଷ ତେଲ ଖାଇବା ହୃଦୟରେ ମେଦ ବଢ଼ିଯାଇଥାଏ। ଫଳରେ ହୃଦରୋଗ ଜନିତ ସମସ୍ୟା ବଢ଼ିବା ଅଶଙ୍କା ରହିଥାଏ।

● ହୃଦ ସମ୍ବନ୍ଧୀୟ ସମସ୍ୟା ବଢ଼ାଇବା ସହ ଏହା ଫୁସଫୁସ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରିଥାଏ। ପ୍ରାରମ୍ଭିକ ଚରଣରେ ଏହା ଶ୍ୱାସ ତନ୍ତ୍ରକୁ ପ୍ରଭ୍ୱିତ କରିଥାଏ ଯେଉଁଥିପାଇଁ ନିଶ୍ୱାସ ନେବାରେ ଅସୁବିଧା ହୋଇଥାଏ। ଅଧିକ ସମୟ ଧରି ସୋରିଷ ତେଲ ସେବନ କଲେ ଫୁସଫୁସ କ୍ୟାନସର ହେବା ସମ୍ଭାବନା ରହିଛି।

● ସୋରିଷ ତେଲରେ ଆଉ ଏକ ହାନିକାରକ ରାସାୟନିକ ପଦାର୍ଥ ରହିଛି ଯାହାକୁ ଏଲିଲ୍ ଆଇସୋଥିଓସିଆନେଟ୍ କୁହାଯାଏ। ଏହା ଫୁସଫୁସ, ପାକସ୍ଥଳୀ, ଅନ୍ତନଳୀ ଇତ୍ୟାଦିରେ କ୍ଷତ ସୃଷ୍ଟି କରିପାରେ।

□ ସୋରିଷ ତେଲ ତ୍ୱଚାକୁ ମଧ୍ୟ ପ୍ରଭାବିତ କରିଥାଏ। ଅଧ୍ୟୟନରୁ ଜଣାପଡ଼ିଛି ଯେ ଏହା ତ୍ୱଚାର କାର୍ଯ୍ୟକୁ ପ୍ରତିରୋଧ କରିଥାଏ। ଯାହାଦ୍ୱାରା ଏପିଡର୍ମାଲ୍ କେରାଟିନୋସାଇଟ୍ ଗଠନରେ ବାଧା ସୃଷ୍ଟି ହୋଇଥାଏ।

● ସୋରିଷ ତେଲରୁ ତ୍ୱଚାରେ ଆଲର୍ଜି ଭଳି ସମସ୍ୟା ମଧ୍ୟ ଦେଖାଦିଏ। ମୁଖ୍ୟତଃ ଇମ୍ୟୁନୋଗ୍ଲୋବୁଲିନ୍ ଇ କିମ୍ବା ଆଇଜିଆଇ ମଧ୍ୟସ୍ଥତା ଭଳି ଆଲର୍ଜି ସୃଷ୍ଟି କରିଥାଏ। ଫଳରେ କୁଞ୍ଚେଇ ହେବା, ତ୍ୱଚା ନାଲି ପଡ଼ିଯିବା, ତ୍ୱଚା ଶୁଷ୍କ ହୋଇଯିବା ଭଳି ସମସ୍ୟା ଦେଖାଦେଇଥାଏ।

● ଅତ୍ୟଧିକ ସୋରିଷ ତେଲ ଖାଇବା ଦ୍ୱାରା ରାଇନାଇଟିସ୍ ହେବା ସମ୍ଭାବନା। ଶ୍ୱାସ ନଳୀରେ ଥିବା କୋଷଗୁଡିକରେ ଛିଦ୍ର ସୃଷ୍ଟି ହୋଇଥାଏ। ଫଳରେ କାଶ, ଛିଙ୍କ, ନାକ ବୋହିବା ଭଳି ସମସ୍ୟା ଦେଖାଥାଏ।

● ଗର୍ଭବତୀ ମହିଳା ସୋରିଷ ତେଲ ସେବନ କରିବା ଉଚିତ ନୁହେଁ। କାରଣ ଏଥିରେ ଥିବା କିଛି ରାସାୟନିକ ପଦାର୍ଥ ଭ୍ରୂଣ ସହ ଗର୍ଭବତୀ ମହିଳାଙ୍କ ପାଇଁ ହାନିକାରକ ହୋଇଥାଏ।

ମୁହଁର ଦାଗ ପାଇଁ ଚିନ୍ତିତ କି?

ମହୁ: ପିଇବା ପାଣିରେ ନିୟମିତ ଏକ ଚାମଚ ମହୁ ମିଶାଇ ପିଇବା ଦ୍ୱାରା ମୁହଁ ଚର୍ମ ନରମ ହେବା ସହ ଚମିକ ଥାଏ।

ପୁଦିନା ପତ୍ର: ପୁଦିନା ପତ୍ରର ପାଣି ପିଇବା ଦ୍ୱାରା ପେଟ ସଫା ହୋଇଥାଏ। ରକ୍ତ ପରିଷ୍କାର କରିଥାଏ। ଫଳରେ ମୁହଁରେ ଦାଗ ଦୂର ହୋଇଥାଏ।

ଡ଼ାଲଚିନି: ପାଣିରେ ଅଳ୍ପ ଡ଼ାଲଚିନି ଗୁଣ୍ଡ ପକାଇ ଏହାକୁ ଫୁଟାଇ ଦିଅନ୍ତୁ। ଏହା ପରେ ଏହାକୁ ଛାଣି ଦେଇ ପିଅନ୍ତୁ। ଏହା ମୁହଁର ବିଭିନ୍ନ ଦାଗକୁ ଦୂର କରିବା ସହ ମୁହଁ ଉଜ୍ୱଳ କରିଥାଏ।

ଲେମ୍ବୁ ରସ: ପିଇବା ପାଣିରେ କିଛି ଲେମ୍ବୁ ରସ ମିଶାଇ ପିଇବା ଦ୍ୱାରା ପାଚନ କ୍ରିୟା ସୁସ୍ଥ ରହିବା ସହ ଦୂଷିତ ପଦାର୍ଥ ଶରୀରରୁ ବାହାର କରି ଦେଇଥାଏ। ଫଳରେ ମୁହଁର ଦାଗ ମଧ୍ୟ ଦୂର ହୋଇଥାଏ।

ଲିଚୁ: ପିଇବା ପାଣିରେ ଲିଚୁର ରସ ମିଶାଇ ପିଇବା ଦ୍ୱାରା ମଧ୍ୟ ଏହା ମୁହଁର ସମସ୍ତ ଦାଗକୁ ଦୂର କରିଥାଏ। ଏଥିରେ ଥିବା ଭିଟାମିନ ସି ଓ ଆଣ୍ଟିଅକ୍ସିଡ଼ାଣ୍ଟ ମୁହଁର ରଙ୍ଗ ଗୋରା କରିଥାଏ।

ପାଖରେ ଇନ୍ଦ୍ରାବତୀ, ଶୁଖିଲା ପଡ଼ିଛି କ୍ଷେତ

ଚିନ୍ତାରେ ଶହ ଶହ ଚାଷୀ

କଳାହାଣ୍ଡି,୨୬।୧୦ (ସଂଚାର ବ୍ୟୁରୋ): ଚଳିତ ବର୍ଷ ରାଜ୍ୟରେ ପ୍ରବଳ ବର୍ଷା ହେଲା, କେତେକାଂଶରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ନଦୀନାଳ ଉଛୁଳିଲା। କିନ୍ତୁ ବନ୍ୟାର ମାତ୍ର କିଛି ଦିନ ନ ପୂରୁଣୁ କ୍ଷେତରେ ଏବେ ଦେଖାଦେଇଛି ଭୟଙ୍କର ମରୁଡ଼ି ସ୍ଥିତି। କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଧନସୁଲି ପଞ୍ଚାୟତରୁ ଆସିଛି ଅନ୍ନଦାତାଙ୍କ ଏଭଳି ଏକ ହୃଦୟବିଦାରକ ଚିତ୍ର। ପାଖରେ ବିଶାଳ ଇନ୍ଦ୍ରାବତୀ ଜଳଭଣ୍ଡାର ଥାଇ ମଧ୍ୟ ପାଣି ଅଭାବରୁ ଶହ ଶହ ଏକର ସୁନାର ଫସଲ ଏବେ ପାଉଁଶ ପାଲଟିଛି। ସରକାରୀ ସର୍ଭେ ପରେ ବି ଲିଫ୍ଟ ଇରିଗେସନ୍ ଅନ୍ୟତ୍ର ନିର୍ମାଣ କରିଦେଲା ପ୍ରଶାସନ। କିଛି ଦିନ ତଳେ ଆକାଶରୁ ଅଜାଡ଼ି ହୋଇପଡ଼ିଥିଲା ପ୍ରବଳ ବର୍ଷା। ନଦୀନାଳ ଉଛୁଳି କେତେକାଂଶରେ ସୃଷ୍ଟି ହୋଇଥିଲା ବନ୍ୟା। ବିଶାଳ ଇନ୍ଦ୍ରାବତୀ ଜଳଭଣ୍ଡାର ମଧ୍ୟ ପାଣିରେ ଛଳଛଳ ହୋଇଉଠିଲା। କିନ୍ତୁ ପ୍ରକୃତିର ସେହି ଅମାପ ଜଳରାଶି ସତ୍ତ୍ୱେ, ଶୁଖିଲା ପଡ଼ିଛି କ୍ଷେତ। ଏ ଚିତ୍ର ହେଉଛି ଜୟପାଟଣା ବ୍ଲକ ଧନସୁଲି ପଞ୍ଚାୟତ କେନ୍ଦୁଗୁଡ଼ା ଏବଂ ପଣ୍ଡିଗାଁର। ଏଠି ନଦୀ, ଡ୍ୟାମ୍ ସବୁ ଅଛି। ହେଲେ କ୍ଷେତକୁ ପାଣି ପହଞ୍ଚିପାରୁନି। ବର୍ଷା ଋତୁ ପରେ ଧାନ ଗର୍ଭଧାରଣ ସମୟରେ ପାଣି ନିହାତି ଜରୁରୀ। ଏହି ସମୟରେ ହିଁ ଜଳସେଚନର ଅଭାବ ଯୋଗୁଁ ଫାଟି ଆଁ କରିଛି ଚାଷ ଜମି। ନଷ୍ଟ ହୋଇଯାଇଛି ଫସଲ, ପାଉଁଶ ହୋଇଯାଇଛି ଚାଷୀର ସ୍ୱପ୍ନ। ଗାଁ ଲୋକଙ୍କ ଅଭିଯୋଗ ଯେ, କିଛି ବର୍ଷ ତଳେ ଏକ ଉଠା ଜଳସେଚନ ପ୍ରକଳ୍ପ ନିମନ୍ତେ ସରକାରୀ ସର୍ଭେ କରାଯାଇଥିଲା। ବିଭାଗୀୟ ଅଧିକାରୀ ଆସିଲେ, ମାପଚୁପ କଲେ, ଚାଷୀଙ୍କୁ ବଡ଼ବଡ଼ ସ୍ୱପ୍ନ ଦେଖାଇଲେ। ହେଲେ ପ୍ରକୃତ ଜାଗାରେ ପ୍ରକଳ୍ପ ନିର୍ମାଣ ନକରି କନକପୁରକୁ ସ୍ଥାନାନ୍ତରିତ କରିଦେଲା ପ୍ରଶାସନ! ଫଳରେ କେନ୍ଦୁଗୁଡ଼ା ଓ ପଣ୍ଡିଗାଁର ଶହଶହ ଏକର ଚାଷଜମି ପ୍ରତିବର୍ଷ ପାଣି ମୁଦାଏ ନ ପାଇ ଜଳିପୋଡ଼ି ପାଉଁଶ ହେଉଛି। ଶହଶହ ଏକର ଫସଲ ନଷ୍ଟ ହେବା ପରେ ଚାଷୀ ଆଖିରୁ ନିଦ ହଜିଯାଇଛି। ବ୍ୟାଙ୍କ ଋଣ କିପରି ଶୁଝିବେ? ସାହୁକାରଠୁ ଆଣିଥିବା ଚଢ଼ା ସୁଧର କରଜ ଟଙ୍କା କିଭଳି ପରିଶୋଧ କରିବେ? ସେଇ ଚିନ୍ତା ଘାରୁଛି। ଏହି ଅଞ୍ଚଳରେ ତୁରନ୍ତ ଏକ ଉଠା ଜଳସେଚନ ପ୍ରକଳ୍ପ ସହ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବା ପାଇଁ ଦାବି ହୋଇଛି।

● ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଆରମ୍ଭ

ଅଧିକାରୀଙ୍କୁ ସାଧୁତାର ଶପଥ ପାଠ କରାଇଲେ ଜିଲ୍ଲାପାଳ

କଳାହାଣ୍ଡି,୨୬।୧୦ (ସଂଚାର ବ୍ୟୁରୋ): ଓଡ଼ିଶା ସରକାର ତଥା ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ସରକାରୀ କାର୍ଯ୍ୟରେ ସଚ୍ଚୋଟତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱବୋଧକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜିଠାରୁ କଳାହାଣ୍ଡି ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ- ୨୦୨୬ ଆରମ୍ଭ ହୋଇଛି। ଏହି ଅବସରରେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିରରେ ଯୋଗଦେଇଥିବା ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ସାଧୁତାର ଶପଥ ପାଠ କରାଇଥିଲେ। ସେହିପରି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲ୍ଲାପାଳଙ୍କ କାର୍ଯ୍ୟଳୟର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ଏଥିସହ ଜିଲ୍ଲାର ସଦର ମହକୁମା, ଉପଖଣ୍ଡ ଓ ବ୍ଲକ ର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ମଧ୍ୟ ଅଧିକାରୀ ଓ କର୍ମଚାରୀମାନେ ସାଧୁତାର ଶପଥ ଗ୍ରହଣ କରି ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା, ନୈତିକତା ଓ ନିଷ୍ଠା ବଜାୟ ରଖିବା ସହ ଦୁର୍ନୀତିମୁକ୍ତ ପ୍ରଶାସନ ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ ଯେ, ସାତ ଦିନବ୍ୟାପୀ ଏହି ସଚେତନତା ସପ୍ତାହ ପାଳନ ଅବସରରେ ଦୁର୍ନୀତିର କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ସହ ସମାଜରେ ସଚ୍ଚୋଟତା ଓ ନୈତିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ନିମନ୍ତେ ଜିଲ୍ଲାବ୍ୟାପୀ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

ଘରକୁ ଘର ବୁଲି ଭୋଟର ତାଲିକା ସର୍ବେକ୍ଷଣ ଅଭିଯାନ ଆରମ୍ଭ

ବଲାଙ୍ଗୀର,୨୬।୧୦(ସଂଚାର ବ୍ୟୁରୋ): ଆଗାମୀ ୨୦୨୬ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ବଲାଙ୍ଗୀର ଜିଲ୍ଲାରେ ଘରକୁ ଘର ବୁଲି ଭୋଟର ତାଲିକା ସର୍ବେକ୍ଷଣ ଅଭିଯାନ ଆଜିଠାରୁ ଆରମ୍ଭ ହୋଇଛି। ଏହି ଅଭିଯାନର ବ୍ୟାପକ ପ୍ରଚାରପ୍ରସାର ଓ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଗୌରଙ୍ଗ ଶିଙ୍ଗାଜୀ ଇସଲଙ୍ଗାର ସଚେତନତା ଗାଡ଼ିର ଶୁଭାରମ୍ଭ କରିଛନ୍ତି। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟର ତାଲିକାକୁ ନିର୍ଭୁଲ, ସଠିକ୍ ଓ ଅଦ୍ୟତନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏହି ପ୍ରକ୍ରିୟାରେ ଘରକୁ ଘର ଯାଇ ଭୋଟରଙ୍କ ସମ୍ପର୍କିତ ତଥ୍ୟ ଯାଞ୍ଚ କରାଯିବା ସହ ଯୋଗ୍ୟ ନାଗରିକଙ୍କ ନାମ ତାଲିକାରେ ସାମିଲ କରାଯିବ ଏବଂ ଆବଶ୍ୟକ ସଂଶୋଧନ ପାଇଁ ପଦକ୍ଷେପ ନିଆଯିବ। ଏହାଦ୍ୱାରା ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଓ ବ୍ୟବସ୍ଥିତ ହୋଇପାରିବ। ଏହି ସର୍ବେକ୍ଷଣ କାର୍ଯ୍ୟ ଅକ୍ଟୋବର ୨୬ରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାର ସଫଳ ରୂପାୟନ ପାଇଁ ପୂର୍ବରୁ ବଲାଙ୍ଗୀର, ପାଟଣାଗଡ଼ ଓ ଟିଟିଲାଗଡ଼ ଉପଖଣ୍ଡରେ ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ବ୍ଲକସ୍ତରରେ ବୁଥ୍ ସ୍ତରୀୟ ଟିମ୍‌ଗୁଡ଼ିକୁ ତାଲିମ ପ୍ରଦାନ କରି ସର୍ବେକ୍ଷଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପନ୍ନ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଉପଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମାରୀମାନେ ଉପସ୍ଥିତ ଥିଲେ।

ଶ୍ରୀ ବନ୍ଦରଜାଙ୍କ ଭବ୍ୟ କଳସ ଶୋଭାଯାତ୍ରା

ଲାଞ୍ଜିଗଡ଼, ୨୬।୧୦ (ସଂଚାର ବ୍ୟୁରୋ): ଭକ୍ତି, ଶ୍ରଦ୍ଧା ଓ ଆସ୍ଥାର ଅପୂର୍ବ ସମାଗମ ମଧ୍ୟରେ ଲାଞ୍ଜିଗଡ଼ ବ୍ଲକ ବେନଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତଳଦମାଘାଟିରେ ପ୍ରଭୁ ବନ୍ଦରଜାଙ୍କ ଭବ୍ୟ କଳସ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏହି ଧାର୍ମିକ ଆୟୋଜନରେ ଶତାଧିକ ମହିଳା ଶ୍ରଦ୍ଧାଳୁ ସାମିଲ ହୋଇ ପ୍ରଭୁଙ୍କ ପ୍ରତି ନିଜର ଭକ୍ତି ଓ ସମର୍ପଣ ଭାବ ପ୍ରକାଶ କରିଥିଲେ। ପ୍ରଭୁଙ୍କ ଆରାଧନା ଓ ଜଳ ଅର୍ପଣ ମାଧ୍ୟମରେ ଶ୍ରଦ୍ଧାଳୁମାନେ ସୁଖ, ଶାନ୍ତି ଓ ମଙ୍ଗଳ କାମନା କରିଥିଲେ। ଭକ୍ତିରେ ଭରିଲା ମନ, ଶ୍ରଦ୍ଧାରେ ନଇଁଲା ମଥା, ପ୍ରଭୁଙ୍କ ନାମରେ ମୁଖରିତ ହେଲା ପରିବେଶ। ଏଭଳି ଏକ ଆଧ୍ୟାତ୍ମିକ ମାହୋଲ ମଧ୍ୟରେ ଅନୁଷ୍ଠିତ କଳସ ଶୋଭାଯାତ୍ରା ଅଞ୍ଚଳରେ ଧାର୍ମିକ ଉତ୍ସାହ ସୃଷ୍ଟି କରିଥିଲା। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ ପ୍ରଭୁ ଶ୍ରୀ ବନ୍ଦରଜାଙ୍କ ନିକଟରେ ଜଳ ଲାଗି କଲେ ମାନସିକ ପୂରଣ ହେବା ସହ ପରିବାରର ମଙ୍ଗଳ ହୋଇଥାଏ।ଏହି ଆସ୍ଥାକୁ ନେଇ ଶ୍ରଦ୍ଧାଳୁମାନେ ମନ୍ଦିର ନିକଟସ୍ଥ ନାଳରୁ ଜଳ ସଂଗ୍ରହ କରି ପ୍ରଭୁଙ୍କ ମନ୍ଦିରରେ ଅର୍ପଣ କରିଥିଲେ।

ସେବାମୂଳକ କାର୍ଯ୍ୟକ୍ରମ ସହ ନିଜର ଜନ୍ମଦିନ ପାଳିଲେ

ବାଲିପାଟଣା, ୨୬।୧୦ (ସଂଚାର ବ୍ୟୁରୋ): ନିଜ ଜନ୍ମଦିନକୁ ସେବାମୂଳକ କାର୍ଯ୍ୟକ୍ରମ ଜରିଆରେ ପାଳନ କରିଛନ୍ତି ଯୁବ ସାମ୍ବାଦିକ ପ୍ରଳୟ କୁମାର ଦାସ। ଏହି ଅବସରରେ ରାଜଧାନୀର କ୍ୟାପିଟାଲ ହସ୍ପିଟାଲ ରକ୍ତଭଣ୍ଡାର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଯୁବ ସାମ୍ବାଦିକ, ଶୁଭେଚ୍ଛୁ ଓ ସମାଜସେବୀ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।ଏହାପରେ ଏକ ସ୍ଥାନୀୟ ବୃଦ୍ଧାଶ୍ରମରେ ଅନ୍ତେବାସୀମାନଙ୍କୁ ମହାପ୍ରସାଦ ବଣ୍ଟନ କରାଯାଇଥିଲା। ବୃଦ୍ଧବୃଦ୍ଧାମାନଙ୍କ ଗ୍ରହଣରେ ଏପରି ଏକ ସେବା କାର୍ଯ୍ୟକ୍ରମ ସମସ୍ତଙ୍କ ମନରେ ଆନନ୍ଦ ଭରିଦେଇଥିଲା। ଜନ୍ମଦିନ ଭଳି ଏକ ଶୁଭ ଦିନରେ ଏଭଳି ଜନକଲ୍ୟାଣକାରୀ କାର୍ଯ୍ୟ ପାଇଁ ସାମ୍ବାଦିକ ପ୍ରଳୟ କୁମାର ଦାସଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ସାଧୁବାଦ ଜ୍ଞାପନ କରାଯାଇଛି।

କଳାହାଣ୍ଡି ଜିଲ୍ଲା ଗଠନ ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଭବାନୀପାଟଣା,୨୬।୧୦(ସଂଚାର ବ୍ୟୁରୋ): ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ୭୭ ତମ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ୨୦୨୬ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଉପ ଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷ୍ୟା ଅଗ୍ରୱାଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ବିଶିଷ୍ଟ ସମାଜସେବୀ ଯୁଗଳ କିଶୋର ପୋଡ଼, ଉପ ନିର୍ଦ୍ଦେଶକ ଯୋଜନା ଏବଂ ସ୍ୱ ମନ୍ତ୍ରୟ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଶିକ୍ଷାବିତ୍ ଡ଼ ଅଜୟ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଙ୍କ ସମେତ ଜିଲ୍ଲା ସଂସ୍କୃତି ପରିଷଦ ର ସମସ୍ତ ସଭ୍ୟ, ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା, ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଏଜେଣ୍ଡା ଅନୁଯାୟୀ ଦିବସ ପାଳନ ର କାର୍ଯ୍ୟସୂଚୀ ପାଠ କଲେ। ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଆସନ୍ତା ୧.୧୧.୨୦୨୬ ରିଖ ରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ଗଠନ ଦିବସ ରେ ମାଆ ମାଣିକେଶ୍ୱରୀ ମନ୍ଦିର ନିକଟରୁ ପୂଜାର୍ଚ୍ଚନା ପରେ ଏକ ମଶାଲ ଶୋଭାଯାତ୍ରା ବାହାରି ଟାଉନ ହଲ ଠାରେ ପହଞ୍ଚିବ ଏବଂ ସେଠାରେ ସଭା କାର୍ଯ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ।ଏହି ମଶାଲ ଶୋଭାଯାତ୍ରା ରେ ସାଂସ୍କୃତିକ ନୃତ୍ୟଦଳ, ଜନ ପ୍ରତିନିଧି, ଏନ ସି ସି କ୍ୟାଡେଟ୍ ଏବଂ ଏନ୍ ଏସ ଏ ଛାତ୍ର, ସହରର ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ର କର୍ମକର୍ତ୍ତା, ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ସାମିଲ ହେବେ। ସ୍ଥାନୀୟ ଜେଲ ଛକ ଠାରୁ ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ରାହାଗିରି ପଥ ଉତ୍ସବ ଅନୁଷ୍ଠିତ ହେବ।

'ସୁରକ୍ଷିତ ଶୈଶବ ଅଭିଯାନ' କେନ୍ଦ୍ରୀୟ ବିଦ୍ୟାଳୟ ଠାରେ ସଚେତନତା ଅଭିଯାନ

ସୁବର୍ଣ୍ଣପୁର,୨୬।୧୦(ସଂଚାର ବ୍ୟୁରୋ): ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ଅନୁକୂଲ୍ୟରେ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ ସୋନପୁର ଠାରେ ସୁରକ୍ଷିତ ଶୈଶବ ଅଭିଯାନ, ଏକ ପାନ ଇଣ୍ଡିଆ ବିଦ୍ୟାଳୟ ସଚେତନତା ଅଭିଯାନ, ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଆଇନ ୨୦୧୨ ଆରମ୍ଭ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ଦେବାଶିଷ ଦାଶ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଆଇନ ବିଷୟରେ ଆଲୋଚନା କରି ଉକ୍ତ ଆଇନ ଅଧୀନରେ ଆସୁଥିବା ଅପରାଧ ଏବଂ ଦଣ୍ଡ ଉପରେ ଛାତ୍ର ଛାତ୍ରୀ ଙ୍କୁ ବୁଝାଇଥିଲେ। ସୁଶାନ୍ତ କୁମାର ନାୟକ, ଉପ-ଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ଅଧିକାରୀ ସୋନପୁର ଯୋଗଦେଇ ପୋକ୍ସୋ ଆଇନ ରେ ବିଭିନ୍ନ ଧାରା ବିଷୟରେ ସବିଶେଷ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିଶୁ ମଙ୍ଗଳ କମିଟି ର ସଦସ୍ୟ ଶ୍ରୀମତୀ ଅଞ୍ଜଳି ନେଗୀ ଛାତ୍ର ଛାତ୍ରୀଙ୍କୁ ସୁରକ୍ଷିତ ସ୍ପର୍ଶ ଏବଂ ଅସୁରକ୍ଷିତ ସ୍ପର୍ଶ ତଥା ସତର୍କତାମୂଳକ ସଂକେତ ବିଷୟରେ ଆଲୋକପାତ କରିଥିଲେ। ଭାସ୍କର ବାବୁ ଶ୍ରାଦ୍ଧକର ଦାଶ, ଆଇନ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ତରଫରୁ ଯୋଗ ଦେଇ ପୋକ୍ସୋ ଆଇନ ର ଅନ୍ୟାନ୍ୟ ଧାରା ବିଷୟରେ ବୁଝାଇଥିଲେ।

ଯୁଗ୍ମ ଅଭିଯୋଗ ଶୁଣାଣି: ୫୭ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର,୨୬।୧୦(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଦେବାଶିଷ ସିଂ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୫୭ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୯ଟି ବ୍ୟକ୍ତିଗତ ଏବଂ ୦୮ଟି ସାମୂହିକ ଦରଖାସ୍ତ ଥିଲା। ଏଥିମଧ୍ୟରୁ ୫ଟି ଅଭିଯୋଗର ଜନଶୁଣାଣୀ ସ୍ଥଳରେ ସମାଧାନ କରାଯାଇଥିଲା। ବାକି ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ ସୁରେନ୍ଦ୍ର ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଉଷାରାଣୀ ଦାସ, ଉଲୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ ବାଡା ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ତାଙ୍କର ବ୍ଲକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ପଞ୍ଚାୟତ କାର୍ଯ୍ୟାଳୟରେ ସାଧୁତାର ଶପଥ ପାଠ

ସଚ୍ଚୋଟତାର ସହ କାର୍ଯ୍ୟ କରିବାକୁ ଶପଥ ନେଲେ ଅଧିକାରୀ ଓ କର୍ମଚାରୀ

ସୁବର୍ଣ୍ଣପୁର,୨୬।୧୦ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଆଜି ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଦୁର୍ନୀତି ନିବାରଣ ସଚେତନତା ସପ୍ତାହର ବିଷୟବସ୍ତୁ ହେଉଛି 'ସାଧୁତାରୁ ସମୃଦ୍ଧି'। ଏହି ଅବସରରେ ଜିଲ୍ଲାପାଳ ଦେବାଶିଷ ସିଂ, ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରାଣୀ ଦାସଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି 'ନାଗରିକଙ୍କ ପାଇଁ ସାଧୁତାର ଶପଥ' ପାଠ କରିଥିଲେ। ସରକାରୀ ସେବାରେ ସ୍ୱଚ୍ଛତା ଓ ଦାୟିତ୍ୱବୋଧ ବଜାୟ ରଖିବା ସହ ଦୁ